


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 JANUARY 2021

Vol.No. 31 ■ No. 09 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମାହାଙ୍ଗା ଡବଲ ମର୍ଡର ମାମଲାର ତଦନ୍ତ ୧୦ ଦିନରେ ସରିବ : ଡିଜିପି

ଭୁବନେଶ୍ୱର,୦୮।୦୧ (ନି.ପ୍ର): ମାହାଙ୍ଗା ବିଜେପି ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହଙ୍କ ହତ୍ୟାର ତଦନ୍ତ ଜଣେ ଡିଆଇଜି ରାଙ୍କର ଅଫିସରଙ୍କ ଦ୍ୱାରା କରାଯିବ। ୧୦ ଦିନ ଭିତରେ ତଦନ୍ତ ସରିବ। ରାଜ୍ୟ ବିଜେପି ପ୍ରତିନିଧିଙ୍କୁ ଆଜି ଡିଜିପି ଅଭୟ ଏପରି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏତାଲାରେ ଥିବା ସବୁ ଅଭିଯୁକ୍ତଙ୍କୁ ଜେରା ପ୍ରସଙ୍ଗରେ ଡିଜିପି ଅସହାୟତା ପ୍ରକାଶ କରିଥିବା ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ଅଭିଯୁକ୍ତଙ୍କ



ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଆଜି ଏକ ବିଜେପି ପ୍ରତିନିଧି ଦଳ ଡିଜିପି ଅଭୟଙ୍କୁ ଭେଟିଥିଲେ। ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ଧରି ହୋଇଥିଲା ଆଲୋଚନା। ପରେ ବିଜେପି ପ୍ରତିନିଧି ଦଳ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡିଜିପିଙ୍କ ସହିତ ଆଲୋଚନା ପରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି-"ଆଜି ଆମେ ଡିଜିଙ୍କ ସହିତ ୩ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କଲୁ। ଏହି ସମୟରେ ଡିଜି ଅସହାୟତା ପ୍ରକାଶ କରୁଥିବା ଅନୁଭବ କଲୁ। ଅସହିଷ୍ଣୁତା ଭାବ ପ୍ରକାଶ କରାଯାଇ ମହାଙ୍ଗାରେ ଦୁଇ ଜଣ ବିଜେପି ନେତାଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛୁ।" ସେ କହିଛନ୍ତି- "ପଞ୍ଚାୟତ ସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ଘୋଟାଲାର ଚେର ପଞ୍ଚାୟତସ୍ତରରୁ ବ୍ଲକ ପର୍ଯ୍ୟନ୍ତ ଲମ୍ବିଛି। ଏହାକୁ ପ୍ରତିବାଦ କରାଯାଉଥିଲା।

▶▶ପୃଷ୍ଠା ୭

## ମଣ୍ଡିକୁ ମିଳୁଥିବା କେନ୍ଦ୍ରୀୟ ଅର୍ଥର ହରିଲୁଟ୍ ହେଉଛି: ବିଜୟ ପାଲ ସିଂ ତୋମର

ଭୁବନେଶ୍ୱର,୦୮।୦୧ (ନି.ପ୍ର): ରାଜ୍ୟରେ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ବିଜେପି ତରଫରୁ ଚାଲିଥିବା ମଣ୍ଡିଚାଲ ଅଭିଯାନ କ୍ରମରେ ଆଜି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଧାନମଣ୍ଡିକୁ ରାଜ୍ୟ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ଗ୍ରସ୍ତ କରିଥିଲେ। ବିଜେପିର ଓଡିଶା ସହପ୍ରଭାରୀ ଶ୍ରୀ ବିଜୟ ପାଲ ସିଂ ତୋମର ଏବଂ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚ ପ୍ରତିନିଧିମଣ୍ଡଳୀ ଧାନମଣ୍ଡିରେ ପହଂଚି କୃଷକ ପଂଚାୟତ କରିଥିଲେ। ୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଅର୍ଥ ଦେଇଥିଲେ ମଧ ରାଜ୍ୟସରକାର ଏଠାରେ ଧାନର ଅଭାବୀ ବିକ୍ରି କରୁଛନ୍ତି। ଧାର୍ଯ୍ୟ ଧାନ ବାଦ ଅବଶିଷ୍ଟ ଧାନକୁ ରାଜ୍ୟସରକାର ଚାଷୀଙ୍କ ଠାରୁ

▶▶ପୃଷ୍ଠା ୭

# ଅଷ୍ଟମ ରାଉଣ୍ଡ ବୈଠକରେ ଚାଷୀ ନେତାଙ୍କୁ ବିକଳ୍ପ ମାଗିଲେ କେନ୍ଦ୍ର ସରକାର

## ନୀରବ ରହିଲେ ଚାଷୀ ନେତା, ବିନା ଫଳାଫଳରେ ସରିଲା ବୈଠକ

ନୂଆଦିଲ୍ଲୀ,୦୮।୦୧ (ନି.ପ୍ର): ଆଜି ସରକାର ଓ କୃଷକ ସଙ୍ଗଠନ ମଧ୍ୟରେ ଅଷ୍ଟମ ପର୍ଯ୍ୟାୟ ବୈଠକ ବସିଥିଲା । ଏହି ବୈଠକରୁ କୌଣସି ନିର୍ଯ୍ୟାସ ବାହାରିପାରିନି । କହିବାକୁ ଗଲେ ଚାଷୀ ନେତାଙ୍କୁ ମନେଇବାରେ ପୁଣି ଥରେ ସରକାର ବିଫଳ ରହିଛନ୍ତି । ଚାଷୀ ସଂଗଠନ ଆଜି ସେହି ଗୋଟିଏ ଦାବି, କେନ୍ଦ୍ର ସରକାର ନୂଆ ଆଇନ ପ୍ରତ୍ୟାହାର କରନ୍ତୁ, ଏହି ଦାବିରେ ଅଟଳ ରହିଥିଲେ । ଜାନୁଆରୀ ୧୫ରେ ପୁଣି ଥରେ ହେବ ଆଲୋଚନା । ଚାଷୀ ସଂଗଠନ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚାଲିଥିବା ଅଷ୍ଟମ ରାଉଣ୍ଡ ବୈଠକ



ଉପରେ ରହିଥିଲା ସାରା ଦେଶର ନଜର । ତେବେ ସବୁ ଆଲୋଚନା ପରି ଏଥର ବି ବୈଠକରୁ ବିଶେଷ କିଛି ମିଳିନାହିଁ । ଦେଶର ଆନ୍ଦୋଳନରତ ଚାଷୀ ସଂଗଠନଙ୍କୁ ମନେଇବାରେ କେନ୍ଦ୍ର ସରକାର ବିଫଳ ରହିଛନ୍ତି ବୋଲି କହିଲେ କିଛି ଭୁଲ୍ ହେବନାହିଁ । ବୈଠକରେ ଚାଷୀ ସଂଗଠନଙ୍କୁ କେନ୍ଦ୍ର ସରକାର ଆଇନ ପ୍ରତ୍ୟାହାର ବଦଳରେ ବିକଳ୍ପ ମାଗିଥିଲେ, ତେବେ ସେନେଇ ନୀରବ ରହିଥିଲେ ଚାଷୀ ନେତା ।

▶▶ପୃଷ୍ଠା ୭

## ଆଜିଠୁ ଖୋଲିଲା ବାବା ଧବଳେଶ୍ୱରଙ୍କ ପୀଠ : ସାଧାରଣ ଭକ୍ତଙ୍କ ଦର୍ଶନ ୧୧ରୁ



ଭୁବନେଶ୍ୱର,୦୮।୦୧ (ନି.ପ୍ର): ଶୁକ୍ରବାର ଦିନ କୋଭିଡ୍ କଟକଣା ମଧ୍ୟରେ ବାବା ଧବଳେଶ୍ୱରଙ୍କ ପୀଠ ଓ କଟକ ଚଣ୍ଡୀ ମନ୍ଦିର ଖୋଲିଥିବା ଜଣା ପଡିଛି । ତେବେ ଧବଳେଶ୍ୱର ପୀଠରେ ସାଧାରଣ ଭକ୍ତ ମାନଙ୍କ ଦର୍ଶନ ୧୧ତାରିଖରୁ ଆରମ୍ଭ ହେବ ବୋଲି ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ କୋଭିଡ୍ ଗାଇଡଲାଇନ୍ସ ଅନୁସାରେ ଶୁକ୍ରବାର ଭୋର ୪ଟାରୁ ପହଡ଼ ଖୋଲାଯାଇ ବାବା ଧବଳେଶ୍ୱରଙ୍କ ସ୍ନାନ କରାଯାଇଥିଲା।

▶▶ପୃଷ୍ଠା ୭

# ଶେଷରେ ପରାଜୟ ସ୍ୱୀକାର କଲେ ଡୋନାଲ୍ଡ ଟ୍ରମ୍ପ

## ଭିଡିଓ ଜାରି କରି ୱାଶିଂଟନ୍ ହିଂସାକୁ କଲେ ନିନ୍ଦା

ନୂଆଦିଲ୍ଲୀ,୦୮।୦୧ (ନି.ପ୍ର): ବ୍ୟାପକ ହିଂସାକାଣ୍ଡ, କ୍ୟାପିଟାଲ ବିଲଡିଂକୁ କବଜା ଉଦ୍ୟମ ଭିତରେ ଆମେରିକାରେ ଦେଖା ଦେଇଥିବା ଅଶାନ୍ତି ସ୍ଥିତି ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି । ଏବେ ଭିତରେ ନିର୍ବାଚନରେ ପରାଜୟ ସ୍ୱୀକାର କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ । ଆମେରିକା କଂଗ୍ରେସରେ ଜୋ ବାଇଡେନଙ୍କ ବିଜୟ ଘୋଷଣାକୁ ଶେଷରେ ଗ୍ରହଣ କରିବା ସହିତ ନିଜ ପରାଜୟ ସ୍ୱୀକାର କରିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଜାନୁଆରୀ ୨୦ ତାରିଖରେ ଶେଷ ହୋଇଥାନ୍ତା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ । ତେବେ ଏହା ଶେଷ ହେବାର ୧୩ ଦିନ ପୂର୍ବରୁ ପରାଜୟ ସ୍ୱିକାର କରିବାକୁ ବାଧ ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆମେରିକାର ୪୫ ତମ ରାଷ୍ଟ୍ରପତି ଭାବେ ୨୦୧୭ ଜାନୁଆରୀ ୨୦ ରେ ଦାୟିତ୍ୱ ଗ୍ରହଣ କରିଥିଲେ ଟ୍ରମ୍ପ । ଏହି ହିସାବରେ ୨୦୨୧ ଜାନୁଆରୀ ୨୦ରେ ଶେଷ ହୋଇଥାନ୍ତା ତାଙ୍କର କାର୍ଯ୍ୟକାଳ । ଏହା ଆଗରୁ ଜାନୁୟାରୀ ୬ ତାରିଖରେ ଆମେରିକାର ସଂସଦ, କ୍ୟାପିଟଲ୍ ବିଲ୍ଡିଂରେ ଟ୍ରମ୍ପଙ୍କ ସମର୍ଥକ ଘଟାଇଛନ୍ତି ବଡ ଧରଣର



ହିଂସାକାଣ୍ଡ । ଏବେ ଘଟଣାକୁ ନେଇ ସାରା ବିଶ୍ୱରେ କଡା ସମାଲୋଚନାର ଶିକାର ହେବା ପରେ ହିଂସାକାଣ୍ଡକୁ ନିନ୍ଦା କରି ଭିଡିଓ ଜାରି କରିଛନ୍ତି ଟ୍ରମ୍ପ । ଭିଡିଓରେ ପରାଜୟ ସ୍ୱୀକାର କରିବା ସହ ହିଂସାକୁ ବନ୍ଦ କରିବାକୁ ଅପିଲ କରିଛନ୍ତି ।

▶▶ପୃଷ୍ଠା ୭

## ୨ ଦିନ ଯାଏଁ ଘନ କୁହୁଡି



ଭୁବନେଶ୍ୱର,୦୮।୦୧ (ନି.ପ୍ର): ଆସନ୍ତା ୨ ଦିନରେ ରାଜ୍ୟର କେତେକ ଜିଲ୍ଲା ଘନ କୁହୁଡି ଦେଖାଦେବ। ଏଥିପାଇଁ ସତର୍କ ସୂଚନା ଜାରି କରିଛନ୍ତି ଏସ୍ଆରସି। ୯ ତାରିଖରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଜିଲ୍ଲାରେ ଘନ କୁହୁଡ଼ି ଦେଖାଦେବ। ସେହିପରି ୧୦ ତାରିଖରେ ଜଗତସିଂହପୁର, ଭଦ୍ରକ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଘନକୁହୁଡ଼ି ଦେଖାଦେବ। ଏହି ସମୟରେ ପୋଲିସ ଓ ପରିବହନ ଅଧିକାରୀମାନେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ଏସ୍ଆରସି।

## ମାହାଙ୍ଗା ଡବଲ ମର୍ଡର ଘଟଣା : ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତଦନ୍ତ ପରିସରଭୁକ୍ତ କରୁ ପୋଲିସ : କଂଗ୍ରେସ

ଭୁବନେଶ୍ୱର,୦୮।୦୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସର ନିଷ୍କ୍ରିୟତା ଓ ପକ୍ଷପାତିତା ପୁଣି ଥରେ ପଦାରେ ପଡିଛି। ଏହି ଘଟଣାରେ ସିଧାସଳଖ ଭାବରେ ଏତଲାରେ ପଂଚାୟତରାଜ ଓ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଥିବାବେଳେ ପୋଲିସ ସପ୍ତାହେ ହେଲାଣି ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିବା ସହିତ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ମନ୍ତ୍ରୀ ପୋଲିସ ଉପରେ ଚାପ ପକାଇବାରେ ସଫଳ ହୋଇଥାନ୍ତୁ ନତୁବା ପୋଲିସ ମନ୍ତ୍ରୀଙ୍କୁ ଡରି ତଦନ୍ତ ପରିସରଭୁକ୍ତ କରୁନାହିଁ। ଯେହେତୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମକୁ ଏତଲାରେ ମାହାଙ୍ଗା ପୋଲିସ ଅଭିଯୁକ୍ତ ଭାବରେ ଦର୍ଶାଇଛି, ତେଣୁ ତୁରନ୍ତ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି।

# ସାରା ରାଜ୍ୟରେ ଆଜିଠୁ ଖୋଲିଲା ସ୍କୁଲ୍

ଭୁବନେଶ୍ୱର,୦୮।୦୧ (ନି.ପ୍ର): ସାରା ରାଜ୍ୟରେ ଶୁକ୍ରବାର ଦିନ କୋଭିଡ୍ କଟକଣା ମଧ୍ୟରେ ଦୀର୍ଘ ୯ ମାସ ପରେ ସ୍କୁଲ୍ ଖୋଲିଛି। ତେବେ କେବଳ ଦଶମ ଓ ଯୁକ୍ତ ଦୁଇ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ଖୋଲିଛି। ସ୍କୁଲ୍ ଖୋଲିବା ପୂର୍ବରୁ ପାନୀୟ ଜଳ, ଶୌଚାଳୟ ପ୍ରସ୍ତୁତ ରଖାଯାଇଥିବା ବେଳେ ସ୍କୁଲ ପରିସର ଗୁଡିକୁ ବିଶୋଧନ କରାଯାଇଛି। ଏ ନେଇ ସରକାରଙ୍କ ପକ୍ଷରୁ ଜାରୀ କରା ଯାଇଥିବା ଏସଓପି ଅନୁସାରେ ସାମାଜିକ ଦୂରତା ପାଳନ କରି ପିଲା ମାନଙ୍କର ବସିବାର ବ୍ୟବସ୍ଥା ହୋଇଛି । ପ୍ରତି ଶ୍ରେଣୀ ଗୃହରେ ୨୦ରୁ ୨୫ ଜଣ ଛାତ୍ରଛାତ୍ରୀ ବସିବାର ବ୍ୟବସ୍ଥା କରା ଯାଇଛି । ଶ୍ରେଣୀକୁ ବିଭିନ୍ନ



ସେକ୍ସନରେ ବିଭକ୍ତ କରାଯାଇଥିଲା। ଏହି ପାଠପଢା ଆଗାମୀ ଏପ୍ରିଲ୍ ୨୮ ଯାଏ ହେବ ଓ ଏଥିରେ ମୋଟ ୧୦୦ ଦିନ ପାଠପଢ଼ା ହେବ। ସଂକ୍ରମଣ ରୋକିବା ପାଇଁ ସାନିଟାଇଜର, ହ୍ୟାଣ୍ଡ୍ ୱାଶ୍ ମହଜୁଦ ରଖାଯାଇ ଥିବାବେଳେ ଛାତ୍ରଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ସ୍କୁଲ୍ ଭିତରକୁ ପ୍ରବେଶ ଅନୁମତି ମିଳିଥିବା ଦେଖିବାକୁ ମିଳିଛି।

▶▶ପୃଷ୍ଠା ୭

## ୧୨ରୁ ଭୁବନେଶ୍ୱର - ବାଙ୍ଗିରିପୋଷି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୦୮।୦୧ (ନି.ପ୍ର): ଯାତ୍ରୀଙ୍କ ସୁବିଧା ପାଇଁ ଭୁବନେଶ୍ୱର ଏବଂ ବାଙ୍ଗିରିପୋସି ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତି ନିଆଯାଇଛି । ୦୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋସି ସ୍ପେଶାଲ ୧୨ ଜାନୁଆରୀରୁ ୨୮ ଫେବୃଆରୀ, ୨୦୨୧ ମଧ୍ୟରେ ଭୁବନେଶ୍ୱରରୁ ପ୍ରତିଦିନ ସନ୍ଧ୍ୟା ୭ ଘ.୩୦ମି.ରେ ଛାଡ଼ି ବାଙ୍ଗିରିପୋସିରେ ରାତ୍ର ୧୨ଘ.୦୫ମିରେ ପହଂଚିବ । ଫେରିବା ମାର୍ଗରେ ୦୨୮୯୧ ବାଙ୍ଗିରିପୋସି-ଭୁବନେଶ୍ୱର ସ୍ପେଶାଲ ୧୩ ଜାନୁଆରୀରୁ ୧ ମାର୍ଚ୍ଚ, ୨୦୨୧ ମଧ୍ୟରେ ବାଙ୍ଗିରିପୋସିରୁ

▶▶ପୃଷ୍ଠା ୭

# ଜାତୀୟ ଚିଲିକା ପକ୍ଷୀ ଉତ୍ସବ କ୍ରମବର୍ଦ୍ଧିଷ୍ଣୁ ସଫଳତା ହାସଲ କରୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୮।୦୧ (ନି.ପ୍ର): ଜାତୀୟ ଚିଲିକା ପକ୍ଷୀ ଉତ୍ସବ କ୍ରମବର୍ଦ୍ଧିଷ୍ଣୁ ସଫଳତା ହାସଲ କରୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଆଜି ତୃତୀୟ ଜାତୀୟ ଚିଲିକା ପକ୍ଷୀ ଉତ୍ସବକୁ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ, ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ସମ୍ବଳ ଓ ସୌନ୍ଦର୍ଯ୍ୟରେ ଭରପୁର । ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଏହା କେବଳ ତୀର୍ଥସ୍ଥଳୀ ନୁହେଁ, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀମାନଙ୍କ ସମାଗମ ପାଇଁ ଏହା ସୁପ୍ରସିଦ୍ଧ । ଏସିଆର ବୃହତମ ଖାରିପାଣି ହ୍ରଦ ଚିଲିକାକୁ ପ୍ରତିବର୍ଷ ସେମାନଙ୍କର ଆଗମନ ଅତ୍ୟନ୍ତ ଆକର୍ଷଣୀୟ ।

▶▶ପୃଷ୍ଠା ୭

# ପୁଲିସକୁ ବଡ଼ ସଫଳତା : ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଜୟୀ ସମେତ ୮ ଗିରଫ

## ଗୁଳିଭର୍ତ୍ତି ଦେଶୀ ବନ୍ଧୁକ, ୭,୧୭,୫୮୧ଟଙ୍କା ଜବତ୍

ବାଲେଶ୍ୱର,୦୮।୦୧ (ନି.ପ୍ର): ବାଲେଶ୍ୱର ସହର ଓ ଉପକଣ୍ଠ ଅଞ୍ଚଳରେ ଗତ କିଛିଦିନ ଧରି ଚୋରି ଛିନ୍ତାଇ ସହ ଆତଙ୍କ ସୃଷ୍ଟି କରିଥିବା ଦୁର୍ବୃତ୍ତଙ୍କୁ ଧରିବାରେ ସହଦେବଖୁଣ୍ଟା ପୁଲିସ ବେଶ୍ ସଫଳତା ମିଳିଛି। ଦୁଇଗୋଟି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ସାଙ୍ଗକୁ ବହୁ ମାରଣାସ୍ତ୍ର ଜବତ କରିଥିବା ନେଇ ବାଲେଶ୍ୱର ଏସପି ସୁଧାଂଶୁ





ଶେଖର ମିଶ୍ର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ପ୍ରକାଶ କରିଛନ୍ତି। ଗତକାଲି ରାତିରେ ପାଟ୍ରୋଲିଂ ସମୟରେ ପୁଲିସ ଟିମ୍ ଅକ୍ତିଆରପୁର-କସମିଳା ରୋଡ୍‌ରେ ଯାଉଥିବା ଯାନବାହାନରୁ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ୪ଜଣଙ୍କୁ ପୁଲିସ ଗିରଫ କରିଥିଲା। ସେମାନେ ହେଲେ ଜୟୀ ଓରଫ୍ ଦିଲ୍ଲୀପ ବେହେରା, ଝୋଲା ଓରଫ୍ ଦେବାଶିଷ ମୁଖୀ, ଚଗୁଲୁ ଓରଫ୍ ମଙ୍ଗଳ ବେହେରା ଓ ଦେବୁ ଓରଫ୍ ବିମଳ ଦାସ। ଅନ୍ଧାର ରାତି ଯୋଗୁଁ ଅନ୍ୟ ଦୁଇଜଣ ସେଠାରୁ ଖସି ପଳାଇ ଯାଇଥିବା ପୁଲିସ ପ୍ରକାଶ କରିଛି। ଗିରଫ ଅଭିଯୁକ୍ତ ଜୟୀଠାରୁ ୩ ରାଉଣ୍ଡ ଜୀବନ୍ତ ଗୁଳିଭର୍ତ୍ତି ଥିବା

▶▶ପୃଷ୍ଠା ୭

## ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ର ବୈଠକ

ଭୁବନେଶ୍ୱର,୦୮।୦୧ (ନି.ପ୍ର): ଓଡ଼ିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ବିଧାନସଭା ପରିସରସ୍ଥ ପ୍ରକୋଷ୍ଠ-୫୩ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । କମିଟି ତା ୧୧.୩.୨୦୨୦ ଦିନ ବିଧାନସଭାକୁ ବିଭାଗ ସମ୍ପର୍କରେ ପ୍ରେରଣ କରିଥିବା ଦ୍ୱିତୀୟ ରିପୋର୍ଟ ଉପରେ ବିଭାଗ ତରଫରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଉପରେ ବିଶଦ୍ ଆଲୋଚନା ହୋଇଥିଲା । ଏହ ସମୀକ୍ଷା ବୈଠକରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜକିଶୋର ଦାସ, ଡ. ବୁଧାନ ମୁର୍ମୁ, ସ୍ୱରୂପ କୁମାର ଦାସ, ଲତିକା ପ୍ରଧାନ, ମୀନାକ୍ଷୀ ମହାନ୍ତି, କୁସୁମ ଟେଟେଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥି ସମ୍ପୃକ୍ତ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ ।

# କୃଷି ଆଇନ୍ ବିରୁଦ୍ଧରେ ଜାନୁଆରୀ ୧୫ରେ ଭୁବନେଶ୍ୱରରେ ସମାବେଶ

ଭଦ୍ରକ,୮।୧ (ନି.ପ୍ର): ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡି. ମନୱାର ଅଲ୍ଲୀ କହିଲେ ଯେ କେନ୍ଦ୍ର ସରକାର କାହାକୁ ବିଶ୍ୱାସକୁ ନ ନେଇ କୃଷକମାନଙ୍କ ସହ ଆଲୋଚନା ନକରି ଯେଭଳି ଭାବେ କୃଷି ବିରୋଧୀ ତିନି କୃଷି କଳା ଆଇନ୍‌କୁ ଆଣିଛନ୍ତି ଏହା ତମାମ ଦେଶରେ ଚାଷୀ କୂଳର ସର୍ବନାଶ କରିବ। କଳା କାନୁନ ଆଣିଥିବା କେନ୍ଦ୍ରୀୟ ନେତା ନୂଆ କୃଷି ଆଇନ ସମ୍ପର୍କରେ ଯେଉଁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ଏହା ଅତ୍ୟନ୍ତ ଭ୍ରମାତ୍ମକ ଓ ପ୍ରମାଦପୂର୍ଣ୍ଣ। ମଣ୍ଡି ବାହାରେ ଚାଷୀ ତାର ଉତ୍ପାଦ ବିକିଲେ ତାକୁ ଅଧିକ ପଇସା ମିଳିବ ବୋଲି ଯେଉଁ ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ବିହାର ଭଳି ରାଜ୍ୟରେ ଏହା ପ୍ରମାଣିତ ହୋଇ ସାରିଛି। ସେଭଳି ସମ୍ପନ୍ୟ ରାଜ୍ୟରେ ଚାଷୀମାନେ ଆଗରୁ ସେମାନଙ୍କର ଉତ୍ପାଦ ବିକି ଆସୁଛନ୍ତି ବାହାରେ କିନ୍ତୁ ଠିକା ଚାଷ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ଷେତ୍ରରେ ଯେଉଁ ଆଇନ ଆସିଛି ଏହା ଚାଷୀ ଓ ଖାଉଟି ପାଇଁ ଘାତକ ସଦୃଶ। ବ୍ୟବସାୟୀମାନେ ମନ ଇଚ୍ଛା ହୋର୍ଡିଂ କରିପାରିବେ ଓ ଦର ଧାର୍ଯ୍ୟ ବେଳେ ଯୁଦ୍ଧ ଓ ଆପଦ ସମୟରେ ଛାଡି ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ ବୋଲି ଯେଉଁ ଆଇନ୍ ଆସିଛି ଏହା ଦ୍ୱାରା କୋଟି କୋଟି ଖାଉଟିଙ୍କର ଖାଦ୍ୟ ସୁରକ୍ଷା ବିପନ୍ନ ହେବ। କଣ୍ଟ୍ରାକ୍ଟ ଫର୍ମା ଆଇନ ଦ୍ୱାରା ଯେ ଭଳି କୁହାଯାଇଛି ଯେ ଜଣେ ଚାଷୀ ଖରାପ ବିହନ ପାଇ କ୍ଷତିରେ ପଡିଲେ ବି ମକଦ୍ଦମା କରି ପାରିବେ ନାହିଁ କିମ୍ୱା ନ୍ୟାୟାଳୟକୁ ଯାଇ ପାରିବେ ନାହିଁ। ଏହା ସୂଚାଇ ଦିଆ ହେଉଛି କି ଭଳି କର୍ପୋରେଟର ହାତରେ ଚାଷୀଙ୍କର ଭାଗ୍ୟକୁ ବନ୍ଧା ପକାଯାଉଛି। ତିନି ନୂଆ କୃଷି ଆଇନ ପରିସରରେ ମଣ୍ଡି ଉଚ୍ଛେଦ ବ୍ୟବସ୍ଥା ନାହିଁ ବୋଲି ସରକାର କହୁଥିବା ବେଳେ ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି ଏହି ଆଇନ ପରିସରରେ ନାହିଁ। ଆମର ଦାବୀ ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି ଏହି ଆଇନ ପରିସରରେ ନାହିଁ। ଆମର ଦାବୀ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇଥିବା ୨୩ଟି ସାମଗ୍ରୀକୁ କିଣିବା ପାଇଁ ଏସବୁ ଆଇନ ପରିସରକୁ ଅଣାଯାଉ। ସେଭଳି ଏହି ସବୁ ପ୍ରଚାର ଓ ବିଚାରକୁ ନେଇ ଜାନୁଆରୀ ୧୫ରେ ଭୁବନେଶ୍ୱରରେ ବଡ ଧରଣର ରାଜ୍ୟ ସମାବେଶ ଆୟୋଜନ କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନର ଭଦ୍ରକ ଜିଲ୍ଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ସତ୍ୟରଂଜନ ନାୟକ, ଯୁବଛାତ୍ର ନେତା ମହମ୍ମଦ ରେହମାନ, ଜାହିର ଖାଁ, ସନ୍ତୋଷ ମଲ୍ଲିକ, ମିନାଜ ଖାନ୍, ନବିନ ହୋ, ସାବିର ଖାଁ, ମଲିକା ନାଜ, ରିୱାଜ ଏହମ୍ମଦ ଖାଁ, ଜହିରୁଦ୍ଦିନ ଖାଁ, ସେ୍ଖ ସାଜିତ ପ୍ରମୁଖ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ଗୋ ବିଜ୍ଞାନ ପ୍ରତିଯୋଗିତା ପରୀକ୍ଷା ଆସନ୍ତା ୧୨ରେ

ଭୁବନେଶ୍ୱର,୮।୧ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦର ଭାରତୀୟ ଗୋବଂଶ ରକ୍ଷଣ , ସମ୍ୱର୍ଦ୍ଧନ ବିଭାଗ ଏବଂ ଶ୍ରୀ ଗୋ ବିଜ୍ଞାନ ଫାଉଣ୍ଡେସନ ସହଯୋଗ ରେ ଆସନ୍ତା ୧୨ ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ସର୍ବ ଭାରତୀୟ ସ୍ତରରେ ରାଷ୍ଟ୍ରୀୟ ଗୋ ବିଜ୍ଞାନ ପ୍ରତିଯୋଗିତା ପରୀକ୍ଷା ଅନଲାଇନ୍ ରେ ଅନୁଷ୍ଠିତ ହେବ। ଗୁଗୁଲ ପ୍ଲେ ଷ୍ଟୋର ରୁ ଗୋବିଜ୍ଞାନ ଏକ୍ସଜାମ ଆପ କୁ ଡାଉନଲୋଡ୍ କରିବା ପରେ ପଞ୍ଜିକରଣ କରି ପ୍ରତିଯୋଗିତା ପରୀକ୍ଷା ବିଷୟରେ ସମସ୍ତ ବିଷୟବସ୍ତୁ ଏବଂ ବିବରଣୀ ମିଳିପାରିବ। ପ୍ରଥମ ତିନିଜଣ ପ୍ରତିଯୋଗୀଙ୍କୁ ରାଷ୍ଟ୍ରୀୟ ସ୍ତର ରେ ପ୍ରଥମ ପୁରସ୍କାର-୫୧,୦୦୦/-,ଦ୍ୱିତୀୟ ପୁରସ୍କାର - ୩୧,୦୦୦/- ,ତୃତୀୟ ପୁରସ୍କାର - ୨୧, ୦୦୦/- ଏବଂ ପ୍ରାଦେଶିକ ସ୍ତରରେ ପ୍ରଥମ ପୁରସ୍କାର -୧୫, ୦୦୦/-,ଦ୍ୱିତୀୟ ପୁରସ୍କାର - ୧୦, ୦୦୦/-,ତୃତୀୟ ପୁରସ୍କାର -. ୫, ୦୦୦/- ପ୍ରଦାନ କରାଯିବ। ଏହି ପ୍ରତିଯୋଗିତା ସମ୍ପୂର୍ଣ୍ଣ ହିନ୍ଦୀ ଭାଷାରେ କରାଯାଉଛି । ଉଭୟ ବିଦ୍ୟାର୍ଥୀ ଏବଂ ସାଧାରଣ ନାଗରିକମାନେ ଭାଗ ନେଇପାରିବେ । ସମୁଦାୟ ୧୦୦ ଗୋଟି ଏକ ନମ୍ବର ବିଶିଷ୍ଟ ସାମ୍ଭାବ୍ୟ ଉତର ବିଶିଷ୍ଟ ପ୍ରଶ୍ନ ରହିବ । ସମସ୍ତ ପ୍ରଶ୍ନ ଭାରତୀୟ ଗୋ ଦର୍ଶନ ପୁସ୍ତକରୁ ଆସିବ । ଏହି ବହିକୁ ଜଣେ ଗୋ ବିଜ୍ଞାନ ପରୀକ୍ଷା ଆପ୍ଲିକେସନ ରୁ ଜଣେ ଡାଉନଲୋଡ୍ କରି ମଧ ପଢ଼ି ପରୀକ୍ଷା ଦେଇପାରିବେ। ସର୍ବପ୍ରଥମେ ପରୀକ୍ଷାର୍ଥୀ ମୋବାଇଲ ଆପ୍ଲିକେସନକୁ ରେଜିଷ୍ଟ୍ରସନ କରିବେ ।ରେଜିଷ୍ଟ୍ରସନ ବେଳେ ଯେଉଁ ମୋବାଇଲ ନମ୍ବରଟି ଏଂଟ୍ରି କରିଥିବେ ତାକୁ ଲଗ୍ ଇନ୍ କରି ଆପ୍ଲିକେସନ ଖୋଲିବେ । ଜାନୁଆରୀ ୧୨ ତାରିଖ ସକାଳ ୭ ରୁ ସନ୍ଧ୍ୟା ୭ ଭିତରେ ଗୋଟିଏ ଘଂଟା ପାଇଁ ପରୀକ୍ଷା ଦେଇପାରିବେ ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ମାଲକାନଗିରି ,୮।୧ (ନି.ପ୍ର): ତର୍ଲାକୋଟା ଗ୍ରାମ ପଂଚାୟତ ଠାରେ ଜିଲ୍ଲାପାଳ ୱାଇ ବିଜୟ ଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାର ପ୍ରଥମ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ମାଲକାନଗିରି ତହସିଲଦାର ଗୁଣନିଧି ନାୟକ କୋରୁକୋଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଅଂଶୁମାନ ମହାପାତ୍ର,ଶ୍ରୀମତି ମନସ୍ୱିନୀ ମହାପାତ୍ର ପ୍ରକଳ୍ପ ଅଧିକାରୀ ଓଡିଶା ମିଲେଟ ମିଶନ୍, କୋରୁକୋଣ୍ଡବ୍ଲକ ଅଧକ୍ଷା ସାବିତ୍ରୀ ପଡ଼ିଆମୀ,ନିୟନ୍ତ୍ରିତ ବଜାର କ ମିଟି ସମ୍ପାଦକ ଗୁରୁ ନାୟକ,ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର ସାହୁକାର,ଏ ଆର ସି ଏସ ପ୍ରମୋଦ ରାଉତ ଟାଗୋର ଶୋଷାଇଟିର ସଂଯୋଜକ ଅକ୍ଷୟ ଦାସ,ଓଡିଶା ମିଲେଟ୍ ମିସନ୍ ଜିଲ୍ଲା ସଂଯୋଜକ ଅନିକେତ ଲକେରି, ସମନ୍ୱିତ କୃଷି ବିଭାଗ ଅଧିକାରୀ ଲାଳବିଜୟ ସିଂ ଦେଓ,ଆର୍ ଏମ୍ ସି ଲେମ୍ପ୍ସ ସୃଷ୍ଟି ଅନୁଷ୍ଠାନ ଓ କୃଷି ବିଭାଗୀୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବହୁ ଗ୍ରାମରୁ ଚାଷୀ ଭାଇ ମାନେ ନିଜ ନିଜ ମାଣ୍ଡିଆ ଧରି ମାଣ୍ଡିଆ ମଣ୍ଡି ରେ ଯୋଗ ଦେଇଥିଲେ ।ଏହି ବର୍ଷ ମାଣ୍ଡିଆ କ୍ୱିଂଟାଲ ପିଛା ୩୨୯୫ ଟଙ୍କା ରହିଛି ।ମାଣ୍ଡିଆ ଏକ ଉତ୍କୃଷ୍ଟ ପୋଷଣ ବିଶି ଷ୍ଟ ଖାଦ୍ୟ ହୋଇଥିବାରୁ ଅଧିକା ରୁ ଅଧିକା ଉତ୍ପାଦନ କରିବାପାଇଁ ଜିଲ୍ଲାପାଳ କୃଷକ ମାନଙ୍କୁ କହିଥିଲେ !

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ଅପିଲ୍‌ର ୬୦ ଦିନରେ ଶୁଣାଣି କରିବେ ଖାଦ୍ୟ ଆୟୋଗ

ଭୁବନେଶ୍ୱର,୮।୧ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ ଜୁନ୍‌ରେ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ ପ୍ରଣୟନ କରାଯାଇଛି। ଯଦି କୌଣସି ହିତାଧିକାରୀ ତାଙ୍କର ପ୍ରାପ୍ୟ ପାଇବାରୁ ବଂଚିତ ହୁଅନ୍ତି ସେମାନେ ନିଜ ଜିଲ୍ଲାର ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ (ପ୍ରକଳ୍ପ ନିର୍ଦ୍ଦେଶକ)ଙ୍କ ପାଖରେ ନିର୍ଦ୍ଦିଷ୍ଟ ଅଭିଯୋଗ ଦରଖାସ୍ତ ଫର୍ମ-କ ରେ ଆବେଦନ କରିପାରିବେ। ଏହି ଫର୍ମ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍www.foododisha.in ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କର ୱେବ୍‌ସାଇଟ୍ www. odishafoodcommission. nic.in ରେ ଉପଲବ୍ଧ ହେଉଛି । ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଏହି ଆବେଦନକାରୀଙ୍କର ଆବେଦନକୁ ସର୍ବାଧିକ ୯୦ ଦିନ ମଧ୍ୟରେ ଫଇସଲା କରିବେ । ଯଦି କୌଣସି ବ୍ୟକ୍ତି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଫଇସଲାରେ ଅସନ୍ତୋଷ ବ୍ୟକ୍ତ କରନ୍ତି ତେବେ ସେ ଖାଦ୍ୟ ଆୟୋଗଙ୍କ ପାଖରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ରାୟ ବିରୋଧରେ ୩୦ ଦିନ ମଧ୍ୟରେ ଅପିଲ କରିପାରିବେ । ଆୟୋଗ ଉକ୍ତ ଅପିଲକୁ ୬୦ ଦିନ ମଧ୍ୟରେ ଫଇସଲା କରିବେ ବୋଲି ଆୟୋଗର ଅଧକ୍ଷ ଶ୍ରୀ ପ୍ରମୋଦ କୁମାର ମେର୍ଡ଼ାପ୍ ସୂଚନା ଦେଇଛନ୍ତି। ଆୟୋଗର କାର୍ଯ୍ୟକଳାପ ଏବଂ କ୍ଷମତା ଓ ଦାୟିତ୍ୱ ନେଇ ଗୁରୁବାର ଭର୍ଚୁଆଲ୍ ମୋଡ୍ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ଶ୍ରୀ ମେର୍ଡ଼ାପ୍ , ସଦସ୍ୟ ଦିଗ୍‌ବିଜୟନାଥ ପାଢ଼ୀ ଏବଂ ସଦସ୍ୟା ସଚିବ ଶିବାନୀ ମହାନ୍ତି ସୂଚନା ଦେଇ କହିଥିଲେ ଯେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ପ୍ରତ୍ୟେକ କାର୍ଯ୍ୟାଳୟ ସାଧାରଣ ବଂଟନ ଦୋକାନ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ନାମ, ମୋବାଇଲ୍ ନଂ, ଇ-ମେଲ୍, ଫାକ୍ସ ନଂ ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଉପଲବ୍ଧ କରାଯିବ । ବଂଟନ ବ୍ୟବସ୍ଥାରେ ସ୍ୱଚ୍ଛତା ନିମନ୍ତେ ରାଜ୍ୟ ସରକାର ସାମାଜିକ ସମୀକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ଏବଂ ସ୍ୱଚ୍ଛତା ଓ ପାରଦର୍ଶିତା ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ତରରେ ସତର୍କତା କମିଟି ଗଠନର ବ୍ୟବସ୍ଥା କରିଛନ୍ତି । ଶ୍ରୀ ମେର୍ଡ଼ାପ୍ କହିଛନ୍ତି ଯେ ଅଧିନିୟମ ସମ୍ବନ୍ଧୀୟ ସରକାରଙ୍କ ନୀତିଗତ ନିଷ୍ପତିର ଅନୁପାଳନ ହେଉଛି କି ନାହିଁ ତାହା ନିରୀକ୍ଷଣ କରିବା ଏବଂ ନିରୀକ୍ଷଣ କରାଇବା ସହ ଅଧିନିୟମ ଅନ୍ତର୍ଗତ ଫାଇଦା ଏବଂ ଅଧିକାର ଏବଂ ଉପକାରଗୁଡ଼ିକ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା, ଆଂଚଳିକ ଶିବିରଗୁଡ଼ିକୁ ଆୟୋଜନ କରିବା ଏବଂ ଆପତି ପ୍ରତିକାର ନିମନ୍ତେ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବା ଆୟୋଗର କ୍ଷମତା ପରିସରଭୁକ୍ତ।

# ୨୦୦୧ ବ୍ୟାଚର ନିଆରା ବନ୍ଧୁ ମିଳନ

କୋରେଇ,୮।୧ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ କରଦା ବାପୁଜୀ ବିଦ୍ୟାପୀଠର ୨୦୦୧ ବ୍ୟାଚ୍ ପକ୍ଷରୁ କରଦା କଲ୍ୟାଣ ମଣ୍ଡପ ଠାରେ ଏକ ବନ୍ଧୁ ମିଳନ ଓ ନବ ବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସପରିବାରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ପିଲାମାନଙ୍କ ଖେଳିବା ପାଇଁ କରଦା ହରିହାଟ ପଡିଆରେ ବିଭିନ୍ନ ଦୋଳିର ବ୍ୟବସ୍ଥା କରାଯାଇଥିଲା । ଅନ୍ୟତମ ଅତିଥିଭାବେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କର, ବ୍ରଜ କିଶୋର କର, ବିଜୟ କୁମାର ବେହେରା, ରମାକାନ୍ତ ବେଉରା, ଶ୍ରୀନିବାସ ଦାସ, ପିତାମ୍ବର ଦାସ, ମଧୁସୂଦନ ଦାସ, ମଂଜୁଳା ମିଶ୍ର, ବର୍ତମାନର ଶିକ୍ଷକଙ୍କ ମଧ୍ୟରୁ ବ୍ରହ୍ମମୟୀ ରଥ, ସଦାନନ୍ଦ ପଣ୍ଡା, ସେକ ଗୋଲାମ ଜିଲାନୀ. ଗୋବିନ୍ଦ ଚନ୍ଦ୍ର ସାହୁ, ନୀଳମଣି ଦାସ ପ୍ରମୁଖ ଯୋଗଦେଇ ସେମାନଙ୍କ ସ୍ମୃତି ମନେ ପକାଇଥିଲେ । ପୂର୍ବତନ ଶିକ୍ଷକ, ବର୍ତମାନର ସମସ୍ତ ଶିକ୍ଷକ / କର୍ମଚାରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କରଦା ସରପଂଚ ଗଣେଷ ସାହୁ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଜେନାଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା । ବିଗତ ୨୦ ବର୍ଷ ମଧ୍ୟରେ ପରଲୋକରେ ଥିବା ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ବିୟୋଗରେ ଯଥା ଶିକ୍ଷକ ନଗେନ୍ଦ୍ର ଜେନା, ଶ୍ୟାମସୁନ୍ଦର ବେହେରା, ଗୟାଧର ରାଉତ, କ୍ଷେତ୍ରବାସୀ ପାଣିଗ୍ରାହୀ, ଭଗବାନ ଦାସ, ବଳରାମ ପାଣିଗ୍ରାହୀ, ମାନସ ସାହୁ, ସରସ୍ୱତୀ ସାହୁଙ୍କ ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

# ଶ୍ରମ କୋର୍ଡ଼ ଓ ନୂଆ କୃଷି ନୀତି ବାତିଲ ଦାବିରେ ସି.ଆଇ.ଟି.ୟୁର ଜେଲଭରୋ ଆନ୍ଦୋଳନ

ଭୁବନେଶ୍ୱର,୮।୧ (ନି.ପ୍ର): କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ପ୍ରଣୀତ ଶ୍ରମିକ ବିରୋଧି ୪ଟି ଶ୍ରମିକ କୋର୍ଡ଼ କୃଷି କୃଷକ ମାରଣ ୩ଟି କୃଷି ଆଇନ ଓ ବିଜୁଳି ସଂଶୋଧନ ବିଲ୍ ୨୦୨୦କୁ ତୁରନ୍ତ ବାତିଲ ସମତେ ୧୦ଦଫା ଦାବି ହାସଲ ନମନ୍ତେ ସି.ଆଇ.ଟି.ୟୁ କେନ୍ଦ୍ର କମିଟି ଆହ୍ୱାନ କ୍ରମେ ଭୁବନେଶ୍ୱର ଶାଖା ତରଫରୁ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା । ଅଛେଦିନ ଶାସନ ନାମରେ ଦେଶର ଶ୍ରମିକ କୃଷକ ଓ ମଧ୍ୟବିତ ପରିବାରକୁ ତଳିତଳାନ୍ତ କରିଥିବା ମୋଦି ସରକାରଙ୍କର ଜନବିରୋଧି ନୀତି ବିରୁଦ୍ଧରେ ସ୍ଲୋଗାନ ଦେଇ ସିଆଇଟିୟୁର ରାଜ୍ୟ ସଭାପତି ସାଥି ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆଇନ ଅମାନ୍ୟ କରି ଗିରଫ ହୋଇଥିଲେ । ଗିରଫଦାରୀ ପୂର୍ବରୁ ଭୁବନେଶ୍ୱର ସିଆଇଟିୟୁ ନେତା ପ୍ରଦୀପ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଥୀ ଜନାର୍ଦ୍ଦନ ପତି କେନ୍ଦ୍ର ସରକାର ୪୨ଟି ଶ୍ରମ ଆଇନ ଉଚ୍ଛେଦ କରି ୪ଟି ଶ୍ରମ କୋର୍ଡ଼ ଆଣିଛନ୍ତି, ଯାହା ଶ୍ରମିକର ସମସ୍ତ ଅଧିକାରକୁ ହରଣ କରିଛି । ଶ୍ରମଜୀବୀର ଦୈନିକ ମଜୁରୀ ୭୦୦ ଟଙ୍କା, ସହରାଂଚଳ ଶ୍ରମିକଙ୍କୁ ନରେଗାରେ ସର୍ବନିମ୍ନ ୨୦୦ ଦିନର କାମ ଓ କୋଭିଡ୍ ଆକ୍ରାନ୍ତ ଦେଶର ପ୍ରତ୍ୟେକ ନିମ୍ନ ଆୟକାରୀ ପରିବାରକୁ ମାସକୁ ୭୫୦୦ ଟଙ୍କା ଓ ମୁଣ୍ଡପିଛା ୧୦ କେଜି ଖାଦ୍ୟ ଦ୍ରବ୍ୟ ୬ ମାସ ପର୍ଯ୍ୟନ୍ତ ଯୋଗାଣ ଦାବି କରିଥିଲେ । କୃଷି ଆଇନ ଓ ବିଜୁଳି ବିଲ୍ ତୁରନ୍ତ ବାତିଲ ନିମନ୍ତେ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ଚାଲିଥିବା କୃଷକ ଆନ୍ଦୋଳନକୁ ସିଆଇଟିୟୁର ଦୃଢ଼ ସମର୍ଥନ ଓ ଶ୍ରମିକ କୃଷକ ମୈତ୍ରୀକୁ ସୁଦୃଢ଼ ସହିତ ଏ ଲଢ଼େଇକୁ ବିଜୟ ମଣ୍ଡିତ କରିବ ବୋଲି ଶ୍ରୀ ପତି କହିଥିଲେ । ରାଜ୍ୟ କୃଷକ ସଭାର ସମ୍ପାଦକ ସାଥି ସୁରେଶ ପାଣିଗ୍ରାହୀ ଭାଷଣ ଦେଇ ନୂଆ କୃଷି ଆଇନରେ ଆଦାନୀ ଆମବାନୀ ଭଳି କର୍ପୋରେଟ୍ ମାନଙ୍କ ସ୍ୱାର୍ଥରେ ସମଗ୍ର କୃଷକ ଶ୍ରେଣୀ ତଳିତଳାନ୍ତ ହେବ । ସରକାର ମଣ୍ଡି ବନ୍ଦ ହୋଇଯିବ, ଚାଷୀ ଫସଲର ସର୍ବନିମ୍ନ ମୂଲ୍ୟ ପାଇବ ନାହିଁ, ଚାଷୀ ହାତରୁ ଜମି କମ୍ପାନୀ ହାତକୁ ଚାଲିଯିବ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କୃଷକ ନେତା ସାଥି ଜଗନ୍ନାଥ ମିଶ୍ର, ଶ୍ରମିକ ନେତା ଦୁଷ୍ମନ୍ତ ଦାଶ, ନିର୍ମଳ ନାିକ, ପୁଷ୍ପା ଦାସ, ସୁରେଶ ରାଉତରାୟ, ପ୍ରଭାତ ପାଣିଗ୍ରାହୀ, ଅଭିରାମ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରମେଶ ଜେନା, ବସନ୍ତ ସାହୁ, କୁମୁଦିନ ବେହେରା ପ୍ରମୁଖ ନେତା ପୋଲିସ କର୍ଡ଼ନ ଭାଙ୍ଗି ଗିରଫ ହୋଇଥିଲେ ।

# ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ : ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିଷ୍ପତ୍ତି

ବାଲେଶ୍ୱର,୮।୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପଂଚମ ଜିଲ୍ଲା ପରିଷଦର ଏକାଦଶ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ନିବେଦିତା ମହାନ୍ତି ଏଥିରେ ସଭାପତିତ୍ୱ କରି ବୈଠକକୁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଆଲୋଚନା ପାଇଁ ଧାର୍ଯ୍ୟ ହୋଇଥିବା ବିଭିନ୍ନ ବିଷୟ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦ୍ର ପଶୁପାଳନ, ଦୁଗ୍ଧ ପ୍ରକ୍ରିୟାକରଣ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସୋର ବିଧାୟକ ପର୍ଶୁରାମ ଧଡା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀ, ଜିଲ୍ଲା ପରିଷଦ ଉପ-ସଭାପତି ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ଭଦ୍ରକ ସାଂସଦ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ଜଳେଶ୍ୱର ବିଧାୟକ ପ୍ରତିନିଧି ମାନସ ଜେନା, ପିଡି, ଡିଆରଡିଏ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଏଜେଣ୍ଡାୱାରୀ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଦିବଂଗତ ୩୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ସ୍ୱର୍ଗତଃ ସର୍ବେଶ୍ୱର ନାୟକ ଏବଂ ୧୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ସ୍ୱର୍ଗତଃ ତ୍ରିଲୋଚନ ବେହେରାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହିତ ନବ ନିର୍ବାଚିତ ସଦର ବିଧାୟକ ସ୍ୱରୂପ କୁମାର ଦାସ ଏବଂ ପିଡି, ଡିଆରଡିଏ ରବୀନ୍ଦ୍ର କୁମାର ସାହୁଙ୍କୁ ଗୃହ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ସମ୍ୟକ ଆଲୋଚନା ସହ ତୃଣମୂଳ ସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସହିତ ବିକାଶକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ମତ ଉପସ୍ଥାପନ କରିଥିଲେ । କରୋନା ମହାମାରୀ ସମୟରେ ଜିଲ୍ଲାର ସାମଗ୍ରିକ ବିକାଶ ଧିମେଇ ଯାଇଥିବା ବେଳେ ଏବେ ବିକାଶର ଧାରାକୁ କିଭଳି ଦ୍ରୁତ ଗତିରେ ଆଗେଇ ନେଇ ହେବ ତାହା ଉପରେ ଧ୍ୟାନ ଦେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତାବଗୁଡିକୁ ଅନୁମୋଦନ କରାଯାଇ କାର୍ଯ୍ୟ ଆରମ୍ଭ ପାଇଁ ଗୃହରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାର ପ୍ରତି ବ୍ଲକରେ ରାସ୍ତା ତିଆରି ପାଇଁ କେଉଁ ନିୟମ ଆଧାରରେ ପ୍ରକଳ୍ପ କାମ ହାତକୁ ନିଆଯାଇଛି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଦସ୍ୟମାନଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁରୂପ ଭାବେ ହସ୍ତାନ୍ତରଣ ପାଣ୍ଠିର ବିନିଯୋଗ ନିମନ୍ତେ ମାର୍ଗଦର୍ଶିକା ତଥା ପ୍ରକଳ୍ପ ଅନୁମୋଦନ ସମ୍ବନ୍ଧୀରେ ଏହି ବୈଠକରେ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ଗୌରାଙ୍ଗ ଚନ୍ଦ୍ର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେବା ପ୍ରତିନିଧି ପକ୍ଷରୁ କମ୍ବଳ ବଂଟନ

ଭୁବନେଶ୍ୱର,୮।୧ (ନି.ପ୍ର): ସୁନ୍ଦରପଦାରେ ଶତାଧିକ ନିରାଶୟ ଲୋକଙ୍କୁ କମ୍ବଳ ବଂଟନ କରାଯାଇଥିଲା । ସେବା ପ୍ରତିନିଧି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଳମଣି ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ଓଡ଼ିଶା ଗ୍ରାମ ବ୍ୟାଙ୍କର ଅଧକ୍ଷ ବୃନ୍ଦାବନ ନାୟକ, ସମାଜସେବୀ ଲିଙ୍ଗରାଜ ସାହୁ, ସୁଜାତା ମହାପାତ୍ର, ମମତା ଦେବୀ, ଝୁମୁକା ରାଉତ, ବିଜୟ ମହାନ୍ତି, ବିଭିନ୍ନ ଅଂଚଳର ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ରଜନୀକାନ୍ତ ମହାପାତ୍ର, ରାଜକିଶୋର ଦାସ, ଗୋକୁଳ ଚନ୍ଦ୍ର ମହାପାତ୍ର, ରାଜଲକ୍ଷ୍ମୀ ପଟ୍ଟନାୟକ ଓ ସଭ୍ୟମାନେ ଯୋଗଦେଇଥିଲେ ।

# ଏଏନଏମ ଆନ୍ଦୋଳନକାରୀଙ୍କ ମଧ୍ୟରେ ଥିବା ଅସାଧୁ ଲୋକଙ୍କୁ ଶୀଘ୍ର ଧରାଯିବ : ଉମାଶଙ୍କର ଦାସ

ଭୁବନେଶ୍ୱର, ୦୭ ଜାନୁଆରୀ – ଏଏନଏମ ଆନ୍ଦୋଳନକାରୀଙ୍କ ମଧ୍ୟରେ ଥିବା ଅସାଧୁ ଲୋକଙ୍କୁ ଶୀଘ୍ର ଧରା ଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଉମା ଶଙ୍କର ଦାସ । ଉଲ୍ଲେଖନୀୟ ଯେ କମିଶନରେଟ ପୋଲିସ ହାତରେ ଏକ ଲାଂଚ ଦିଆ ନିଆ ଅଡିଓ କ୍ଲିପ ମିଳିଛି । କେ ଅଶ୍ୱନୀ ଦୋରା, ସନ୍ତୋଷ ସାହୁ, ରାଜ କିଶୋର ଆଦାରି ନାମକ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୫୦ହଜାର ଟଙ୍କା ମଧ ଜବତ କରାଯାଇଛି । ଲୋୟର ପି ଏମ ଜିରେ ଧାରଣାରତ ଏନ ଏମ କର୍ମୀଙ୍କୁ ପ୍ରଲୋଭୀତ କରି ଦଲାଲ ଟଙ୍କା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି । ଚାକିରୀ ସ୍ଥାୟୀ କରିବା ପାଇଁ ଜଣ ପିଛା ୧୫ହଜାର ଲେଖାଏଁ ଦଲାଲ ଟଙ୍କା ନେଉଥିଲେ । ଆନ୍ଦୋଳନ ରେ ଏନ ଏନ କର୍ମୀ ବସି ବାକୁ ପ୍ରବର୍ତାଉ ଥିଲେ.ଏବଂ ଟଙ୍କା ଦେଲେ ସରକାରୀ ଚାକିରୀ ସ୍ଥାୟୀ ହେବ କହି ଟଙ୍କା ନେଉଥିଲେ ।

# ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମର ଖାଦ୍ୟମାନ ଯାଂଚ

ପୁରୀ,୮।୧ (ନି.ପ୍ର): ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ ଆଜି ଛଇତନା ବଜାର, ନାଗପୁର,ଦଳନଇ, ମଦରଙ୍ଗା ଆଦି ଅଂଚଳକୁ ଅଚାନକ ପରିଦର୍ଶନ କରି ବିଭିନ୍ନ ଦୋକାନରୁ ଖାଦ୍ୟମାନ ଯାଂଚ ନିମନ୍ତେ ନମୁନା ସଂଗ୍ରହ କରିଛି। ଉକ୍ତ ଅଂଚଳରେ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କେନ୍ଦ୍ର, ତେଜରାତି, ଫଳ, ପନିପରିବା, ମିଠା ଆଦି ଦୋକାନରେ ଖାଦ୍ୟ ଗୁଣବତା ଯାଂଚ କରିଛନ୍ତି । ଖାଦ୍ୟ ଅନୁପଯୋଗୀ ଫଳ ଓ ମିଠାକୁ ଜବତ କର୍‌ି ସହ ଏହି ଟିମ ନଷ୍ଟ କରିଛନ୍ତି । ଏଥିସହ ଏହି ଟିମ ବିଭିନ୍ନ ଦୋକାନରୁ ଡାଲି, ମଇଦା, ଅଟା, ବେସନ, ସୁଜି, ଚିନି ଆଦି ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା ପାଇଁ ୩୫ ଟି ନମୁନା ସଂଗ୍ରହ କରିଛି । ଏହି ଟିମରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତି, ଖାଦ୍ୟ ଯାଂଚ ସହାୟକ ଶ୍ରୀ ଭ୍ରମରବର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଶିକ୍ଷକ ସଂଘରେ ମିଶ୍ରଣ ପର୍ବ



ଖଇରା ୭।୦୧(ନିପ୍ର) ଖଇରା ବ୍ଲକ ପ୍ରାଥମିକ ଶିକ୍ଷକ ଭବନ ପରିସର ମଧ୍ୟରେ ଉକ୍ତ ବ୍ଲକର ଜିଲାପରିଷଦ ଶିକ୍ଷକ ସଂଘର ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ପ୍ରାଥମିକ ଶିକ୍ଷକ ସଂଘରେ ମିଶ୍ରଣ ପର୍ବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ପ୍ରାଥମିକ ଶିକ୍ଷକ ସଂଘର ସ୍ଥାୟୀ ସଭାପତି ଶ୍ରୀ କୈଳାଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲାସଭାପତି ତଥା ରାଜ୍ୟ ସଂଗଠନର କୋଷାଧକ ଶ୍ରୀ ରମାକନ୍ତ ମହାନ୍ତି ଉପସ୍ଥିତ ଥିଲେ। ସଂଗଠନର ଉପଦେଷ୍ଟା ଭାବେ ନାରାୟଣ ପ୍ରସାଦ ପେଡା ଓ କମଳ ଲୋଚନ ଯେନା ,ସଂମ୍ପାଦକ ଚିଉରଞ୍ଜନ ମହାପାତ୍ର, ଉପସଭାପତି ବଳରାମ ଯେନା,ସଂଗଠନର ସମ୍ପାଦକ ସନ୍ତୋସ କୁମାର ଦକ୍ଷିତାରାୟ ,କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟ ଏବଂ ଏସ କ୍ୟାତରର ସଭାପତି ଜନାର୍ଦ୍ଦନ ମହାପାତ୍ର ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ମୁଖ୍ୟ ଅତିଥି ପ୍ରଜ୍ଜଳନ କରି ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଂଗଠନର ସଭ୍ୟ ବଳରାମ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ । ତତ୍ ପରେ ମଞ୍ଚାସିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ସଂଗଠନର ଅନ୍ୟତମ ସଭ୍ୟ ଶ୍ରୀ କମଳାକାନ୍ତ ନାୟକ ଅତିଥିମାନଙ୍କର ପରିଚୟ ପତ୍ର ପ୍ରଦାନ କରିଥିଲେ। ତତ୍ ପରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଚିଉରଞ୍ଜନ ମହାପାତ୍ର ଆଜିର ମିଶ୍ରଣପର୍ବ ଉଦେଶ୍ୟରେ ଅବଗତ କରାଉଥିଲେ । ଏହା ପରେ ମୁଖ୍ୟ ଅତିଥିଙ୍କ ସହିତ ମଞ୍ଚାସିନ ଅତିଥିମାନେ ମିଶ୍ରଣପର୍ବରେ ସାମିଲ ହୋଇଥିବା ସତାଧିକ ଜିଲ୍ଲାପରିଷଧ,ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘରେ ନିତି ଓ ଅଦର୍ଶରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ସଂଗଠନର କର୍ମକର୍ତ୍ତାଙ୍କ ଉପରେ ପୂର୍ଣ୍ଣଆସ୍ଥା ପ୍ରକଟ କରି ସଂଗଠନକୁ ଅଧିକ ମଜଭୁତ କରିବାକୁ ପ୍ରତିଶୃତି ବଦ୍ଧ ବୋଲି ଜିଲ୍ଲାପରିଷଧ ଶିକ୍ଷକସଂଘର ଉପସ୍ଥିତ ନେତୃବର୍ଗ ପ୍ରକାଶ କରିଥିଲେ । ଏତତ୍ ବ୍ୟତିତ ଆଗାମୀଦିନରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉକ୍ତ ସଂଘରେ ସାମିଲ ହେବାକୁ ନେଇ ସୂଚନା ପ୍ରଦାନ କରିଥିଲେ । ସଂଗଠନର ଉପଦେଷ୍ଟା ନାରାୟଣ ପ୍ରସାଦ ପେଡା ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶପଥପାଠ କରାଇବା ସହିତ ଆଗାମୀ ଦିନରେ ପ୍ରାଥମିକ ଶିକ୍ଷକ ସଂଘର ଗୋଟିଏ ଛାତ ତଳେ ରହି ସଂଗଠନର ହାତ ମୁଠାକ ଟାଣ କରିବା ପରାମର୍ଶ ଦେଇଥିଲେ। ସଂଗଠନର ପୂର୍ବତନ ସଭାପତି କମଳ ଲୋଚନ ଯେନା ମହୋଦୟ ଶିକ୍ଷକ ଭବନରେ ନିର୍ମାଣ ଠାରୁ ଆରମ୍ଭ କରି ତାଙ୍କର ସଂଘୀୟ କାର୍ଯ୍ୟରେ ଯୋଗଦାନ ସମୟରେ କେତେକ ଅଭୁଲା ସ୍ମୃତିର ଝଲକ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରମାକାନ୍ତ ମହାନ୍ତି ପ୍ରାଥମିକ ଶିକ୍ଷକ ସଂଘରେ ସାମିଲ ହୋଇଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସମ୍ବୋଧିତ କରିବା ସହିତ ବାକି ରହିଯାଇଥିବା ଜିଲ୍ଲା ପରିଷଧ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଉକ୍ତ ସଂଘରେ ମିଶିବା ପାଇଁ ଆମନ୍ତ୍ରଣ କରିଥିଲେ । ଆମ ଆମ ମଧ୍ୟରେ ଭେଦଭାବ ନରଖି ସମସ୍ତେ ଏକମନ ନେଇ କାର୍ଯ୍ୟକରିଲେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ପାଇଁ ଶକ୍ତି ପାଇପାରିବା ବୋଲି ପ୍ରକାଶ କରିଥିଲେ । ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ପ୍ରଥମିକ ଶିକ୍ଷକ ସଂଘରେ ଯୋଗଦାନ ଫଳରେ କାର୍ଯ୍ୟକାରୀ କମିଟିର କଳେବର ବୁଦ୍ଧି ନିମିତ ସଭାପତି ଆଲୋଚନା କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ନାରାୟଣ ଚନ୍ଦ୍ର ମହାପାତ୍ର , ଭଗବତ ପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ଦଳେଇ , ହଳଧର ସାହୁ, ବୁଦ୍ଧଦେବ ନାୟିକ, ରବିନ୍ଦ୍ର କୁମାର ଶିଅଳ,ନଟବର ମହାପାତ୍ର ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ମନୋନିତ ହୋଇଥିଲେ ।

# ୪୪ କେଜି ଗଞ୍ଜେଇ ଜବତ : ୬ ଗିରଫ

ମାଲକାନଗିରି, ୦୭ ଜାନୁଆରୀ (ହି. ସ.)-ଗତକାଲି ରାତିରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ମାଲକାନଗିରି ଜିଲ୍ଲା କାଲିମେଲା ପୁଲିସ ଏମ୍ ?ଭି୬୬ ଗ୍ରାମ ନିକଟରୁ ୪୪ କିଲୋ ଗଂଜେଇ ଜବତ କରିବା ସହିତ ୬ ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବାର ଜଣାପଡିଛି। ଗିରଫ ବ୍ୟକ୍ତିମାନେ ହେଲେ ଏମ୍ ?ପିଭି ୧୨ ଗ୍ରାମର ପରିମଳ ଦାସ, ଏମ୍ ?ପିଭି ୧୮(ଏ) ଗ୍ରାମର ନିର୍ମଳ ମଜୁମଦାର, ଏମପିଭି୬ ଗ୍ରାମର ଅମ୍ରିତ ବୈଦ୍ୟ, ଏମପିଭି୩୯ ଗ୍ରାମର ସରୋଜିତ ମଜୁମଦାର, ନୂଆଦିଲ୍ଲୀର ସୁଧୀର କୁମାର ଓ ଅଭିଲାଷ ଚେ ?ବେ। ସୂଚନା ଅନୁସାରେ ଉପରୋକ୍ତ ୬ଜଣକ ମଧ୍ୟରୁ ୪ ଜଣ ଅଭିଯୁକ୍ତ ୩ଟି ବ୍ୟାଗରେ ଗଂଜେଇ ଭର୍ତି କରି ଏକ ଘରୋଇ ବସକୁ ଅପେକ୍ଷା କରିଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ସେହିପରି ଅନ୍ୟ ୨ ଜଣକୁ ମାଲକାନଗିରିର ଏକ ଲଜରୁ ଗିରଫ କରାଯାଇଥିବାର ଜଣାପଡିଛି। ଏମାନଙ୍କ ବିରୋଧରେ କାଲିମେଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଆଲ୍‌କହଲ୍ - ଗାଜରରେ ଜୈବିକ ଲେଜର୍



ମାଡ୍ରାସ ଆଇଆଇଟି ବିଶେଷଜ୍ଞମାନେ ଏକ ନୂତନ ଧରଣ ଲେଜର ଲାଇଟର ଉଦ୍ଭାବନ କରିଛନ୍ତି । ଏହାର ନାମ ରଖାଯାଇଛି ବାୟୋ-କମ୍ପଟେବଲ ଲେଜର । ଏହାର ବିଶେଷତ୍ୱ ହେଲା ଆଲକହଲରେ ଗାଜର ପକାଯାଇ ଏହି ମିଶ୍ରଣରେ ରଞ୍ଜନରଶ୍ମୀ ପକାଇଲେ ଏହାର ପ୍ରତିଫଳନରେ ଖାଲି ଆଖିକୁ ଦେଖାଯାଉଥିବା ବସ୍ତୁ ଅବା କ୍ଷୁଦ୍ର କଣିକା ସ୍ପଷ୍ଟ ପ୍ରତୀୟମାନ ହେଉଛି । ଏହି ରଶ୍ମୀର କୌଣସି ପାର୍ଶ୍ୱପ୍ରତିକ୍ରିୟା ନଥିବାରୁ ଏହାକୁ ସବୁଜ ରଶ୍ମୀ ବା ବାୟୋ ଲେଜର ଭାବେ ନାମିତ କରାଯାଇଛି । ଏହା ରଶ୍ମୀକୁ ମାଇକ୍ରୋସ୍କୋପି, ଟେମ୍ପେଚର ସ୍କାନିଂ, ଥର୍ମୋମିଟରର କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ଆଇଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଶିବରାମ କ୍ରିଷ୍ଣନ୍ ପରୀକ୍ଷାମୂଳକ ମତ ପୋଷଣ କରିଛନ୍ତି । ଏହା ପୂର୍ବରୁ କମଳା ଓ ଟମାଟୋ ଜୁସରେ ଏହି ଉଦ୍ଭାବନ କରାଯାଇଥିବା କ୍ରିଷ୍ଣନ୍ ସୂଚନା ଦେଇଛନ୍ତି ।

ଏବେ ପର୍ଯ୍ୟନ୍ତ ଲେଜର ପ୍ରସ୍ତୁତିରେ ଇଣ୍ଡିୟମ୍, ଗୈଲିୟମ, ଆର୍ସେନିକ ଓ ଗୈଲିୟମ ନାଇଟ୍ରେଟର ବ୍ୟବହାର କରାଯାଇଛି ଯାହା ଖୁବ୍ ବିଷାକ୍ତ ହୋଇଥିବାରୁ ପରିବେଶକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଜୈବିକ ଉପାଦାନରେ ଲେଜର ପ୍ରସ୍ତୁତ କରାଯାଇଛି ଏହାକୁ କିଚନ୍ ଲେଜର କୁହାଯାଉଛି । ଗାଜରରେ ପ୍ରଚୁର ପରିମାଣରେ ବାୟୋ- କୈରୋଟିନାୟଡସ୍ ରହିଛି । ତେଣୁ ଏହାକୁ ଆଲକୋହଲରେ ମିଶାଇ କାରୋଟିନାୟଡସର ପରିମାଣକୁବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ଲେଜରର ଉପଯୋଗ ହତିଆର ପ୍ରସ୍ତୁତି ଓ ଡାକ୍ତରଖାନାରେ ଅସ୍ତ୍ରୋପଚାରରେ ବ୍ୟବହାର କରାଯାଉଛି । ଏହା ବ୍ୟତୀତ ପ୍ରିଣ୍ଟର, ସ୍କାନର, ଡିଭିଡି, ବାର କୋଡ୍ ଓ ୩ଡି ଚିତ୍ର ପ୍ରସ୍ତୁତିରେ ବ୍ୟବହାର କରାଯାଉଛି । ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଉଛି ତେଣୁ ଇକୋ-ଫ୍ରେଣ୍ଡଲି ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଇଛି ।

## ସେଓ

ଇଂରାଜୀରେ ଏକ ଢ଼ଗ ଅଛି- 'ଆନ ଏପଲ ଏଡେ, କିପସ ଦ ହକ୍ଟର ଆୱେ'- ଅର୍ଥାତ୍ ଗୋଟିଏ ସେଓ ଖାଆ ଓ ଡାକ୍ତରଙ୍କୁ ଦୂରରେ ରଖ ।' ପୌଷ୍ଟିକ ତତ୍ତ୍ୱରେ ଭରପୂର ଏହି ସ୍ୱାଦିଷ୍ଟ ଫଳ କେବଳ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ ନାହିଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୁଏ । ଏହା ହୃଦରୋଗ କର୍କଟ, ମଧୁମେହ ପରି ସାଂଘାତିକ ରୋଗ ସହ ପାର୍କିନସନ ଓ ଆଲଜାଇମର ପରି ମସ୍ତିଷ୍କ ଜନିତ ରୋଗ ତଥା ଉପସ୍ୱର୍ଗକୁ ମଧ୍ୟ ଦୂରରେ ରଖେ । ଏଥିରେ ପ୍ରଚୁର ପରିମାଣର ଫାଇବର ଥିବାରୁ ପାଚନ କ୍ରିୟା ସହଜ ହୁଏ । ଏହା ଏକ ଉତ୍ତମ ଆଣ୍ଟିଅକ୍ସିଡାଣ୍ଟ । ଏହା ନିୟମିତ ଖାଇଲେ ଶରୀରରେ ଥିବା ଗ୍ଲୁକୋଜର ମାତ୍ରା ସନ୍ତୁଳିତ ହୁଏ ।



### ଗୁଣ ଓ ଫାଇଦା


- ରକ୍ତହୀନତା ଦୂର କରେ ।
- ଏଥିରେ ଥିବା କ୍ୱାରସିଟିନ କୋଷକୁ କବଚ ପରି ରକ୍ଷାକରେ ।
- ନିୟମିତ ଖାଇଲେ କର୍କଟ ରୋଗର ଆଶଙ୍କା ହ୍ରାସ ପାଏ ।
- କୋଲେଷ୍ଟ୍ରଲକୁ ନୟନ୍ତ୍ରଣରେ ରଖେ
- ଶରୀରର ଓଜନ ହ୍ରାସ କରେ ।
- ଯକୃତ ସୁସ୍ଥ ରଖେ ।
- କୋଷ୍ଠକାଠିନ୍ୟ ଦୂରକରେ ।
- ଦାନ୍ତକୁ ସୁସ୍ଥ ରଖେ ।
- ବୋବେଲ ସିଣ୍ଡ୍ରୋମଜନିତ ଝାଡ଼ା, କୋଷ୍ଠକାଠିନ୍ୟ ଏବଂ ଦାନ୍ତ ବ୍ୟଥାକୁ ଦୂର କରେ ।
- ମୁହଁରେ ବାର୍ଦ୍ଧକ୍ୟଜନିତ ଭାଙ୍ଗ ଓ ଦାଗ ହଟାଇବାରେ ସହାୟକ ହୁଏ ।

## ଶରୀର ପୀଡ଼ା: କାରଣ ଓ ପ୍ରତିକାର



ଶରୀର ପୀଡ଼ା ଏକ ଯନ୍ତ୍ରଣାଦାୟକ ସ୍ୱାସ୍ଥ୍ୟ ସମସ୍ୟା । ଏହା ଦ୍ୱାରା ନିଦ୍ରା ଓ ସ୍ମରଣ ଶକ୍ତି ପ୍ରଭାବିତ ହୁଏ । ପଞ୍ଜରା ହାଡ଼ ସମେତ ସାରା ଦେହରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ ହୁଏ । ଚିକିତ୍ସା ବିଜ୍ଞାନ ଭାଷାରେ ଏହା 'ଫାଇବ୍ରୋମିଆଲଜିଆ ସିଣ୍ଡ୍ରୋମ' । ନିଦ୍ରାହୀନତା ଏହି ରୋଗର ମୁଖ୍ୟ କାରଣ । ରାତି ଅନିଦ୍ରା ହୋଇ କାର୍ଯ୍ୟ କରୁଥିବା ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ । ଶାରୀରିକ ଆଘାତ, ଅସ୍ତ୍ରୋପଚାର ଓ ଦୀର୍ଘକାଳୀନ ସଂକ୍ରମଣଜନିତ ରୋଗ ଦ୍ୱାରା ପୀଡ଼ିତ ବ୍ୟକ୍ତି ଭବିଷ୍ୟତରେ ଫାଇବ୍ରୋମିଆଲେଜିଆ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି । କିଛି ଲୋକଙ୍କ କ୍ଷେତ୍ରରେ ଗଣ୍ଠି ଯନ୍ତ୍ରଣା, ଚିନ୍ତା ଓ ଅବସାଦ, ମୁଣ୍ଡବିନ୍ଧା ହୁଏ। ତିନି ମାସରୁ ଅଧିକ ସମୟ ଏ ପରି ଲକ୍ଷଣ ଦେନଖାଗଲେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ରକ୍ତ ପରୀକ୍ଷାରୁ ରୋଗ ଧରା ପଡ଼େ । ଔଷଧ ସେବନ ଓ ନିର୍ଦ୍ଦିଷ୍ଟ ଥେରାପୀ ଚିକିତ୍ସା ଦ୍ୱାରା ରୋଗ-ଯନ୍ତ୍ରଣାରୁ ଉପଶମ ମିଳେ । ସତର୍କ ରହିଲେ ରୋଗ ବଢ଼େ ନାହିଁ । ରୋଗକୁ ନେଇ ଆଦୌ ଚିନ୍ତାଗ୍ରହ ରହନ୍ତୁ ନାହିଁ । କର୍ମକ୍ଷେତ୍ରରେ ଚାପ ଦୂରକରନ୍ତୁ । ପ୍ରତିଦିନ କିଛି ସୃଜନଶୀଳ ଓ ଭାବନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତୁ । ଥକ୍କା କିମ୍ବା ଦୁର୍ବଳତା ଅନୁଭବ କଲେ ଭଲ ଭାବେ ନିଦ୍ରାଯାଆନ୍ତୁ । ସନ୍ତରଣ, ସାଇକେଲ ଚାଳନା, ଷ୍ଟ୍ରେଚିଙ୍ଗ, ଏରୋବିକସ ଭଳି ଶାରୀରିକ ବ୍ୟାୟାମ ଏହି ରୋଗକୁ ଦୂରେଇଦି, । ଖାଦ୍ୟ-ପାନୀୟକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ । ଫଳ, ପରିବା, ଶାଗ ଅଧିକ ଖାଆନ୍ତୁ । ଦୀର୍ଘଦିନ ଧରି ଯନ୍ତ୍ରଣା ହେଉଥିଲେ, ଯନ୍ତ୍ରଣା-ନିବାରକ ଔଷଧ କିମ୍ବା ଟୁଟୁକା ଚିକିତ୍ସା କରନ୍ତୁ ନାହିଁ । ଏହା ଶାରୀରିକ ଯନ୍ତ୍ରଣାର ଦୀର୍ଘକାଳୀନ ସମାଧାନ ନୁହେଁ । ରୋଗର ପ୍ରଥମ ଅବସ୍ଥାରୁ ଚିକିତ୍ସିତ ହେଲେ ଯନ୍ତ୍ରଣାରୁ ଉପଶମ ମିଳିପାରିବ ।

## ଗଛନୁହେଁ ସେଲ୍‌ଫୋନ ଟାୱାର



**ମୋବାଇଲ ଫୋନରେ ବ୍ୟବହାର ବଢ଼ିଚାଲିବା ସାଙ୍ଗକୁ ଗାଁଠାରୁ ସହର ଚାରିଆଡେ ମାଳମାଳ ଟାୱାର ଦେଖାଯାଉଛି । ତେବେ ଏପରି କେତେକଟାୱାର ରହିଛି ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ । ଦେଶପାରିବେ ନାହିଁ । ଦେଶବିଦେଶରେ ଏମିତି ଟାୱାରବେଶ୍ ଚର୍ଚ୍ଚାରେ ରହିଛି ।**



ହଠାତ୍ ଦେଖିଲେ ଖଜୁରି ଗଛ ପରି ମନେହେବ । ଗଛର ଗଠନ ଏବଂ ପତ୍ର ଅବିକଳ ଖଜୁରି ଗଛ ପରି । କିନ୍ତୁ ନିରିଖେଇ ଦେଖିଲେ ଜାଣିବେ ଯେ ଏହା ଗଛ ନୁହେଁ ଏକ ସେଲଫୋନ ଟାୱାର । ଖଜୁରି ଗଛ ଆକୃତିରେ ଏକାଧିକ ଟାୱାର ବିଭିନ୍ନ ସ୍ଥାନରେ ରହିଛି । ଏହା ଦେଖିବାକୁ ସୁନ୍ଦର ଏବଂ ବେଶୀ ଜାଗା ମଧ୍ୟ ଦରକାର କରିନଥାଏ । ଏହି ମନୋପୋଲ ଟାୱାରଟି ତଳୁ ଦେଖିବାକୁ ସାଧାରଣ ଇଲେକ୍ଟ୍ରିକ୍ ଖୁଣ୍ଟ ପରି । ଏହାକୁ ଏବେ ସୁନ୍ଦର ରୂପ ଦେବା ଲାଗି ବିଭିନ୍ନ ଶୈଳୀରେ ସଜାଯାଉଛି ।

ସକାଳୁସକାଳୁ ଘର ଆଗରେ ବଡ଼ ଟ୍ୟୁଲିପ ଫୁଲ କିମ୍ବା ଦେବଦାରୁ ଗଛଟିଏ ଦେଖିଲେ ଆଦୌ ଚମକିବେନି । ଏପରିକି ନାଗଫେଣି ଗଛ ବି ଦେଖାଯାଇପାରେ । ଏହି ଗଛଗୁଡ଼ିକ ମଣିଷ ବଦଳରେ ମୋବାଇଲ ଫୋନର ସ୍ୱାସ୍ଥ୍ୟ ପାଇଁ କାମ କରନ୍ତି । ଅର୍ଥାତ୍- ନେଟୱାର୍କ ସଠିକ ରଖିପାରନ୍ତି । ଆମେରିକା, ଇଟାଲି, ପର୍ତ୍ତୁଗାଲ, ଦକ୍ଷିଣ କୋରିଆ, ଇଂଲଣ୍ଡ ପରି ଦେଶର ବିଭିନ୍ନ ସହରରେ ଏଭଳି ଆକୃତିର ସେଲଫୋନ ଟାୱାର ଦେଖାଯାଏ । ଖୁବ୍ କମ ଜାଗାରେ ନାଗଫେଣି, ତାଳ, ଦେବଦାରୁ, ପତାକା ଖୁଣ୍ଟି, ଚର୍ଚ୍ଚ ବେଲ ଭଳି ଆକାରରେ ଏହି ଟାୱାରଗୁଡ଼ିକ ଗ୍ରାହକଙ୍କ ସେବାରେ ଲାଗିଥାନ୍ତି । କେତେକ ଟାୱାରର ରୂପ ଏପରି ଯେ ବଡ଼ ବଡ଼ ସ୍ଥପତି ବି ଏହାକୁ ଦେଖିଲେ ବିଶ୍ୱାସ କରିପାରନ୍ତି ନାହିଁ ଯେ ଏଗୁଡ଼ିକ ସେଲ୍‌ଫାନ୍ ଟାୱାର ।

ଦେଶରେ ବି ଏପରି ଡିଜାଇନର ଟାୱାର ଅଭାବ ନାହିଁ । ବିଶେଷ କରି ରିଲାଏନ୍ସ ଜିଓ କମ୍ପାନୀ ଏପରି ଟାୱାର ପ୍ରତିଷ୍ଠା କରିଚାଲିଛି । ଜିଓର ବ୍ୟବସାୟ ସହିତ ସାରା ଦେଶରେ ୪ଜି ସେବା ଯୋଗାଇବା ଲାଗି କମ୍ପାନୀ ଏପରି ଅଦ୍ଭୁତ ଟାୱାର ପ୍ରତିଷ୍ଠା କରୁଛି । ମୁମ୍ବାଇ, ହାଇଦ୍ରାବାଦ, ଜାମସେଦପୁର, ଚଣ୍ଡିଗଡ, ଆଦି ସ୍ଥାନରେ ଏପରି ଚମତ୍କାରୀ ଜିଓ ଟାୱାର ଦେଖିପାରିବେ ।

-୧୯୯୬ ମସିହାରେ କେପ୍ଟାଉନରେ ବିଶ୍ୱର ପ୍ରଥମ ଗଛ ପରି ଦେଖାଯାଉଥିବା ସେଲଫୋନ ଟାୱାର ଲଗାଯାଇଥିଲା । ଏହି ଟାୱାରଟି ତାଳଗଛ ପରି ଦେଖାଯାଉଥିବା ବେଳେ ଏହାକୁ ବିଷାକ୍ତ ତତ୍ତ୍ୱମୁକ୍ତ ପ୍ଲାଷ୍ଟିକରେ ତିଆରି କରାଯାଇଥିଲା ।

-୨୦୧୫ ମସିହାରେ ଦେଶର ପ୍ରଥମ ମନୋପୋଲ ଟାୱାର ଜାମସେଦପୁରଠାରେ ଲାଗିଥିଲା । ଏହା ମଧ୍ୟ ତାଳଗଛ ପରି ହୋଇଥିବାବେଳେ ଉଚ୍ଚତା ଥିଲା ୩୫ ମିଟର ।

ସେବା ସହିତ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହେଉଛି । ଏହି ପ୍ରୋଜେକ୍ଟରେ ଜିଓ ସହିତ ଅନ୍ୟ ମୋବଇଲ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ବି ସାମିଲ ହୋଇଛନ୍ତି । ପୁରୁଣା ଟାୱାର ତୁଳନାରେ ଏହି ମନୋ ପୋଲଗୁଡ଼ିକ ୫୦ଗୁଣ କମ ଜାଗା ଦରକାର କରୁଛନ୍ତି । ପ୍ରି- ଫାବ୍ରିକେଟେଡ ମ୍ୟାଟେରିଆଲରେ ନିର୍ମିତ ଏହି ଟାୱାର ମାତ୍ର୫-୬ ଘଣ୍ଟା ଭିତରେ ଲଗାଯାଇପାରୁଛି । କେବଳ ମୋବାଇଲ ନେଟୱାର୍କ ନୁହେଁ, ରାସ୍ତାର ଲାଇଟ୍ ଯାତାୟାତ ନିୟନ୍ତ୍ରଣ ଲାଗି କ୍ୟାମେରା ଏବଂ ବାୟୁର ମାନ ପରୀକ୍ଷଣ ଲାଗି ଉପକରଣ ଆଦି ଏଥିରେ ଲାଗିପାରୁଛି । ଗୋଟିଏ ସ୍ଥାନରେ ଏକାଧିକ ସେବା କାର୍ଯ୍ୟ କରିପାରୁଛି ।

ଏଭଳି ମନୋପୋଲ ଟାୱାର କାର୍ଯ୍ୟ କରିବା ଲାଗି ଅଧିକ ବିଦ୍ୟୁତ ଶକ୍ତି ଆବଶ୍ୟକ ହୋଇନଥାଏ । ସାଧାରଣ ଟାୱାର ପରିଚାଳନା ପାଇଁ ପ୍ରାୟ ୨.୫ କିଲୋୱାଟ ବିଦ୍ୟୁତ ଏବଂ ଜନେରେଟରର ଆବଶ୍ୟକତା ଜରୁରୀ ଥିବା ବେଳେ ଏହି ଟାୱାରଗୁଡ଼ିକ ମାତ୍ର ୭୫୦ ୱାଟ୍ ବିଦ୍ୟୁତରେ କାର୍ଯ୍ୟ କରିପାରନ୍ତି । ଏହି ବିଦ୍ୟୁତ ବ୍ୟାଟେରିରୁ ମିଳିଯାଇଥାଏ । ସ୍ପେକ୍ଟ୍ରମ ଆଧାରରେ ଏହାର ରେଞ୍ଜ ୩୦୦ରୁ ୫୦୦ ମିଟର ମଧ୍ୟରେ ରହେ । ଏଥିରେ ବିଦ୍ୟୁତ ଉପକରଣ ରଖିବା ଲାଗି ସ୍ଥାନ କିମ୍ବା ଏୟାର କଣ୍ଡିସନର ଦରକାର ହୁଏ ନାହିଁ । ସବୁ ଜିନିଷ ଖମ୍ବ, ଭିତରେ ଥିବା ଖାଲିସ୍ଥାନରେ ରହିପାରେ । ଏହି କାରଣରୁ ଏଭଳି ଟାୱାର ମଧ୍ୟ ପ୍ରଦୂଷଣମୁକ୍ତ ।



## ଆଇସ୍ ଟି ପିଇବା ହୋଇପାରେ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ



ଆମମାନଙ୍କ ମଧ୍ୟରୁ ବହୁତ ଲୋକଙ୍କର ଦିନର ଆରମ୍ଭ ଚା'ରୁ ହୋଇଥାଏ । ଏମାନଙ୍କ ଭିତରୁ କିଛି ଲୋକ ଏପରି ବି ଥାଆନ୍ତି ଯେ କି ଚା' ନ ପିଇଲେ କିଛି କାମ କରିପାରନ୍ତି ନାହିଁ । ଏବେ ଗରମ ଥିବାରୁ ଦିନରେ ଲୋକେ ସାଧାରଣ ଚା' ପିଇବା ବଦଳରେ ଆଇସ୍ ଟି ପିଇବାକୁ ପସନ୍ଦ କରୁଛନ୍ତି । ଏହାକୁ ଆମ ଶରୀର ପାଇ ମଧ୍ୟ ଲାଭକାରୀ ବୋଲି କୁହାଯାଉଛି । କିନ୍ତୁ ନିକଟରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଆଇସ୍ ଟି ପିଇବା ଦ୍ୱାରା ଆମ ଶରୀରରେ କି କ୍ଷତି ସବୁ ହୋଇଥାଏ । ଆମକୁ ଲାଗିଥାଏ କି, ଗରମ ଦିନେ ଆଇସ ଟି ପିଇବା ଭଲ ହୋଇଥାଏ । ଏହା ଭାବି ଆମେ ଯେତେବେଳେ ଇଚ୍ଛା ସେତବେଳେ ଆଇସଟି ପିଇଥାଉ । କିନ୍ତୁ ଏହି ରିସର୍ଚ୍ଚ ଅନୁସାରେ ଅଧିକ ଆଇସ ଟି ପିଇଲେ କିଡନି ଜନିତ ସମସ୍ୟା ସୃଷ୍ଟି ହୋଇପାରେ ।

ଅଧିକ ମାତ୍ରାରେ ଆଇସଟି ପିଇଲେ ଶରୀରର ଓଜନ ବୃଦ୍ଧି ପାଇଥାଏ । ଅନେକ ଲୋକଙ୍କୁ ସୁଗାର ସୋଡ଼ାକୁ ଆଇସ ଟି ସହିତ ମିଶାଇ ପିଇଥାନ୍ତି । ଏପରି କରିବା ଦ୍ୱାରା ଟିର ଉପକାରୀ ତତ୍ତ୍ୱ ନଷ୍ଟ ହୋଇଥାଏ ଓ ଏହା ଆମ ଶରୀର ପାଇଁ ହାନୀକାରକ ହୋଇଥାଏ । ହାଇବେଟିସ ରୋଗୀ ଏହି ପାନୀୟଠାରୁ ଦୂରେଇ ରହିବା ନିହାତି ଦରକାର କାରଣ ଏହା ଡାଇବେଟିସ ରୋଗୀଙ୍କ ପାଇଁ ବିପଦଜନକ ହୋଇପାରେ । ଯଦି ଆପଣ ଆଇସ ଟି ପିଇବାକୁ ଚାହୁଁଛନ୍ତି ତେବେ ଏହାକୁ ପିଇବାର ସବୁଠାରୁ ଭଲ ଉପାୟଟି ହେଲା ଯେ, ଏହାକୁ ବିନା ଚିନିରେ ପିଅନ୍ତୁ । ଏହା ବ୍ୟତିତ ଦିନରେ ମାତ୍ର ଗୋଟିଏ ଥରରୁ ଅଧିକ ଆଇସଟି ପିଅନ୍ତୁ ନାହିଁ । ବିନା ଚିନିରେ ଆଇସଟି ପିଇବା ଲାଭକାରୀ ହୋଇଥାଏ । ଏହା ବ୍ଲଡପ୍ରେସର ନିୟନ୍ତ୍ରଣ କରିବା ସହିତ ସ୍କିନ ଜନିତ ବିଭିନ୍ନ ସମସ୍ୟାକୁ ମଧ୍ୟ ଦୂର କରିଥାଏ ।



## ଏକଜିମା

ଏଗଜିମା ଏକ ସାଧାରଣ ଚର୍ମ ରୋଗ । ଶିଶୁଙ୍କ ମୁହଁ, ହାତ , ଗୋଡ଼ରେ ଏହା ଦେଖାଯାଏ । ବୟସ୍କଙ୍କ ଆଣ୍ଠୁ ଓ କହୁଣିର ପଛପଟ, ପାଦ ବେକ ଓ ହାତରେ ଦେଖାଯା, । ଏହାର କାରଣ ଅଜଣା । ତେବେ ଚର୍ମର ଶୁଷ୍କତା ଏକ କାରଣ ହୋଇପାରେ । ଚର୍ମର ରଙ୍ଗ ବଦଳିବା ନାଲି, ବାଦାମୀ, ପାଉଁଶିଆ ଦାଗ; କଣ୍ଡୁଦୋଷ; କାନରୁ





ରକ୍ତ କ୍ଷରଣ ଆଦି ଏହାର ମୁଖ୍ୟ ଲକ୍ଷଣ । ଅବସାଦ ଅତ୍ୟଧିକ ସ୍ୱେଦ, ତ୍ୱଚାର ଶୁଷ୍କତା, ଉଲେନ ପୋଷାକ, ଧୂଳି, ପରାଗ ରେଣୁ, ଟୁବାକୋ ଧୂମ, ଦୂଷିତ ବାୟୁ, ଅଣ୍ଡା, କ୍ଷିର, ବାଦାମ, ସୋୟାବିନ, ମାଛ, ଗହମ, ସାବୁନ ଆଦି ଏଗଜିମା ବଢ଼ାଏ । ଏଗଜିମା ଭୋଗୁଥିଲେ ଦିନରେ ଦୁଇତିନି ଥର ଗାଧାନ୍ତୁ । ଦେହ ଓଦା ଥିବାବେଳେ ମଏସଚରାଇଜର ଲଗାନ୍ତୁ । ତ୍ୱଚା ଯେପରି ଶୁଷ୍କ ନ ହୁଏ, ଏଥିପ୍ରତି ସଜାଗ ରହନ୍ତୁ । ଏଗଜିମା ହୋଇଥିବା ସ୍ଥାନରେ ଭର୍ଜିନ ଅଲିଭ ଅଏଲ ଲଗାନ୍ତୁ । କୁଣ୍ଡାନ୍ତୁନାହିଁ । ଅଧିକ କୁଣ୍ଡେଇ ହେଲେ, ଉଷୁମ ପାଣିରେ ଖାଇବା ସୋଡ଼ା, ଓଟମିଲ ପକାଇ ଗାଧାନ୍ତୁ। ତଉଲିଆରେ ରଗଡ଼ି ଦେହ ଶୁଖାନ୍ତୁ ନାହିଁ ।

## ସ୍କ୍ୱାଟ୍‌ର ଉପକାରିତା



ଯେଉଁମାନେ ଭାରତ ସହ ଉଠ-ବସ ହୁଅନ୍ତି, ସେମାନଙ୍କ ଆଣ୍ଠୁ ଓ ନିତମ୍ବ ଅଧିକ ଶକ୍ତିଶାଳୀ, ଏହା ପ୍ରମାଣିତ । ତେଣୁ ପ୍ରତି ଦିନ ପ୍ରଥମେ ବିନା ଭାରରେ ଉଠ-ବସ ହୁଅନ୍ତୁ । ଅଭ୍ୟାସ ହେବା ପରେ ଭାର ସହ ସ୍କ୍ୱାଟ୍ ବ୍ୟାୟାମ କରନ୍ତୁ । ଆଣ୍ଠୁ, ଜଂଘ ଓ ନିତମ୍ବର ସ୍ୱାସ୍ଥ୍ୟ ପାଇଁ ଏହା ଅଶେଷ ଉପକାରୀ । ଏହାଛଡ଼ା ନିୟମିତ ଆଣ୍ଠୁ ଭାଙ୍ଗି ତଳେ ବସନ୍ତୁ । ଆଣଣ୍ଠୁ ଓ ନିତମ୍ବ ଖଞ୍ଜା ପ୍ରାକୃତିକ ଭାବେ ତଳେ ବସିବା ପାଇଁ ଉଦ୍ଦିଷ୍ଟ । ଯେଉଁମାନେ ତଳେ ବସୁନାହାନ୍ତି, କମୋଡରେ ମଳ ତ୍ୟାଗ କରୁଛନ୍ତି, ସେମାନଙ୍କର ଆଣ୍ଠୁ ଓ ନିତମ୍ବ ଖଞ୍ଜାର ସଂପୂର୍ଣ୍ଣ ଚଳନ ହୋଇପାରୁନାହିଁ । ଖଞ୍ଜା ଓ ତତ୍‌ସଂଲଗ୍ନ ମାଂସପେଶୀ କଠିନ ହୋଇ ନାନା ସମସ୍ୟା ଉପୁଜୁଛି । ଆଣ୍ଠୁ ଓ ନିତମ୍ବ ଖଞ୍ଜା ଶୀଘ୍ର ନଷ୍ଟ ହେଉଛି । ଫଳରେ ଆଣ୍ଠୁ ଓ ନିତମ୍ବର କୃତ୍ରିମ ପ୍ରତିରୋପଣ କରାଇବାକୁ ବାଧ୍ୟ ହେଉଛନ୍ତି । ସଂପୂର୍ଣ୍ଣଭାବେ ତଳେ ବସିବା -ଉଠିବା ଆଣ୍ଠୁ ପାଇଁ କ୍ଷତିକାରକ ବୋଲି ଥିବା ଧାରଣା ଭ୍ରମାତ୍ମକ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଶୃଙ୍ଖଳିତ ନାଟକ...

ଆମେରିକାର ସଂସଦ ଭବନରେ ଯେଉଁ ଅଭାବନୀୟ କାଣ୍ଡ ଘଟିଲା ତାହା ଯେତିକି ଅଭାବନୀୟ ସେତିକି ଅଭୂତପୂର୍ବ। ଅନ୍ୟ ଭାଷାରେ କହିଲେ-ଅକ୍ଷମଣୀୟ ଏବଂ ନିନ୍ଦନୀୟ। କ୍ଷମତାସୀନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଆହ୍ୱାନକ୍ରମେ ଶହ ଶହ ପ୍ରତିବାଦକାରୀ ଭାବେ ଚାରି ବଳୟ ବିଶିଷ୍ଟ ପ୍ରତିରକ୍ଷା ବ୍ୟବସ୍ଥାକୁ ଭେଦ କରି କ୍ୟାପିଟେଲ ଭବନରେ ପଶି ହିଂସାକାଣ୍ଡ, ପୋଡ଼ାଜଳ, ଫୋପଡ଼ାଫିଙ୍ଗା ଓ ଭଙ୍ଗାରୁଜା କାଣ୍ଡ ଘଟାଇଲେ ତାହା କେବଳ ଆମେରିକାବାସୀଙ୍କୁ ନୁହେଁ, ସମଗ୍ର ବିଶ୍ୱକୁ ବିସ୍ମିତ କରିଛି। ଦୀର୍ଘ ତିନି ଘଂଟାରୁ ଅଧିକ ସମୟ ଧରି ସୁରକ୍ଷାକର୍ମୀଙ୍କ ସହ ସଂଘର୍ଷ ଘଟିବା ପରେ ଜଣେ ମହିଳାଙ୍କ ସମେତ ଚାରି ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ଜଣାଯାଏ। ଏହି କାଣ୍ଡରେ ଲିପ୍ତ ପ୍ରାୟ ପଚାଶରୁ ଅଧିକ ବିକ୍ଷୋଭକାରୀଙ୍କୁ ମଧ୍ୟ ଗିରଫ ମଧ୍ୟ କରାଯାଇଛି। ତେବେ ଉତ୍ପନ୍ନ ସ୍ଥିତି ବାସ୍ତବିକ ଅଭାବନୀୟ। କାରଣ ନବନିର୍ବାଚିତ ରାଷ୍ଟ୍ରପତି ଡେମୋକ୍ରାଟିକ ଦଳର ପ୍ରାର୍ଥୀ ଜୋ ବାଇଡେନଙ୍କ ବିଜୟକୁ କଂଗ୍ରେସର ମଂଜୁରି ପ୍ରଦାନ ନିମନ୍ତେ ଆହୂତ ଏହି ଅଧିବେଶନ ଅନୁଷ୍ଠିତ ହେବା ପୂର୍ବରୁ ଜୀବନ ବଂଚାଇବା ପାଇଁ ପ୍ରତିନିଧି ସଭା ଓ ସିନେଟ ସଦସ୍ୟମାନଙ୍କୁ ଯତ୍ରତତ୍ର ସ୍ଥାନାନ୍ତରିତ ହେବାକୁ ପଡ଼ିଥିଲା। ଏହାକୁ ଗଣତନ୍ତ୍ର ସର୍ବୋଚ୍ଚ ପୀଠ ଉପରେ ଆକ୍ରମଣ ଛଡ଼ା ଆଉ କ'ଣ କୁହାଯାଇପାରେ। ଆଶ୍ଚର୍ଯ୍ୟର କଥା, ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଏହି ବିକ୍ଷୋଭକାରୀଙ୍କୁ ସେମାନଙ୍କ ଏଭଳି ଉନ୍ମତ୍ତ କାଣ୍ଡ ଲାଗି ସାବାସୀ ଜଣାଇଛନ୍ତି। ଦ୍ୱିତୀୟ ଥର ନିର୍ବାଚନରେ ପରାଜୟ ବରଣ କରିଥିଲେ ସୁଦ୍ଧା ଟ୍ରମ୍ପ ମହୋଦୟ ଜନାଦେଶକୁ ଗ୍ରହଣ କରିବାକୁ ନାରାଜ। ତେଣୁ ତାଙ୍କ ରାଷ୍ଟ୍ରପତିତ୍ୱ ଅବଧି ଆଉ ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ରହିଥିବାବେଳେ ସେ ତାଙ୍କର ଶେଷ ପ୍ରୟାସସ୍ୱରୂପ ସମର୍ଥକମାନଙ୍କୁ କ୍ୟାପିଟେଲ ହିଲ୍ ଅଭିଯାନ ଲାଗି ଆହ୍ୱାନ ଜଣାଇଥିଲେ। ଏହା ତାଙ୍କ ହତାଶ ଭାବର ଚରମ ନିଦର୍ଶନ ବୋଲି କୁହାଯାଇପାରେ। କିନ୍ତୁ ଜଣେ କ୍ଷମତାସୀନ ରାଷ୍ଟ୍ରପତିଙ୍କଠାରୁ ଏଭଳି ମନୋନୀତ କଦାପି ଆଶା କରାଯାଇନପାରେ। ନିର୍ବାଚିତ ହେବା ଦିନଠାରୁ ଅଦ୍ୟାବଧି ରାଷ୍ଟ୍ରପତି ଟ୍ରମ୍ପ ଅନେକ ବିବାଦ ସୃଷ୍ଟି କରିଆସିଛନ୍ତି। କିନ୍ତୁ ଗୁରୁବାର ଦିନର ଏହି କାଣ୍ଡ ସବୁଠାରୁ ଗର୍ହିତ ଓ ନିନ୍ଦନୀୟ। ତାଙ୍କ ସମର୍ଥକଙ୍କ ଏପରି କାର୍ଯ୍ୟ ଆମେରିକା ଇତିହାସରେ ସବୁଦିନ ପାଇଁ ଏକ ନିନ୍ଦନୀୟ ଘଟଣାର ସ୍ୱାକ୍ଷରିତ ହୋଇଛି। ସଦ୍ୟ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ଦଳ ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ପରାଜୟକୁ ଆମେରିକାବାସୀ ତଥା ବିଶ୍ୱ ଗ୍ରହଣ କରିସାରିଛି। ଏବେ ବିଦାୟର ବେଳା ଓ ଆମେରିକାର ରାଜନୈତିକ ଇତିହାସରେ ଗୋଟିଏ ଦଳ ହାତରୁ ଅନ୍ୟ ଦଳ ହାତକୁ ଏବଂ ଜଣେ ରାଷ୍ଟ୍ରପତିଙ୍କ ହାତରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ହାତକୁ କ୍ଷମତା ହସ୍ତାନ୍ତର ବେଶ୍ ଗରିମାପୂର୍ଣ୍ଣ ଓ ସାମ୍ବିଧାନିକ ଢ଼ଙ୍ଗରେ ସଂପାଦନ କରାଯାଇଥାଏ। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସମର୍ଥକମାନେ ଏଭଳି କାଣ୍ଡ ଭିଆଇଛନ୍ତି ଯେ, ଯେଉଁଥିରେ ରାଷ୍ଟ୍ରପତି ମାଇକ୍ ପେନ୍ସଙ୍କଠାରୁ ଆରମ୍ଭ କରି ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ଏବଂ ଏକାଧିକ ପୂର୍ବତନ ରାଷ୍ଟ୍ରପତି ତଥା ବିଶ୍ୱ ନେତୃବୃନ୍ଦ କ୍ଷୋଭ ପ୍ରକଟ କରିବା ସହ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। କେବଳ ସେତିକି ନୁହେଁ, ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଶାସନ ଟିମର ଅଧିକାଂଶ ସଦସ୍ୟ ଇସ୍ତଫା ଦେବାର ଇଚ୍ଛା ପ୍ରକଟ କରିଛନ୍ତି। କାର୍ଯ୍ୟକାଳ ସରିବାକୁ ଆଉ ମାତ୍ର ଦୁଇ ସପ୍ତାହ ସମୟ ଥିଲେ ସୁଦ୍ଧା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବହିଷ୍କାର କରିବା ଲାଗି ମାର୍କିନ କଂଗ୍ରେସ ଚିନ୍ତା କରୁଛି। ଏହା କୌଣସି ସାଧାରଣ ଘଟଣା ନୁହେଁ। ରାଷ୍ଟ୍ରର ତଥା ନିଜ ପଦ ମର୍ଯ୍ୟାଦାର ମହତ୍ୱ ଓ ସମ୍ମାନ ରକ୍ଷା ପାଇଁ ଶପଥ ନେଇଥିବା ରାଷ୍ଟ୍ରମୁଖ୍ୟ ଯଦି କ୍ଷମତା ଲୋଭରେ ହିଂସା ଓ ଅରାଜକତା ସୃଷ୍ଟି କରିବାର ପନ୍ଥା ଆପଣାନ୍ତି, ତାହା କଦାପି ଗ୍ରହଣୀୟ ହେବନାହିଁ। ଏହା ହୁଏତ ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ମଧ୍ୟରେ ଯଥାର୍ଥ ବୋଲି ଦାବି କରାଯାଇପାରେ। କିନ୍ତୁ ବିଶ୍ୱର ଅନ୍ୟତମ ବୃହତ୍ତମ ଗଣତାନ୍ତ୍ରିକ ବ୍ୟବସ୍ଥା, ଆମେରିକାରେ କଦାଚିତ୍ ନୁହେଁ। କୁହାଯାଏ, କ୍ଷମତା ବେଳେବେଳେ ମଣିଷକୁ ଅନ୍ଧ କରି ପକାଇଥାଏ, ନୀତି-ଅନୀତି ମଧ୍ୟରେ ଥିବା ବିଭେଦକୁ ବାରିବାରେ ମଧ୍ୟ ମଣିଷ ଅକ୍ଷମ ହୋଇଥାଏ। କିନ୍ତୁ ବ୍ୟବସ୍ଥା ବାଟହୁଡ଼ା ମଣିଷକୁ ପୁଣି ଉଚିତ୍ ମାର୍ଗକୁ ଲେଉଟାଇ ଆଣିଥାଏ। ଅନ୍ତତଃ ପକ୍ଷେ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପଙ୍କର ସେତିକି ହୃଦବୋଧ ହେବା ଉଚିତ ଓ କ୍ଷମତାରୁ ଅନ୍ତ ହେବା ଆଗରୁ ସେ ଦେଶବାସୀଙ୍କ ନିକଟରେ ତାହା ସ୍ୱୀକାର କରିବା ତାଙ୍କର ବଡ଼ ପଣ ହେବ।

## କବିତା କୋଣାର୍କ

### ସ୍ୱପ୍ନ ଦେଖିବାର ଇଚ୍ଛା...

**ସୁଦର୍ଶନ ମହାପାତ୍ର**

ଦେଖିବାକୁ ଇଚ୍ଛା ସ୍ୱପ୍ନଟିଏ ସଦା
ମନଭରି ଜିଇବାକୁ
ସପନ ଭିତରେ ଭିଜିବାକୁ ଚାହେଁ
ଖୁସି କ୍ଷଣେ ପାଇବାକୁ।

ସ୍ୱପ୍ନରେ କେବେ ମୁଁ ଖୋଜି ହେଉଥାଏ
ଜୀବନର ବାସ୍ତବତା
ତାହାରି ଭିତରେ ଲୁଚି ରହିଥାଏ
ବଂଚିବାର ମାଦକତା।

ବିତିଥିବା ଦୁଃଖ ଭାବିଲା ବେଳକୁ
ଆୟୁଷଟା ଯିବ ସରି
ସୁଖ ସପନକୁ ସାଉଁଟିବା ଇଚ୍ଛା
ସମୟର ହାତ ଧରି।

ସପନରେ କେବେ ଛପି ବସିଥାଏ
ଭାଗ୍ୟ ଆଉ ଭବିଷ୍ୟତ
ବାଧା ବିଘ୍ନ ଯେତେ ଲଂଘିବାର ଇଚ୍ଛା
ସତେ ହୁଏ ଅଭିପ୍ରେତ।

ସପନ ରାଇଜେ ମନ ବୁଲୁଥାଏ
ହୃଦୟର ଭରି ପ୍ରେମ
ଓଠରେ ଉକୁଟେ ହସ ଧାରଟିଏ
ସତେ କେଡ଼େ ଅନୁପମ।

ଛନ୍ଦା ଚରଣରେ ମନ ରହିଥାଇ
ସପନ ମୋ ପୁରାହେଉ
ପଂଚଭୂତରେ ମୁଁ ଲୀନ ହେବାଯାଏ
ବିଭୂ କୃପା ରହିଥାଉ।

+କୁଜଂବିହାରରୀ ଲେନ, କଟକ



**ବିଦ୍ୟୁତ ଲତା ପଣ୍ଡା**

# ସଫଳା ଏକାଦଶୀ

ଏକାଦଶୀ ବ୍ରତ ବିଷ୍ଣୁଙ୍କର ସମସ୍ତ ବ୍ରତଠାରୁ ସର୍ବୋତ୍ତମ ବ୍ରତ ଅଟନ୍ତି । ଏହି ବ୍ରତ ଆଠବର୍ଷ ବୟସ ଠାରୁ ଅଶୀବର୍ଷ ବୟସ ପର୍ଯ୍ୟନ୍ତ ସ୍ତ୍ରୀ,ପୁରୁଷ ନିର୍ବିଶେଷରେ ଉଭୟ ଉପବାସ କରିବା ପୂର୍ବକ ପାଳନ କରିବା ଉଚିତ । ଏଥି ନିମନ୍ତେ ଦଶମୀ ସକାଳେ ଶଯ୍ୟା ତ୍ୟାଗକରି ଦନ୍ତ ଧାବନ ଓ ତୈଳ ମର୍ଦ୍ଦନ ବ୍ୟତୀତ ସ୍ନାନ କରି ବିଷ୍ଣୁ ପୂଜନ ପୂର୍ବକ ହରିଙ୍କୁ ଧ୍ୟାନକରି ମଧ୍ୟାହ୍ନରେ ଥରେ ମାତ୍ର ଭୋଜନ କରିବେ । ଉକ୍ତଦିନ ଅଧିକ ଭୋଜନ କିମ୍ବା ଅଧିକ ଜଳପାନ ନିଷିଦ୍ଧ ଅଟେ । ଦଶମୀର ନିୟମ ଦ୍ୱାଦଶୀ ତିଥିରେ ମଧ ଅନୁରୂପ ପାଳନ କରିବାକୁ ହୁଏ । କିଛି ଫଳ ପ୍ରାପ୍ତିର ଇଚ୍ଛାଥିଲେ ଦଶମୀ ରାତ୍ର ଭୋଜନ କରିବା ଉଚିତ୍ ନୁହେଁ ।

ପଦ୍ମ ପୁରାଣରେ ବର୍ଣ୍ଣିତ ହୋଇଛି- ସ୍ମର୍ତବ୍ୟଃ ସତତଂ ବିଷ୍ଣୁ ର୍ବିସ୍ମର୍ତ ବ୍ୟୋ ନ ଜାତୁଚିତ୍ । ସର୍ବେ ବିଧି-ନିଷେଧାଃ ସ୍ୟୁରେତୟୋରେବ କିଙ୍କରାଃ ॥

ଅର୍ଥାତ୍-ବିଷ୍ଣୁ ସର୍ବଦାହିଁ ସ୍ମର୍ତବ୍ୟ,କେବେହେଲେ ବିସ୍ମର୍ତବ୍ୟ ନୁହଁନ୍ତି । ସମଗ୍ର ବିଧି ଓ ନିଷେଧ ଏଇ ଦୁଇ କଥାରେ ଅନୁଗତ । ଶାସ୍ତ୍ରରେ ଯେତେ ପ୍ରକାର ବିଧି ଓ ନିଷେଧ କୁହାଯାଇଛି,ସେ ସମସ୍ତହିଁ ଉକ୍ତ ଦୁଇ କଥାକୁ ଅବଲମ୍ବନ କରି ହୋଇଅଛି । ଯାହା ଅବଲମ୍ବନ କଲେ ଭଗବାନ ସ୍ମରଣ ପଥକୁ ଆସନ୍ତି,ତାହାହିଁ କର୍ତ୍ତବ୍ୟ ବୋଲି ବିଧି;ଯେଉଁ କାର୍ଯ୍ୟ ଦ୍ୱାରା ଭଗବାନଙ୍କର ବିସ୍ମରଣ ହୁଏ,ସେହି କାର୍ଯ୍ୟହିଁ ନିଷେଧ ।ଏକାଦଶୀକୁ ହରିବାସର ବା ବିଷ୍ଣୁଙ୍କ ତିଥିବୋଲି ନିରୂପଣ କରାଯାଇଛି । ଉକ୍ତଦିନ ନିରାହାର ରହିଲେ ମାନସିକ ସ୍ଥିତି ସାତ୍ତ୍ୱିକ ସମ୍ପନ୍ନ ହେବା ସହିତ ସ୍ୱାସ୍ଥ୍ୟ ଠିକରହେ ଓ ମନ ଭଗବାନଙ୍କ ପ୍ରତି ଆସକ୍ତ ରହେ । ଏଣୁ ପ୍ରତ୍ୟେକ ଗୃହସ୍ଥ ଏବଂ ବ୍ରହ୍ମଚାରୀ ସମସ୍ତେ ଏହି ବ୍ରତ ପାଳନ କରିବା ଉଚିତ । ଜ୍ୟୋତିର୍ବିଜ୍ଞାନ ଅନୁସାରେ ଶୁକ୍ଳ ଓ କୃଷ୍ଣ ପକ୍ଷ ଏକାଦଶୀରେ ଚନ୍ଦ୍ରଙ୍କ ଏକାଦଶକଳାର ପ୍ରଭାବ ଜୀବ ଉପରେ ପଡିଥାଏ, ଫଳରେ ଅସୁସ୍ଥତା ଓ ମନର ଚଞ୍ଚଳତାଦି ଉତ୍ପନ୍ନ ହୁଏ । ଏଣୁ ଏସବୁର ନିରାକରଣ ପାଇଁ ଏକାଦଶୀ ବ୍ରତ ଉଦ୍ଦିଷ୍ଟ ହୋଇଛି । ଏଣୁ ଉପବାସ ରହିବା ପୂର୍ବକ ଏହିବ୍ରତ ପାଳନ କଲେ ଜୀବ ସୁସ୍ଥ ରହେ । "ଏକାଦଶ୍ୟାଂ ନିରାହାରଃ ସମଭ୍ୟର୍ଚ୍ଚ୍ୟ ଜନାର୍ଦ୍ଦନମ୍, ସ୍ନାତୁଂ ନନ୍ଦସ୍ତୁ କାଳିନ୍ଦ୍ୟା ଦ୍ୱାଦଶ୍ୟାଂ ଜଳମାବିଶତ୍ । (୧୦/୨୮/୧) ଯେଉଁ ବ୍ୟକ୍ତି ଏକାଦଶୀଦିନ ବିଧିପୂର୍ବକ ଭଗବାନ ଶ୍ରୀହରିଙ୍କୁ ପୂଜାକରେ,ଉପବାସ ରହେ, ସଂଯମନିୟମ ପାଳନକରି ରାତ୍ରି ଜାଗରଣ ରହି ଆରତୀ ଦାନକରେ, ସେ ଭଗବାନଙ୍କ ଅତିପ୍ରିୟ ହୋଇଉଠେ ବୋଲି ବ୍ରହ୍ମାଣ୍ଡପୁରାଣରେ ବର୍ଣ୍ଣିତ ହୋଇଛି । ଏକାଦଶୀ ମଧ୍ୟରେ କେହି ସାନ କିମ୍ବା ବଡ ଏକାଦଶୀ ନୁହନ୍ତି ମାତ୍ର ଭକ୍ତଗଣ ସମୁଦାୟ ପାଳିତ ହେଉଥିବା ଚବିଶ ଏକାଦଶୀ ମଧ୍ୟରୁ ପୌଷମାସ କୃଷ୍ଣପକ୍ଷରେ ଏହି ସଫଳା ଏକାଦଶୀବ୍ରତ ଅନୁଷ୍ଠିତ ହୋଇଥାଏ । ସଫଳା ଏକାଦଶୀ ବିଧିବତ୍ ପାଳନକଲେ ମନୁଷ୍ୟ ଏହି ମର୍ତ୍ତ୍ୟ ଲୋକରେ ଯଶସ୍ୱୀ ହୋଇ ମୋକ୍ଷପଥକୁ ଗତିକରେ । ଏହାର ନିଦର୍ଶନ ସ୍ୱରୂପ ଏକ ଆଖ୍ୟାୟିକାର ଅବତାରଣା କରାଯାଇ କୁହାଯାଇଛି,ଚମ୍ପାବତୀ ରାଜ୍ୟର ରାହା ମାହିଷ୍ମତୀଙ୍କର ଏକମାତ୍ର ପୁତ୍ର ଲୁମ୍ଭିକ ଅତ୍ୟନ୍ତ ଦୁରାଚାରୀ ଥିଲେ । ତାର ଦୁର୍ଗୁଣ ଯୋଗୁଁ ପିତା ତାଙ୍କୁ ଘରୁ ତଡିଦେବାରୁ ନିଜର ଜୀବନ ବଞ୍ଚାଇବା ଲାଗି ସେ ଜୀବହତ୍ୟାର ପନ୍ଥାକୁ ଚୟନ କଲା । ଏଥିରେ ତାର ପାପ ବହୁଗୁଣିତ ହେବାକୁ ଲାଗିଲା । ଏକଦା ପୌଷମାସ କୃଷ୍ଣପକ୍ଷ ଦଶମୀ ତିଥିରେ ସେ କିଛି ଖାଇବାକୁ ନପାଇ ଅନାହାରରେ ରହି ମୁର୍ଚ୍ଛା ଗଲା । ତା ପରଦିନ ଏକାଦଶୀ ପଡିଲା । ଅସୁସ୍ଥତା ହେତୁ ସେ କୌଣସି ସ୍ଥାନକୁ ଯାଇନପରି ବୃକ୍ଷରୁ କିଛି ଫଳ ଭଗବାନଙ୍କୁ ଅର୍ପଣକରି ଅଶ୍ୱସ୍ଥ ବୃକ୍ଷମୂଳେ ସେହି ଫଳକୁ ଭୋଜନ କଲା । ନିଜ ଅଜ୍ଞାତରେ ଲୁମ୍ଭିକ ଏକାଦଶୀ ବ୍ରତ ସମ୍ପୂର୍ଣ୍ଣ କରିଥିବାରୁ ଭଗବାନ ତା'ଉପରେ ସନ୍ତୁଷ୍ଟ ହୋଇ ତା'ପାପକୁ ଧୋଇ ଦେଇ ସଦ ଜ୍ଞାନ ପ୍ରଦାନ କଲେ । ଏହାପରେ ପିତା ମାହିଷ୍ମତୀ ପୁତ୍ରକୁ ଡାକି ନିଜରାଜ୍ୟ ଅର୍ପଣ କଲେ । ଯେଉଁ ବ୍ୟକ୍ତି ଏହି ପ୍ରକାରେ ଏହି ମଙ୍ଗଳଦାୟିନୀ ସଫଳା ଏକାଦଶୀ ବ୍ରତ ପାଳନ କରନ୍ତି ତାଙ୍କର ସମସ୍ତ ପାପ ନଷ୍ଟ ହୁଏ ଏବଂ ମୃତ୍ୟୁ ପରେ ମୋକ୍ଷଲାଭ ହୁଏ । ଯେଉଁମାନେ ଏହି ବ୍ରତ କଥା ପାଠ ବା ଶ୍ରବଣ କରନ୍ତି ସେମାନଙ୍କର ବାଜପେୟ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ ।

॥ ଜୟ ଜଗନ୍ନାଥ ॥


ମାଟିଗଡା ଶାଶନ,
ଔପଦା, ବାଲେଶ୍ୱର
ମୋ.୯୯୩୮୧୨୨୮୨୬


**ସୌମେନ୍ଦ୍ର ଜେନା**

# ଜିନପିଙ୍ଗଙ୍କୁ ଅଡୁଆ ମୋଦୀ

ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ନିଜକୁ ଦେଶରେ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ସମ୍ବିଧାନ ବଦଳାଇ କ୍ଷମତାରେ ରହିବାଲାଗି ବ୍ୟବସ୍ଥା କରିଦେଲେ । ଆମେରିକାର ପ୍ରଭୁତ୍ୱକୁ ହ୍ରାସ କରିବା ପାଇଁ ଆମେରିକୀୟ କମ୍ପାନୀଠାରୁ ପ୍ରାପ୍ତ ଅର୍ଥରେ ଆମେରିକାର ଗଣମାଧ୍ୟମ, ସଂଗଠନ ଏବଂ କମ୍ପାନୀଗୁଡିକର ଅଧିକାରୀମାନଙ୍କୁ କିଣି ନେଲେ । ଫଳତଃ ଆମେରିକା ଭିତରେ ଭିତରେ ଚୀନ ନିକଟରେ ଆତ୍ମସମର୍ପଣ କରିବା ପରି ସ୍ଥିତିକୁ ଆସିଗଲା । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ହୁଙ୍କାର ଦେଲେ ସତ, କିନ୍ତୁ ଚୀନା ଭାଇରସର ଆକ୍ରମଣ ଓ ଜିହାଦୀ ଗୋଷ୍ଠୀର ଦଙ୍ଗାଗୋଳକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇପାରିଲେ ନାହିଁ । ଏହାର ଭରପୁର ଫାଇଦା ନିର୍ବାଚନରେ ଜୋ ବାଇଡେନ୍ ଏବଂ କମଳା ହାରିସଙ୍କ ଗୋଷ୍ଠୀ ଉଠାଇଲେ । ଏବେ ଜାନୁଆରୀ ୨୦ରେ ଟ୍ରମ୍ପ ବିଦାୟ ନେବେ କ୍ଷମତାରୁ ଏବଂ ବାଇଡେନ ନୂତନ ଭାବେ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ । ଆଗାମୀ ଦିନରେ ଆମେରିକାଆଡୁ ଚୀନ ବିରୋଧୀ ଅଭିଯାନ ନିଶ୍ଚିତ ରୂପେ ଦୁର୍ବଳ ହେବ ବୋଲି ସମସ୍ତେ ଜାଣି ସାରିଲେଣି । ହେଲେ ସି'ଙ୍କ ପାଇଁ ଏବେ ଜଣେ ବ୍ୟକ୍ତି ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡା ହୋଇଛନ୍ତି । ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ଦେଖିବାକୁ ଗଲେ ଏସିଆ ମହାଦେଶରେ ଭାରତର ପ୍ରଭୁତ୍ୱକୁ ଦୀର୍ଘ ୬୫ବର୍ଷରୁ ଅଧିକ କାଳ ଧରି ଚୀନ ନିୟନ୍ତ୍ରଣ କରି ଆସିଥିଲା । ଏପରିକି ଭାରତ ସହ ବନ୍ଧୁତାର ଛଳକରି ପରେ ସୀମାନ୍ତରେ ବନ୍ଧୁକର ବଳ ଦେଖାଇ ଯୁଦ୍ଧ କରିଥିଲା । ପ୍ରଥମେ ନେହେରୁଙ୍କୁ ଶାନ୍ତିର ମିଛପାଠ ପଢାଇ ପରେ ଅଶାନ୍ତିର ଶକ୍ତ ଗ୍ରପୁଡା ବସାଇବାକୁ ମାଓ ସେ ତୁଂ ଆଦୌ ଡେରି କରିନଥିଲେ । ନେହେରୁଙ୍କ ପରି ଅଟଳ ବିହାରୀ ବାଜପେୟୀ ମଧ ଚୀନର ଜାଲରେ ଫସି ତିବ୍ବତକୁ ଚୀନର ଅଂଶଭାବେ ସ୍ୱୀକୃତି ଦେଇଥିଲେ । ୧୯୬୨ରୁ ଆଜିଯାଏ ଢେର ବର୍ଷ ଧରି ସୀମାନ୍ତ ଅଞ୍ଚଳ କାଶ୍ମୀର ଓ ପୂର୍ବୋତ୍ତର ଭାରତରେ ଅଶାନ୍ତି ସୃଷ୍ଟି ପାଇଁ ଚୀନ ସରକାର ଭିନ୍ନ ଭିନ୍ନ ସନ୍ତ୍ରାସବାଦୀ ଗୋଷ୍ଠୀଗୁଡିକୁ ପାକିସ୍ଥାନ ଏବଂ ମ୍ୟାନମାର ମାଧ୍ୟମରେ ଅସ୍ତ୍ରଶସ୍ତ୍ର ସହ ପ୍ରଶିକ୍ଷଣ ପ୍ରଦାନ କରିଆସିଛନ୍ତି । ଏହାର ପ୍ରମାଣ ସନ୍ତ୍ରାସବାଦୀଙ୍କଠାରୁ ଜବତ ଅସ୍ତ୍ରଶସ୍ତ୍ର ଏବଂ ସ୍ୱୀକାରୋକ୍ତିରୁ ଜଣାପଡିଛି । ଭାରତର ସୀମାନ୍ତରେ ଅଶାନ୍ତି ସୃଷ୍ଟିକରି ସ୍ୱାଭାବିକ ବାଣିଜ୍ୟରେ ଅସ୍ଥିରତାର ପ୍ରତିବନ୍ଧକ ଛିଡା କରିବା ହେଉଛି ଚୀନର ଲକ୍ଷ୍ୟ । ତେଣୁ ଷାଠିଏ ଦଶକରୁ ମ୍ୟାନମାର ଏବଂ ପାକିସ୍ଥାନକୁ ଭାରତର ବିରୋଧରେ ସବୁବେଳେ ଚୀନ ବ୍ୟବହାର କରିଆସିଛି । ଏହି ଦୁଇ ପଡୋଶୀ ରାଷ୍ଟ୍ରକୁ ଭାରତରେ ଅସ୍ଥିରତା ସୃଷ୍ଟିପାଇଁ ଉପଯୋଗ କରିବା ପରେ ଗତ ଦୁଇଦଶନ୍ଧି ଧରି ଶ୍ରୀଲଙ୍କା ଏବଂ ନେପାଳ ମାଧମରେ ଅନ୍ୟ ଦୁଇଟି ଚେକ୍‌ପୋଷ୍ଟ ଭାରତ ପାଇଁ ଖୋଲିବାକୁ ସକ୍ଷମ ହୋଇଛି । ଗୋଟିଏ ପଟେ ମଧ ଏସିଆ ସହ ଭାରତର ସଂପର୍କକୁ ସଂକୁଚିତ କରିବା ଉଦ୍ଦେଶ୍ୟରେ ପାକ୍ ଅଧିକୃତ କାଶ୍ମୀର ଦେଇ ଚୀନ-ପାକିସ୍ଥାନ ବାଣିଜ୍ୟିକ ସଡକ ସିପେକ୍ ନିର୍ମାଣ କରିଛି , ଯାହା ଫଳରେ ଏହି ଅଞ୍ଚଳକୁ ନିଜ ଦଖଲକୁ ନେବାକୁ ହେଲେ ଭାରତକୁ ପାକ୍ ଓ ଚୀନ ସେନାସହ ଲଢିବାକୁ ହେବ ।

୨୦୧୯ ଅଗଷ୍ଟ ୫ରେ କାଶ୍ମୀରରୁ ଧାରା ୩୭୦ ଓ ୩୫-ଏ ହଟାଇବା ପରେ କେନ୍ଦ୍ର ସରକାର ପାକ୍ ଅଧିକୃତ କାଶ୍ମୀର ନିଜ ହାତମୁଠାକୁ ଆଣିବାକୁ ଯେପରି ବଦ୍ଧପରିକର ବୋଲି ସଂସଦରେ ଘୋଷଣା କଲେ ତହିଁରୁ ଚୀନ ସରକାରଙ୍କ ଚିନ୍ତା ବଢିଯାଇଛି । ଦିନାକେତେ ଅସ୍ଥିରତା ସୃଷ୍ଟିପାଇଁ ପାକ୍ ସମର୍ଥିତ ଗୋଷ୍ଠୀଗୁଡିକ ମାଧମରେ ପଥରଫିଙ୍ଗା ଅଭିଯାନକୁ ଜୋର କରାଗଲା । କିନ୍ତୁ କେନ୍ଦ୍ର ସରକାର ଏହି ସବୁ ଗୋଷ୍ଠୀର ନେତାମାନଙ୍କୁ ନଜରବନ୍ଦୀ କରି ରଖିବା ସହ ସେମାନଙ୍କୁ ମିଳୁଥିବା ଆର୍ଥିକ ଉତ୍ସଗୁଡିକୁ ବନ୍ଦ କରିବାଲାଗି ଇଡି ଏବଂ ଏନ୍‌ଆଇଏ ମାଧମରେ ଯେପରି ପ୍ରବଳ ଚଢାଉ କଲେ ସେଥିରେ ଅନେକ ନେତାଙ୍କ ମୁଖା ଖୋଲିଗଲା । ଅନେକଙ୍କ ବ୍ୟାଙ୍କ ଖାତା ବନ୍ଦ କରି ଦିଆଗଲା । ସେମାନଙ୍କ ଏନ୍‌ଜିଓ ଏବଂ ଅନ୍ୟାନ୍ୟ ସଂଗଠନଗୁଡିକ ଉପରେ ମଧ ଚଢାଉ ଜାରି ରହିଲା । ଚୀନ ସରକାର କାଶ୍ମୀର ନେତାଙ୍କ ମାଧମରେ ଚୀନା ସମର୍ଥନକାରୀ ବୟାନ ଜାରି କରାଇଲେ ମଧ ଗଣମାଧମରେ ସେମାନେ ଖୁବ୍ ନିନ୍ଦିତ ହେବା ସହ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ଦାବି ହେଲା । ପରେ କେନ୍ଦ୍ର ସରକାର ଜିଲ୍ଲା ପରିଷଦ ବିକାଶ ନିର୍ବାଚନ ମାଧମରେ ପ୍ରମୁଖ ଦଳଗୁଡିକ ସମ୍ମୁଖରେ ନୂଆ ଯୁବକଙ୍କୁ ଆଗକୁ ଆସିବାର ସୁଯୋଗ ଦେବା ଯୋଗୁ ଏବେ ୫୦ସରିକି ନେତା ନିଜ ନିଜ ଦମ୍‌ରେ ନିର୍ବାଚନରେ ବିଜୟୀ ହୋଇ ଆସିଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଗୁପକାର ଏବଂ ଅନ୍ୟ ଦଳଗୁଡିକଠାରୁ ଅଲଗା ରହି ନିର୍ବାଚନରେ ବିଜୟୀ ହୋଇଛନ୍ତି । ଯେଉଁ କାଶ୍ମୀରରେ ଦଶନ୍ଧି ଦଶନ୍ଧି ଧରି ପାକ୍-ଚୀନ ସମର୍ଥିତ ଗୋଷ୍ଠୀ ଅସ୍ଥିରତା ସୃଷ୍ଟି କରିଆସୁଥିଲେ ସେଠାରେ ପ୍ରଥମଥର ପାଇଁ ଭାରତର ସମ୍ବିଧାନ ଅନୁଯାୟୀ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିଛନ୍ତି । ଭାରତ ଉପରେ ପାକ୍ ସ୍ୱାର୍ଥରେ ଗ୍ରପ ପ୍ରୟୋଗ କରିବାକୁ ଚୀନ ସେନା ଗଲଓ୍ୱାନ ଘାଟୀରେ ଗତବର୍ଷ ମାର୍ଚ୍ଚମାସରୁ ଉଦ୍ୟମ କରି ଆଜିଯାଏଁ ସଫଳ ହୋଇନାହାନ୍ତି ବରଂ ସେମାନଙ୍କୁ ଅଧିକ କିଛି ଅଞ୍ଚଳ ହରାଇବାକୁ ପଡିଛି । ଶସ୍ତ୍ରନୀତି ବଳରେ ଭାରତକୁ ଧମକାଇବାକୁ ସକ୍ଷମ ନଥିବା ଚୀନ ଅର୍ଥନୀତିକୁ ଅସ୍ତ୍ର କରି ମନମୋହନ ସିଂହଙ୍କ ସରକାର ସମୟରୁ ଭାରତର ବଜାରରେ ପ୍ରବେଶ କରି ଯେପରି ଗ୍ରାସ କରିବାକୁ ବସିଥିଲା ମୋଦି ସେହି ଧମନୀକୁ ଚିପି ଧରିଛନ୍ତି । ଯେଉଁସବୁ କ୍ଷେତ୍ରରେ ଭାରତର ବଜାରକୁ ଚୀନ ଦଖଲ କରି ରହିଥିଲା କ୍ରମଶଃ ସେହିସବୁ କ୍ଷେତ୍ରରୁ ଚୀନକୁ ହଟାଇବାକୁ ମୋଦି ପ୍ରୟାସ କରି ସଫଳତା ଲାଭ କରିଛନ୍ତି । ଚୀନା ନିବେଶ, ଚୀନା ସଂପର୍କୀତ କମ୍ପାନୀ, ଚୀନା ଉତ୍ପାଦିତ ବସ୍ତୁ ଆଦିକୁ ବର୍ଜନ କରିବା ସହ ମୋଦି ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇ ଅନେକ କ୍ଷେତ୍ରରେ ଉତ୍ପାଦନର ବିକଳ୍ପ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି । ଗୋଟିଏ ପଟେ ଚୀନ କୋରୋନା ଭୂତାଣୁ ମାଧ୍ୟମରେ ପୃଥିବୀର ଜନଗଣ ଏବଂ ବଜାରକୁ ଦୁର୍ବଳ କରିବାକୁ ଷଡଯନ୍ତ୍ର ଗ୍ରଲୁ ରଖିଥିବା ସମୟରେ ମୋଦି ଭାରତରେ ଭୂତାଣୁର ସଂକ୍ରମଣ, ଚୀନା ଭୂତକୁ ଉତାରିବାରେ ଲାଗିଛନ୍ତି । ଏହି କ୍ରିୟା ଯୋଗୁ ଅନେକ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଦେଶରେ ଥିବା ଚୀନା ସମର୍ଥକ ବାମପନ୍ଥୀ, ସାମ୍ବାଦିକ, ଅଧାପକ, ଶ୍ରମିକ ଏବଂ ରାଜନେତା ଗୋଷ୍ଠୀ ମୋଦିଙ୍କ ବିରୋଧରେ ଖଡ୍‌ଗହସ୍ତ ହୋଇ କେଉଁଠି ଦଙ୍ଗାଗୋଳ ସୃଷ୍ଟି କରିଛନ୍ତି ତ କେଉଁଠି ଚୀନର ପ୍ରତିଦ୍ୱନ୍ଦ୍ୱୀ ଶତ୍ରୁରାଷ୍ଟ୍ର ତାଇଓ୍ୱାନର ମୋବାଇଲ କମ୍ପାନୀକୁ ଲୁଟ କରି ନଷ୍ଟ କରିଛନ୍ତି । ଦରମା ଆଳରେ ଅର୍ଥନୀତିର ଦମ୍‌କୁ ଦୁର୍ବଳ କରିବାକୁ ଷଡଯନ୍ତ୍ର କରିଛନ୍ତି । କିନ୍ତୁ ମୋଦି ସେ ସବୁକୁ ଦୃଢତାର ସହ ସାମନା କରି ସେମାନଙ୍କୁ ଲଙ୍ଗଳା କରିବାକୁ ସକ୍ଷମ ହୋଇଛନ୍ତି । ଅପରପକ୍ଷେ ଭାରତରେ ଉତ୍ପାଦନ ବୃଦ୍ଧି ଓ ବିଶ୍ୱପାଇଁ ଯୋଗାଣର ବ୍ୟବସ୍ଥା ନିର୍ମାଣ କରିବାକୁ ପିଏଲଆଇ ସ୍କିମ୍ କମ୍ପାନୀମାନଙ୍କ ପାଇଁ ପ୍ରଚଳନ କରି ମୋଦି ଭାରତରେ ପୂର୍ବରୁ ଉତ୍ପାଦନ ହେଉ ନଥିବା ବସ୍ତୁଗୁଡିକର ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେଇ ସକ୍ଷମ ହୋଇଛନ୍ତି । ଗୋଟିଏ ପଟେ ଡିଆରଡିଓ ପକ୍ଷରୁ ସ୍ୱଦେଶୀ ଅସ୍ତ୍ର ଓ ରକେଟ ପରୀକ୍ଷଣ ଘନ ଘନ ଜାରି ଥିଲାବେଳେ ମୋଟରଗାଡି ନିର୍ମାଣକାରୀ କମ୍ପାନୀଗୁଡିକ ଚିକିତ୍ସା ପାଇଁ ଭେଣ୍ଟିଲେଟର ଏବଂ ପିପିଆଇ କିଟ୍ ପ୍ରସ୍ତୁତ କରି ଏହି କ୍ଷେତ୍ରରେ ଏବେ ଭାରତକୁ ଆମଦାନୀକାରୀ ଦେଶ ବଦଳରେ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ କରିଛନ୍ତି । ଟାଟା ଓ ମହିନ୍ଦ୍ରାପରି କମ୍ପାନୀ ଆବଶ୍ୟକ ଭିନ୍ନ ଭିନ୍ନ ବସ୍ତୁର ନିର୍ମାଣ ପାଇଁ ଆଗେଇ ଆସିଲାବେଳେ ରିଲାଏନ୍ସ ୫ଜି ଟେକ୍‌ନୋଲୋଜି ପାଇଁ ଆଗେଇ ଗ୍ରଲିଛି । ଶତାଧିକ ଚୀନା ମୋବାଇଲ ଆପ୍‌କୁ ଭାରତରେ ନିଷିଦ୍ଧ କରାଯାଇଛି । ଅନେକ କ୍ଷେତ୍ରରୁ ଚୀନା କମ୍ପାନୀଗୁଡିକୁ ଟେଣ୍ଡରରୁ ବାଦ କରାଯାଇଛି । ବହୁ କ୍ଷେତ୍ରରେ ବନ୍ଧୁ ରାଷ୍ଟ୍ରଗୁଡିକର କମ୍ପାନୀକୁ ଏଥିରେ ସାମିଲ କରାଯାଇଛି । ଫ୍ରାନ୍ସ, ଲକ୍ସସେମ୍ବର୍ଗ, ଇସ୍ରାଏଲ, ତାଇଓ୍ୱାନ, ଜାପାନ, ଏମିରେଟ, କୋରିଆ,ସାଉଦି ଆରବର କମ୍ପାନୀମାନେ ଏହି ସୁଯୋଗର ଉପଯୋଗ କରିଛନ୍ତି । ଭାରତକୁ ଉତ୍ପାଦନର ହବ୍‌ରେ ପରିଣତ କରିବାକୁ ମୋଦିଙ୍କ ପ୍ରୟାସ ଫଳବତୀ ହେବାରେ ଲାଗିଛି । ନିଜ ବିଦେଶ ଗସ୍ତ ପାଇଁ ଚର୍ଚ୍ଚିତ ମୋଦି କିନ୍ତୁ କୋରୋନା କାଳରେ ସବୁଗସ୍ତ ବନ୍ଦ କରି ଟିକା ପ୍ରସ୍ତୁତି,ଦେଶୀୟ ଉତ୍ପାଦନ ବୃଦ୍ଧି, ବିଦେଶୀ ରାଷ୍ଟ୍ରଗୁଡିକ ସହ ଉତ୍ତମ ସଂପର୍କ ଓ ସହଯୋଗ ସହ ଅର୍ଥନୀତିକୁ ସଜାଡିବାକୁ ସମୟ ଦେଇଛନ୍ତି । କୋରୋନା ସଂକ୍ରମଣରେ ଭାରତରେ ଦେଢଲକ୍ଷ ଲୋକଙ୍କର ଏବେସୁଦ୍ଧା ମୃତ୍ୟୁ ଘଟିଥିଲେ ହେଁ ଏହି ହାର ପୃଥିବୀର ଅନ୍ୟାନ୍ୟ ଦେଶଗୁଡିକ ସହ ଜନସଂଖ୍ୟା ତୁଳନାରେ ଅଧିକ ନୁହେଁ । ଉତ୍ତର ପ୍ରଦେଶର ଜନସଂଖ୍ୟାରୁ କମ୍ ବ୍ରାଜିଲରେ ମୃତ୍ୟୁ ଏକଲକ୍ଷ ଅଶୀହଜାର ଏବଂ ଭାରତର ଏକ ଚତୁର୍ଥାଂଶ ଜନସଂଖ୍ୟା ବିଶିଷ୍ଟ ଆମେରିକାର ମୃତ୍ୟୁହାର ସାଢେ ତିନିଲକ୍ଷକୁ ଅତିକ୍ରମ କରିଥିଲା ବେଳେ ଇଉରୋପର ଅନେକ ଛୋଟ ଛୋଟ ଦେଶର ମୃତ୍ୟୁହାର ଜନସଂଖ୍ୟା ତୁଳନାରେ ଅଧିକ ରହିଛି । ଅଥଚ ଭାରତ ଏହି ସମୟରେ ବନ୍ଧୁରାଷ୍ଟ୍ର ମାଡାଗାସ୍କର, ଫିଜି, ମାଳଦ୍ୱୀପ ଆଦିକୁ ସ୍ୱତନ୍ତ୍ର ସହାୟତା ଦେବାସହ ପୃଥିବୀର ୧୫୦ରୁ ଅଧିକ ରାଷ୍ଟ୍ରକୁ ଔଷଧ, କିଟ୍ ଏବଂ ଭେଣ୍ଟିଲେଟର ଯୋଗାଇବା ସହ ଦୁଇ ଦୁଇଟି ଟୀକାର ଉତ୍ପାଦନ ଆରମ୍ଭ କରିଛି । କୋରୋନା କାଳରେ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ମୋଦିଙ୍କୁ ପୃଥିବୀର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ମିଳିଛି ଯେଉଁଥିପାଇଁ କୋରୋନା ସମୟରେ କ୍ୱାଡ, ଏସ୍‌ସିଓ, ସାର୍କ, ବ୍ରିକ୍ସ ଆଦି ଗୋଷ୍ଠୀ ସହ ମୋଦିଙ୍କ ସଫଳ ଆଲୋଚନା ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଜାତିସଂଘ ପର୍ଯ୍ୟନ୍ତ ସବୁଠି ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରାଯାଇଛି । ସୁଲଭ ମୂଲ୍ୟରେ ଟୀକା ଉତ୍ପାଦନ ଓ ବିତରଣ କରିବାକୁ ଦାବି କରି ସେ ଆମେରିକା, ବ୍ରିଟେନ ପରି ଅନ୍ୟ ଟୀକା ଉତ୍ପାଦନକାରୀ ରାଷ୍ଟ୍ର ସହ ଆନ୍ତର୍ଜାତିକ ସ୍ତରରେ ମୁହାଁମୁହିଁ ହୋଇଛନ୍ତି । ପୃଥିବୀର ଲୋକଙ୍କ ପାଇଁ ଭାରତ ଶସ୍ତାରେ ଟୀକା ଦେବ ବୋଲି ଘୋଷଣା କରି ସେ ଅନେକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ମୋଦିଙ୍କ ଉଚିତ ପଦକ୍ଷେପକୁ ବିଲ୍‌ଗେଟ୍‌ସଙ୍କ ପରି ବ୍ୟକ୍ତିମାନେ ମଧ ଉଚ୍ଚ ପ୍ରଶଂସା କରିଛନ୍ତି । ନିକଟରେ ବିଶ୍ୱନେତାଙ୍କ ଦକ୍ଷତା ସଂପର୍କୀତ ଏକ ସର୍ବେକ୍ଷଣ ୨୩ ଡିସେମ୍ବର ଦିନ ମର୍ଣ୍ଣିଂ କନସଲ୍ଟ ପଲିଟିକାଲ ଇଣ୍ଟେଲିଜେନ୍ସ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି । ଏଥିରେ ଲୋକପ୍ରିୟ ନେତାଭାବେ ବିଶ୍ୱର ୧୩ଟି ଦେଶର ମୁଖ୍ୟଙ୍କୁ ନେଇ ଲୋକଙ୍କ ମତାମତ ସଂଗ୍ରହ କରାଯାଇଥିଲା । ସେମାନଙ୍କ ମଧ୍ୟରେ ସକାରାତ୍ମକ ମତରେ ନରେନ୍ଦ୍ର ମୋଦି ୫୫ ପ୍ରତିଶତ ପାଇଥିଲାବେଳେ ତାଙ୍କ ପଛକୁ ମେକ୍ସିକୋର ଲୋପୋଜ୍ ଓବ୍ରାଡର ୨୯%, ଅଷ୍ଟ୍ରେଲିଆର ସ୍କଟ ମୋରିସନ ୨୭% ପାଇଛନ୍ତି । ତାଲିକାର ନବମ ସ୍ଥାନରେ ବିଯୁକ୍ତାତ୍ମକ ୧୫ ପ୍ରତିଶତ ମତ ପାଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ରହିଛନ୍ତି । ତାଲିକାର ଶେଷରେ ବିଯୁକ୍ତାତ୍ମକ ୨୫ପ୍ରତିଶତ ମତ ଲାଭକରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରହିଛନ୍ତି । କୋରୋନାର ମୁକାବିଲା ପାଇଁ ବିଶ୍ୱନେତାଙ୍କ ସକ୍ରିୟତାକୁ ନେଇ ଏହି ସର୍ବେକ୍ଷଣ ହୋଇଥିଲା । ତେବେ ଏହି ୧୩ ଜଣିଆ ତାଲିକାରେ ଚୀନର ଜିନ୍‌ପିଙ୍ଗ କିମ୍ବା ରୁଷିଆର ଭ୍ଲାଦିମିର ପୁତିନଙ୍କ ନାମ ଆସିନାହିଁ । ଏଥିରୁ ବିଶ୍ୱରେ ମୋଦିଙ୍କ ଲୋକପ୍ରିୟତା ଯେ ଭାରତ ପରି ବୃଦ୍ଧି ପାଉଛି ତାହା ଏଥିରୁ ପ୍ରମାଣିତ । ବିଗତ ଦିନଗୁଡିକରେ ଜିନପିଙ୍ଗ ଏବଂ ପୁତିନ ମୋଦିଙ୍କ ସହ ଭଲ ସଂପର୍କ ରଖି ପ୍ରଭାବିତ କରିବାକୁ ଗ୍ରହିଁଥିଲେ ମଧ ମୋଦି କୌଣସି ବିଶ୍ୱନେତାଙ୍କ ନିକଟରେ ଭାରତକୁ ବନ୍ଧା ପକାଇବାକୁ ଗ୍ରହିଁନାହାନ୍ତି । ପୁତିନ ଏବଂ ଜିନପିଙ୍ଗ୍ ଏସ୍‌ପିଏଫ୍‌ଏସ୍ ବ୍ୟବସ୍ଥାରେ ଭାରତକୁ ରଖି ଆମେରିକା ଡଲାରକୁ ସାମ୍ନା କରିବାକୁ ଗ୍ରହିଁଲା ବେଳେ ଭାରତ ନିଜସ୍ୱାର୍ଥ ଦୃଷ୍ଟିରୁ ସେଥିରୁ ଦୂରେଇ ରହିଛି । କାରଣ ଆଗାମୀ ଦିନରେ ଏପରି ଏକ ବିଶ୍ୱବ୍ୟବସ୍ଥା ଭାରତ ନିଜେ ପ୍ରସ୍ତୁତ କରିବା ଲକ୍ଷ୍ୟରେ ରହିଛି । ମୋଦିଙ୍କ ନେତୃତ୍ୱରେ ଭାରତ ଆମେରିକା ଓ ରୁଷିଆ ସହ ସଂପର୍କକୁ ସନ୍ତୁଳିତ ରଖି ନିଜ ସ୍ୱାର୍ଥରେ କାର୍ଯ୍ୟ କରୁଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ବାର୍ତ୍ତାଟିଏ ଶୀତ ସକାଳର

**ଦୀପ୍ତି ମିଶ୍ର**



ଶୀତକୁ ଦେଖି ଭୟ
ଆସିଗଲା
କମ୍ବଳ ତଳୁ ମୁହଁ କାଢି
ଦେଖିଲି- ସେ ମୋତେ
ଚାହିଁ ମୃଦୁ ମୃଦୁ ହସୁଛି,
ତା ହସରେ ଦେଖିଲି
ସତେ ଯେପରି
ମୋତେ ତାଚ୍ଛଲ୍ୟ କରୁଛି,
ମୋତେ ଖୋଜୁ ଥିଲୁ ପରା !

ଦେଖ ମୁଁ ଆସିଛି
ମୋତେ ମୁହଁ ଛପା ଦେଉଛୁ କିଆଁ ???
ଶୁଣିଲି ହସି କହୁଛି
ଦେଖ- ମୋ ଉପସ୍ଥିତିରେ
ନବ ଦୂର୍ବାଦଳ କେମିତି
ଖିଲି ଖିଲି ହୋଇ ହସୁଛି
ମୁକ୍ତା କାକର ଟୋପାରେ,
ସୂର୍ଯ୍ୟଙ୍କର ରକ୍ତିମ ଆଭା ରେ
ରଞ୍ଜିତ ହୋଇ ଉଠିଛି
ପୂର୍ବାକାଶ
ପ୍ରଜାପତି ମନ ହରଷ ରେ
ଉଡି ବୁଲୁଛି ଉପବନରେ,
ଦେଇ ନୂଆ ବାର୍ତ୍ତା
ହୁଅ ରେ କର୍ମ ପ୍ରବଣ
ମନେ ଭରି ନୂଆ ଆଶା
ରଖି ଲୟ ନୂତନ ଦିଶାରେ ।

ଆଳସ୍ୟ ଯେ ଚିର ଶତ୍ରୁ
ନିଜ ଜୀବନରେ,
ଆଗକୁ ବଢ଼ିବାରେ
ଯିଏ ପ୍ରତି ନିୟତ ବାଟ ଓଗାଳଇ
ଦୁଃଖ ଭରେ ପ୍ରତିଟି
ପଦ ପାତରେ
ସ୍ୱପ୍ନ ଖାଲି ସ୍ୱପ୍ନରେ ହିଁ
ରହିଯାଏ, ହୁଅ ସଦା କର୍ମରେ ତତ୍ପର
ତେଜି ବଇରୀକୁ
ଏଇ ବାର୍ତ୍ତା ମୋର ତୁମ ପାଇଁ ।

+ବାରିପଦା
ମୋ: ୬୩୭୦୨୧୨୯୧୮

### ଝରାଫୁଲର ଲୁହ...

**ଶରତ କୁମାର ଦାସ**

ଜୀବନ ଜଳୁଛି ଯାତନା ଜୁଇରେ
ଭାଙ୍ଗେ କଳ୍ପନାର ସ୍ତୁପ,
ସ୍ୱପ୍ନଭରା ରାତି ଅଭିଶପ୍ତା ଆଜି
ଦୃଶ୍ୟ ହୁଏ ଅନ୍ଧକୂପ।

ସବୁଜ ଗ୍ରହରେ ଅଜଣା ଆତଙ୍କ
କଳା ବୈଶାଖୀର ଛାଇ,
ମେଘ ମହ୍ଲାରର ବେସୁରା ରାଗିଣୀ
ହୃଦୟକୁ ଛୁଏଁ ନାହିଁ।

ଚମ୍ପା, ମଲ୍ଲୀ, ହେନା ସୁଗନ୍ଧିତ ପୁଷ୍ପ
ବିଳାପ କରନ୍ତି ନିତି,
ପାର୍ବଣର ସପ୍ତରାଗ ପ୍ରଭାହୀନ
ରିକ୍ତ ଲାଗେ ପ୍ରୀତି ଗୀତି।

ମାଦକତା ହୀନ ମଧୁର ମଳୟ
ଭୀତତ୍ରସ୍ତ ଆଜି ମହୀ,
ଚମକ ବିହୀନ ପୂର୍ଣ୍ଣିମାର ରାତି
ଶୋଭାହୀନ ନୀଳକହିଁ।


ଇନ୍ଦ୍ରଧନୁ କାନ୍ଦେ ବାଦଲର ଫାଙ୍କେ
ସପ୍ତରଙ୍ଗ ଲାଗେ ଫିକା,
ଶୂନ୍ୟ ଆଂଜୁଳିରେ ମିଥ୍ୟା କୋଳାହଳ
ନିଷ୍ପ୍ରଭ ମଥାର ଟୀକା।

ବିଶ୍ୱାସର ଯେତେ ସିକ୍ତ ପୁଷ୍ପରେଣୁ
କୋହର ଅଶ୍ରୁରେ ଭିଜେ,
ପୁଣ୍ୟ ତପୋବନ ଜଳି ଜଳି ଯାଏ
ଇନ୍ଦ୍ରପ୍ରସ୍ଥ ଦୂରେ ହଜେ।

ବେଦନା ବିଧୁର କପୋତୀରର ସ୍ୱର
ଭାସିଆସେ ନିର୍ଜନରେ,
ମୁକ୍ତିର ପାଥେୟ ଖୋଜେ ନୀରବରେ
ଆଶଙ୍କାର ଅଶ୍ରୁ ଝରେ।

ଝରାଫୁଲ କରେ ନିଃସଙ୍ଗେ ବିଳାପ
ଝରଝର ଝରେ ଲୁହ,
ସଂଧ୍ୟା ଆଗମନ ତମିସ୍ରା ଢ଼େଉରେ
ଲିଭିଯିବ ତା'ର ମୁହଁ।

+ଅଧ୍ୟାପକ, ବଡ଼ବିଲ
ମହାବିଦ୍ୟାଳୟ,
ବଡ଼ବିଲ, କେନ୍ଦୁଝର
ମୋ:୮୨୪୯୧୩୭୦୯୧



ଫୁଲକଳି



ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୯ ଜାନୁଆରୀ ୨୦୨୧



ଡ.ରଜନୀ ରଂଜନ




# ବିଶ୍ୱାସ ଅବିଶ୍ୱାସ



ଯେ ହେଉଛି କାହିଁ କେତେ ଯୁଗ ତଳର କଥା । ସେତେବେଳେ ପଶୁପକ୍ଷୀ ଜୀବଜନ୍ତୁ ସମସ୍ତେ ଏକାଠି ରହୁଥିଲେ । କାହାରି ମନରେ ରାଗ, ରୋଷ, ହିଂସା କିଛି ନଥିଲା । ଜଣେ ଅନ୍ୟ ଜଣର ଜିନିଷ ଲୁଟି ନଉନଥିଲା କି ଅନ୍ୟ ଜଣକୁ ଜୀବନରେ ମାରି ଦେଉ ନଥିଲା । ସମସ୍ତେ ଗୋଟିଏ ପରିବାରର ଲୋକ ଭଳି ଚଳୁଥିଲେ ।

ଏମିତି ଏକ କଥା । ଗୋଟାଏ ବିରାଟ ଗଛ ଥାଏ ଯେ ଚାହିଁଲେ ଆଖି ପାଇବ ନାହିଁ । ଗଛର ଗଣ୍ଡିଟା ଖୁବ୍ ମୋଟା । ସେଇ ଗଣ୍ଡି ଭିତରେ ଥାଏ ଗୋଟାଏ ବିରାଟ ଖୋଲ । ଆଉ ତା'ରି ଭିତରେ ଥା'ନ୍ତି ଯୋଡ଼ିଏ ଜୀବ । ସାପ ଓ ମୟୂର । ଦି' ଜଣଯାକ ଖୁବ୍ ସାଙ୍ଗ ଥା'ନ୍ତି । ଏକାଠି ରହନ୍ତି । ଏକାଠି ଖାଆନ୍ତି । ଏକାଠି ଯାଆନ୍ତି ଆହାର ଖୋଜି । ସାପ ଅଣ୍ଡା ଦେଲେ ମୟୂର ଜଗିରହେ । ଆଉ ମୟୂର ଅଣ୍ଡା ଦେଲେ ସାପ ଜଗିବସେ । ମୟୂର ଯାଏ ଆହାର ଖୋଜି । ଦୁହେଁ ଖୁସିରେ ଦିନ କାଟୁଥାନ୍ତି ।

ସେଥରକ ମୟୂର ଅଣ୍ଡା ଦେଇଥାଏ । ଅଣ୍ଡା ଫାଟି ଛୁଆ ବଡ଼ ହେବା ଯାଏଁ ସାପ ବସିଥାଏ ଗଛଟିରେ । ମୟୂର ନିତି ନିତି ଉଡ଼ିଯାଏ ଆହାର ଖୋଜି । ସଞ୍ଜବେଳକୁ ଆହାର ନେଇ ଫେରିଆସିଲେ ଦୁଇ ସାଥୀ ଏକାଠି ଖାଆନ୍ତି ।

ଦିନେ ମୟୂର ଯାଇଥାଏ ଆହାର ପାଇଁ ଫେରି ନଥାଏ । ଏତିକିବେଳେ ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ । ତା' ସାଥୀରେ ବିଜୁଳି, ଘଡ଼ଘଡ଼ି ଚାହୁଁ ଚାହୁଁ ମାଡ଼ିଆସିଲା । ପଶୁପକ୍ଷୀ ସମସ୍ତେ ବସାକୁ ଲେଉଟି ଆସିଲେ । ହେଲେ ମୟୂର କାହିଁ? ସେଯାଏ ମୟୂରର ଦେଖା ନଥାଏ । ସାପ ବଡ଼ ମନ ଦୁଃଖରେ ଥାଏ । ବର୍ଷା ପବନରେ ଜଙ୍ଗଲର ଗଛଗୁଡ଼ାକ ଭୂଇଁରେ ଲୋଟି ଯାଉଥାନ୍ତି ।

ଏମିତି ବର୍ଷା ଲଗେଇଲା ଦୁଇଦିନ ଦୁଇରାତି । ଟିକିଏ ଫୁରୁସତ ବି ନାହିଁ । କେହି ବସାରୁ ବାହାରି ପାରିଲେନି । ଦି'ଦିନ ହେଲାବେଳକୁ ସାପ ଭୋକରେ ଆଉଟୁ ପାଉଟୁ । କ'ଣ ଖାଇ ଜୀବନ ରଖିବ । ବର୍ଷା ବି ଛାଡ଼ିବାର କୌଣସି ଲକ୍ଷଣ ଦିଶୁନି । ଭୋକରେ ସାପର ଜୀବନଟା ଛାଡ଼ିଯିବା ଭଳି ମନେହେଲା । ପାଖରେ ମୟୂରର ଅଣ୍ଡା । ସେଗୁଡ଼ିକୁ ତା' ସାଙ୍ଗ ବିଶ୍ୱାସରେ ଲଗେଇ ଦେଇ ଯାଇଛି । ଖାଇ ଦେଲେ ଭାରି ଅନ୍ୟାୟ ହେବ । ହେଲେ ଆଗ ଜୀବନ ରହିଲେ ପଛରେ ଯୋଉକଥା । ଏମିତି ଭାବି ସାପ ଗୋଟିଏ ଗୋଟାଏ କରି ସବୁ ଅଣ୍ଡା ଖାଇଦେଲା । ତା' ପରେ ଯାଇ ତା' ପେଟ ଥଣ୍ଡା ହେଲା ।

ବର୍ଷା ପବନ କମି ଆସିଲା । ଚଉଦିଗ ଫର୍ଚ୍ଚା ଦିଶିଲା । ଏଥର ତ' ମୁଣ୍ଡରେ ପଶିଲା ସାଙ୍ଗ କଥା, ଯଦି ଆସି ପଚାରେ ତେବେ ତାକୁ ସେ କ'ଣ ଉତ୍ତର ଦବ?

ନା- ଏଠି ରହିଲେ ସିନା ଏତେ କଥା । ବରଂ ସାଙ୍ଗ ମୟୂରକୁ ଲୁଚି ପଳେଇଲେ ରକ୍ଷା । ଲାଜ ଓ ଭୟରେ ସାପ ବସାଛାଡ଼ି ଚାଲିଗଲା । ଏଣେ ମୟୂର ବର୍ଷା ପରେ ବସାକୁ ଲେଉଟି ଦେଖିଲା । ପାଖରେ ପଡ଼ିଛି ଅଣ୍ଡାଚୋପା ।

ମନ ତା'ର ଛି ହୋଇଗଲା । ଯିଏ ବିଶ୍ୱାସରେ ବିଷ ମିଶାଇପାରେ ତା' ସାଥୀରେ ଆଉ କି ସମ୍ପର୍କ! ତାକୁ ବରଂ ଦଣ୍ଡ ଦେବା ଉଚିତ ।

ସବୁ ପକ୍ଷୀ ଉଡ଼ିଚାଲିଲେ ସାପର ସନ୍ଧାନରେ । ବହୁ ସମୟ ଖୋଜିଲା ପରେ ପାହାଡ଼ ଖୋଳ ମଧ୍ୟର ସାପର ସନ୍ଧାନ ମିଳିଲା । ତାକୁ ଘୋଷାଡ଼ି ଆଣି ପକ୍ଷୀମାନେ ଝୁମ୍ପି ପକାଇଲେ । ବିଚରା ସାପ ଦରମରା ହୋଇଗଲା ।

ସବୁ ସିନା ହେଲା, ମୟୂରର ମନ ଘୃଣାରେ ଭରିଗଲା । ତା' ରାଗ ମୋଟେ ଶାନ୍ତ ହେଲା ନାହିଁ । ସେ ସାପ ଉପରେ ପ୍ରତିଶୋଧ ଦେବା ପାଇଁ ଓର ଖୋଲି ବୁଲିଲା ।

ବୁଝିଲ ପିଲେ! ସେହିଦିନଠାରୁ ସାପ ମୟୂରକୁ ଦେଖି ଲୁଚେ । ଆଉ ମୟୂର ଯଦି ସାପକୁ ପାଏ, ତା'ର ପୂର୍ବ ରାଗକୁ ଶୁଝାଇ ଦିଏ ।

ଭାବିଲ ଦେଖି! ଏମିତିକା ଅବିଶ୍ୱାସୀ ବନ୍ଧୁ କେତେ ଭୟଙ୍କର!

–


+ବାଳକାଟି, ଖୋର୍ଦ୍ଧା-୭୫୨୧୦୦
ମୋ: ୯୩୩୭୨୬୧୦୭୫



ଡ. ରାମଚନ୍ଦ୍ର ଦେଓ


# ଖୋଜୁଥିବା ଶବ୍ଦ



ବହୁତ ଦିନ ତଳର କଥା । ଚୀନ ଦେଶର ଦାର୍ଶନିକ କନ୍‌ଫୁସିଅସ୍ ଥରେ ନିଜ ବନ୍ଧୁମାନଙ୍କ ସହିତ ସତ୍ୟର ଅନୁସନ୍ଧାନରେ ବାହାରିଲେ । ସାଥିରେ ବ୍ୟବସାୟୀ, କୃଷକ, ଖଟିଖିଆ, ପାଠୁଆ, ଅପାଠୁଆ, ଧନୀ ଓ ଗରିବ ସମସ୍ତେ ଥିଲେ । ସମସ୍ତେ କନ୍‌ଫୁସିଅସ୍‌ଙ୍କୁ ନିଜ ନିଜ ଗୁରୁ ମନେକରି ସମ୍ମାନ ଦେଉଥିଲେ । ଦିନ ପରେ ରାତି, ରାତି ପରେ ଦିନ ବିତିବାକୁ ଲାଗିଲା । ଏମିତି ଦିନ ବିତୁବିତୁ ତିନିମାସ କେଉଁବାଟେ ବିତିଗଲା କାହାରିକୁ ଜଣା ନଥିଲା । ସେମାନେ ବାଟ ଚାଲୁଥିଲେ ଓ ମଝିରେ ମଝିରେ ବିଶ୍ରାମ ନେଉଥିଲେ । ଏହି ସମୟରେ କନ୍‌ଫୁସିଅସ୍ ବହୁତ ଉପାଦେୟ କଥା କହୁଥିଲେ ଆଉ ଶିଷ୍ୟମାନେ ମନଯୋଗ ସହକାରେ ସବୁ ଶୁଣୁଥିଲେ । ବେଳେବେଳେ କନ୍‌ଫୁସିଅସ୍ କିଛି ଚିନ୍ତାରେ ଏମିତି ବୁଡ଼ିଯାଉଥିଲେ ଯେ କାହାରି ସହିତ କିଛି କଥାବାର୍ତ୍ତା ନ କରି ନୀରବ ରହୁଥିଲେ । କେହି ଶିଷ୍ୟ ଯଦି କିଛି ଜାଣିବାକୁ ଚାହୁଁଥିଲେ ସେ ସଂକ୍ଷିପ୍ତ ଉତ୍ତରଟେ ଦେଇ ପୁଣି ନୀରବତା ଅବଲମ୍ବନ କରୁଥିଲେ ।

ଦିନକର କଥା । ଗୋଟିଏ ଝାମ୍ପୁରା ଗଛ ମୂଳରେ ଶିଷ୍ୟମାନଙ୍କ ସହିତ କନ୍‌ଫୁସିଅସ୍ ବସିଥାଆନ୍ତି । ଏହି ସମୟରେ ଜଣେ ଶିଷ୍ୟ ପଚାରିଲା, "ଗୁରୁଦେବ, ମଣିଷ ନିଜ ଆଚରଣକୁ ନିୟନ୍ତ୍ରଣ କଲାଭଳି ଗୋଟିଏ ଶବ୍ଦ ମୁଁ ଖୋଜୁଛି । ହେଲେ ଏ ଯାଏ ସେମିତି କିଛି ଶବ୍ଦ ମୋ' ମନକୁ ଆସିନାହିଁ । ଦୟାକରି ସେମିତି ଶବ୍ଦଟିଏ ମୋତେ କୁହନ୍ତୁ ।"

କନ୍‌ଫୁସିଅସ୍ ବଡ଼ ଚିନ୍ତାରେ ପଡ଼ିଲେ । କିଛି ସମୟ ନୀରବ ରହିବା ପରେ ତାଙ୍କ ମୁହଁରେ ବିମଳ ଆନନ୍ଦ ଫୁଟିଉଠିଲା । ସେ ଆନନ୍ଦରେ ବିଭୋର ହୋଇ କହିଲେ, "ବସ୍, ତମେ ଖୋଜୁଥିବା ଶବ୍ଦଟେ ମୁଁ ପାଇଛି । ତମ ପ୍ରଶ୍ନର ସଠିକ୍ ଉତ୍ତର ମୋତେ ମିଳିଯାଇଛି । ସେ ଶବ୍ଦଟି ହେଉଛି ସହୃଦୟତା । କେବଳ ସହୃଦୟ ବ୍ୟକ୍ତି ନିଜ ଆଚରଣକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ ।"

"କେମିତି?" ଉତ୍କଣ୍ଠାର ସହିତ ଶିଷ୍ୟ ପଚାରିଲା ।

"ପ୍ରାଣୀମାନଙ୍କ ପ୍ରତି ସହୃଦୟ ହୁଅ । ଅନ୍ୟମାନଙ୍କଠାରୁ ତମେ ଯେମିତି ବ୍ୟବହାର ଆଶା କର, ତାକୁ ତମେ ସେମିତି ବ୍ୟବହାର ପ୍ରଥମେ କର । ନିଜ ଆଚରଣକୁ ଏମିତି ଉପାୟରେ ନିୟନ୍ତ୍ରିତ କଲେ ଜୀବନରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିବ ନାହିଁ ।" ଶିଷ୍ୟଟି ଗୁରୁଙ୍କ କଥାରେ ଆଶ୍ୱସ୍ତ ହେଲାପରେ ସେମାନେ ପୁଣି ଆଗକୁ ବଢ଼ିଲେ ।

ଖାଲ ଢ଼ିପ, ସମତଳ ବନ୍ଧୁର ରାସ୍ତା ଅତିକ୍ରମ କରି ସେମାନେ ଗୋଟିଏ ଜଙ୍ଗଲରେ ପଶିଲେ । ଯୁଆଡ଼େ ଚାହିଁଲେ ଖାଲି ଜଙ୍ଗଲ ଆଉ ଜଙ୍ଗଲ । ଅମଡ଼ାବାଟ । ଭୟ ଭୟ ପରିବେଶ । କିଛି ଶିଷ୍ୟ ଡରିଯାଇ ପରସ୍ପରକୁ ଅନାଅନି ହେଲେ । ଆଉ କେତେକ ଆଶ୍ୱାସନା ଦେଇ କହିଲେ, "ଡରିବାର କ'ଣ ଅଛି? ଆମ ସାଥିରେ ପରା ସବୁଠୁ ଜ୍ଞାନୀ ଆଉ ଗୁଣୀ ଲୋକ ଅଛନ୍ତି । ସେ ଯୁଆଡ଼େ ଚାଲିବେ ଆମେ ତାଙ୍କ ସାଥେ ସାଥେ ଯିବୁ ।" ଡରକୁଳାଙ୍କ ମନରେ ସାହସ ସଂଚୟ ହେଲା । ସେମାନେ ପୁଣି ଆଗକୁ ଚାଲିଲେ ।

ସୂର୍ଯ୍ୟ ଅସ୍ତଗଲେ । ଧୀରେ ଧୀରେ ସଂଜ ନଇଁ ଆସିଲା । ସେମାନେ ଯାଇ ପହଂଚିଲେ ଗୋଟିଏ ଶ୍ମଶାନ ଘାଟରେ । ଗୋଟିଏ ଜାଗାରେ ଚିତା ଜଳୁଥିଲା । କିଛି ଲୋକ କାନ୍ଦିବାର ସ୍ୱର ସମସ୍ତଙ୍କ କାନରେ ପଡ଼ିଲା । ସମସ୍ତେ ବିଚଳିତ ହୋଇଉଠି ଏଆଡ଼େ ସେଆଡ଼େ ଅନେଇବାକୁ ଲାଗିଲେ । ଏହି ସମୟରେ କନ୍‌ଫୁସିଅସ୍‌ଙ୍କ ନଜର ଗୋଟିଏ ଗଛ ତଳେ ବସି ବିଳାପ କରୁଥିବା ଜଣେ ସ୍ତ୍ରୀ ଲୋକ ଉପରେ ପଡ଼ିଲା । ସେ ପାଖକୁ ଯାଇ ପଚାରିଲେ, "ମାଆ, ତମର କ'ଣ ଏମିତି ଅଘଟଣ ଘଟିଲା ସେ ତମେ ବସି କାନ୍ଦୁଛ? ସ୍ତ୍ରୀ ଲୋକଟି କହିଲା, "ମହାଶୟ, ଦୁଃଖର କାହାଣୀ କ'ଣ କହିବି? ଚାରିମାସ ତଳେ ଏ ଜଙ୍ଗଲର ଗୋଟିଏ ଦୁଷ୍ଟ ସିଂହ ମୋ' ଶ୍ୱଶୁରଙ୍କୁ ଖାଇଗଲା । ଏବେ ସେଇ ସିଂହ ମୋ' ସ୍ୱାମୀ ଓ ଏକମାତ୍ର ପୁଅକୁ ମାରିଦେଇଛି ।" କହୁ କହୁ କହୁ ସେ କଇଁକଇଁ ହୋଇ କାନ୍ଦିଉଠିଲା । ତା' କାନ୍ଦଣା ଦେଖି ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇ ଉଠିଲେ ।

କନ୍‌ଫୁସିଅସ୍ ସାନ୍ତ୍ୱନା ଦେଇ କହିଲେ, "ମାଆ, ଧୈର୍ଯ୍ୟ ଧରି ଈଶ୍ୱରଙ୍କୁ ପ୍ରାର୍ଥନା କର । ସବୁ ଠିକ୍ ହୋଇଯିବ ।"

"କେମିତି ଧୈର୍ଯ୍ୟ ରଖିବି ବାବା! ମୋର ସର୍ବସ୍ୱ ଚାଲିଗଲା ପରେ ସଂସାରରେ ମୋର ହୋଇ ଆଉ ରହିଲା କିଏ?" ଅଧୀର ହୋଇ ସ୍ତ୍ରୀଟି ବିଳାପ କରିବାକୁ ଲାଗିଲା ।

ସ୍ତ୍ରୀ ଲୋକଟିର ଛାତିଫଟା କାନ୍ଦଣାରେ କନ୍‌ଫୁସିଅସ୍‌ଙ୍କ ଆଖି ବି ଲୁହରେ ଜକେଇ ଆସିଲା । ସେ ଅତି ଶାନ୍ତ ଓ ଧୀର ଭାବରେ କହିଲେଏ "ମାଆ ଗୋଟିଏ କଥା କହିବି?"

"କ'ଣ କହୁଛ କୁହ ବାବା! ହେଲେ ସାଧୁମାନଙ୍କ ଭଳି ଉପଦେଶ ଦେଇ ମୋତେ କାନ୍ଦଣାରୁ ବିରତ କରିବାକୁ ଚେଷ୍ଟା କରନାହିଁ ।"

"ମଣିଷଖିଆ ସିଂହଟି ତମ ପରିବାରକୁ ଶେଷ କରିଦେଇଛି । ହେଲେ ତମେ ତ ବଂଚିଛ । ଭଗବାନଙ୍କ ସୃଷ୍ଟିରେ ନିଜକୁ ବଂଚାଇବା ସବୁଠୁ ବଡ଼ କଥା । ଏଣୁ ତମେ ଏ ସ୍ଥାନ ଛାଡ଼ି ଏ ଦେଶର ରାଜାଙ୍କ ଆଶ୍ରୟ ନିଅ । ତମ ଜୀବନ ରକ୍ଷାରେ ସେ ନିଶ୍ଚୟ ସହାୟକ ହେବେ ।"

"ବନ୍ଦକର ବାବା, ବନ୍ଦ କର । ସେମିତି ରାଜ୍ୟର ନାମ ବି ମୋ' ଆଗରେ ଉଚ୍ଚାରଣ କରନାହିଁ । ନିଜର ସ୍ୱାର୍ଥ ପାଇଁ ଯିଏ ପ୍ରଜାଙ୍କ ଆଖିରୁ ଆଖିବୁଜା କର ଆଦାୟ କରେ, ପଶୁ ପରି ଅତ୍ୟାଚାର କରେ, ତା'ନାମ ମୋ' ଆଗରେ ଧର ନାହିଁ । ଜଣେ ଅନ୍ୟାୟୀ ରାଜାଙ୍କ ଶିକାର ହେବା ଅପେକ୍ଷା ଗୋଟିଏ ବଣୁଆ ସିଂହର ଆହାର ହେବା ଶହେଗୁଣ ଭଲ ।"

ଏବେ କନ୍‌ଫୁସିଅସ୍ ଶିଷ୍ୟଆଡ଼କୁ ଅନେଇ କହିଲେ, "ଦେଖିଲ ପୁତ୍ର, ନିଜର ଶକ୍ତି ବଳରେ ଜଣେ ରାଜା ରାଜ୍ୟ ଜୟ କରିପାରେ, ମାତ୍ର ଜଣେ ଲୋକର ହୃଦୟ ଜୟ କରିପାରେନାହିଁ । କେବଳ ସହୃଦୟତା ବଳରେ ହିଁ ମନ ଓ ଜୟ କରାଯାଇପାରେ । ଏଣୁ ବଳବନ୍ତ ହେବା ଅପେକ୍ଷା ହୃଦୟବନ୍ତ ପୁଅ ୧"

ଶିଷ୍ୟଟି ତା'ର ଖୋଜୁଥିବା ସଠିକ୍ ଶବ୍ଦଟି ପାଇ ନୀରବରେ ଆଗେଇ ଚାଲିଲା ।


+ବାରିପଦା



ବିନୟ କୁମାର ଦାସ


# ।। ଘରର ମୂରବୀ ।।



" ଜେଜେ, ରାମୁକକାଙ୍କ ଘରେ ଏମିତି କାନ୍ଦବୋବାଳି ପଡିଛି କାହିଁକି ? ତାଙ୍କ ଘରେ କେହି ମରିଗଲେ କି ?" ବିକଳ ହୋଇ ପଚାରିଲା ରାଜୁ ।

" ହଁ ରେ ରାଜୁ , ସେ ଘରର ମୂରବୀଙ୍କର ଆଜି ମୃତ୍ୟୁ ହୋଇଗଲା । ତେଣୁ ସମସ୍ତେ ଦୁଃଖରେ ଭାଙ୍ଗିପଡିଛନ୍ତି ।" ଜେଜେ ଏତକ କହୁଥିବା ବେଳେ ତାଙ୍କ ଗଳା ବି ଭାରି ହୋଇ ଆସୁଥିଲା ।

" ଘରର ମୂରବୀ? ଜେଜେ, ଘରର ସବୁଠାରୁ ବୟସ୍କ ଲୋକଙ୍କୁ ପରା ଘରର ମୂରବୀ କୁହାଯାଏ । ତାଙ୍କ ଘରେ ତ ସବୁଠାରୁ ବୟସ୍କ ଲୋକ ହେଉଛନ୍ତି ରାମୁକକା । କିନ୍ତୁ ସେ ତ ନିଜେ ପିଣ୍ଡାରେ ବସି ଭୋ ଭୋ ହୋଇ କାନ୍ଦୁଛନ୍ତି । ତୁମେ ମୋତେ କିଛି ଲୁଚାଉଛ ନିଶ୍ଚୟ ।"

" ତୋତେ ଲୁଚାଇବି କଣ ପାଇଁ ? ଯାହା ସତ, ସେଇଆ ତ କହିଲି ।"

" ରାମୁକକା ତ ବଂଚିଛନ୍ତି , ଆଉ ମୂରବୀ ମଲେ କେମିତି କହୁଛ ?"

" ଆରେ , ତାଙ୍କ ଘରର ବୁଢା ବଳଦଟା ମରିଗଲା । ସେଇଥିପାଇଁ ... ।"

" ତୁମର ଯେ କଥା ଜେଜେ..ବୁଢା ବଳଦ ମରିଗଲା ଅଥଚ ସେମାନେ ଯେମିତି କାନ୍ଦୁଛନ୍ତି , ସତେ ଯେମିତି ଘରର କେହି ଜଣେ ସଦସ୍ୟ ମରିଗଲେ ।"

" ବଳଦ କଣ ଘରର ଜଣେ ସଦସ୍ୟ ନୁହେଁକି ରେ ରାଜୁ ?"

" ଜଣେ ମଣିଷ ସିନା ଘରର ସଦସ୍ୟ ହେବ, ହେଲେ ବୁଢା ବଳଦ... ?"

" ଏମିତି ସବୁ ଭୁଲ ଧାରଣା ରହିଆସିଲାଣି ଆଜିକାଲି ପିଲାଙ୍କ ମନରେ । ତୁମେ ସବୁ ବୁଝି ପାରିବନି , ବଳଦ ଟିଏ ବି ଘରର ର ସଦସ୍ୟ ବୋଲି ।"

" ହଉ ହେଲା , ମୁଁ ତୁମ କଥା ମାନିଲି । ତେବେ ମୋତେ ଟିକେ ଏ ବିଷୟରେ ଭଲକରି ବୁଝାଇ ଦିଅନ୍ତ ନି ?"

" ତେବେ ଶୁଣ୍, ରାମୁ ହେଲା ଜଣେ ଚାଷୀ । ଚାଷ କରିବା ତାର ଧର୍ମ । ହେଲେ , ତାର ସେହି କର୍ମ ପାଇଁ ପ୍ରଥମେ ଲୋଡା ବଳଦ । ବଳଦ ହଳ କରିବ , ମଇ ଦେବ, ବିଲ ରୁ କଳେଇ ବୋହି ଖଳାକୁ ଆଣିବ, ପତୁଳି ପକାଇବ..ଆଉ ଏ ସବୁ କାମ ପାଇଁ ସେ କେବେ ବି ଖରା ବର୍ଷା ଶୀତକାକରକୁ ଖାତିର କରେ ନାହିଁ । ମାଲିକ ସହିତ ହାଡଭଂଗା ପରିଶ୍ରମ କରିବାକୁ ସେ କେବେହେଲେ ପଛାଏ ନାହିଁ । ସତେ ଯେମିତି ଏ ସବୁ ତାର ନିଜ କାମ ।"

" ସେତକ କରିବା ତ ତାର ଧର୍ମ । ସେ ବଳଦ ପରା ! ତାପରେ , ତାର ଏହି ପରିଶ୍ରମ ପାଇଁ ତାକୁ ତ କୁଟା , କୁଣ୍ଡା, ପେଜ ତୋରାଣି, ଆହୁରି କେତେ କଣ ଖାଇବାକୁ ଦିଏ ତା ମାଲିକ । ସେ କାମ କରୁଛି ବୋଲି ତ ତାକୁ ଖାଇବାକୁ ଦିଆହେଉଛି , ନହିଲେ କିଏ କାହିଁକି ତାକୁ ମିଛରେ ଖାଇବାକୁ ଦିଅନ୍ତା ?"

" ତା ଅବଶ୍ୟ ଠିକ୍ , ତେବେ ଅସଲ କଥା ତୁ ଏବେ ବୁଝି ପାରିବୁନି । ସେତିକି ବୟସ ତୋର ହୋଇନି ।"

" ନ କହିବ ଯଦି ନକୁହ , ତେବେ ଏମିତି ବାଆଁରେଇ ଚାଲି ଯାଅ ନାହିଁ । ମୁଁ କଣ ସତରେ ଏତେ ଛୋଟ ପିଲା ଯେ ତୁମ କଥା ବୁଝି ପାରିବି ନି । ବୁଝେଇ କହିଲେ , ବୁଝିବିନି କାହିଁକି ?"

" ହଉ , ତୋର ଏତେ ଆଗ୍ରହ ରହିଛି ଯେତେବେଳେ ମୁଁ ନିଶ୍ଚୟ କହିବି ତୋତେ । ଶୁଣ୍, ବଳଦ ସକାଳୁ ପେଟେ କୁଣ୍ଡା ତୋରାଣି ଖାଇ ଦେଇ ବିଲକୁ ଯାଏ । ସେଠି ସେ ହଳ କରେ । ଖରା ବର୍ଷା ଶୀତ ତା ପାଇଁ କିଛି ନୁହେଁ । ସେଥିରେ ପୁଣି ପାଁଚଣ ବାଡିରେ ମାଡ ଖାଏ । ସବୁ ସହେ ସେ । ତା କାମରେ ସେ ହେଳା କରେ ନାହିଁ । ଚାଷୀଭାଇ ତା ସାଂଗରେ ନେଇଥିବା ପଖାଳ କୁ ହିଡମୁଣ୍ଡରେ ବସି ଦ୍ୱିପହର ବେଳା ଖାଉଥିବା ସମୟରେ , ବଳଦ ସେଇ ପାଖରୁ ଘାସ, କି କଂଚା ପତର ଖାଏ । ପୁଣି ଲାଗେ ତା କାମରେ । ସଂଜକୁ ଘରକୁ ଫେରେ । ଗୁହାଳରେ ବନ୍ଧା ହୁଏ । ପୁଣି ତାକୁ ଯାହା ଦିଆଗଲା , ସେତକ ଖାଏ । ବିଶ୍ରାମ ନିଏ, ପୁଣି ତହିଁପରଦିନ ଲାଗେ ତା କାମରେ । ଏମିତି ଖଟିଖଟି ତା ଜୀବନ ସରି ସରି ଆସେ । ସେ ବୁଢା ହୋଇଯାଏ । ତା ଦେହରୁ ଶକ୍ତି କମିଯାଏ । ଆଉ ଖଟି ପାରେ ନାହିଁ । ଯେଉଁଠି ପଡିଥାଏ , ସେଇଠି ପଡି ରହେ । ଉଠିବା ପାଇଁ ବଳ ପାଏ ନାହିଁ । ତା କାମ ଆଉ ଏକ ବଳଦ କରେ । କିନ୍ତୁ ମାଲିକ ତାକୁ ହତାଦର କରେ ନାହିଁ । ଯଥା ସମୟରେ ତାକୁ ଖାଇବାକୁ ଦିଏ । ମଶା ଡାଆଁଶ ରୁ ରକ୍ଷା ପାଇବା ପାଇଁ ତା ପାଖରେ ଧୂଆଁ ଦିଏ । ଶୀତରୁ ରକ୍ଷା ପାଇବା ପାଇଁ ତାକୁ କିଛି ଘୋଡାଇ ଦିଏ । ତାକୁ ଘଷି ଦିଏ । ତା ଖୁରାରେ ଗରମ ତେଲ ମାଲିଶ୍ କରେ । ଏମିତି କିଛି ଦିନ ପରେ ସେ ମରିଯାଏ । ସେ ଦୁଃଖରେ ଭାଂଗି ପଡେ । ଯେଉଁ ବଳଦ ଦିନେ ତାର ସୁଖ ଦୁଃଖର ସାଥୀ ଥିଲା , ତା ମୃତ୍ୟୁରେ ସେ ନିଜକୁ ସମ୍ଭାଳି ପାରେ ନାହିଁ । ଭୋ ଭୋ ହୋଇ କାନ୍ଦେ । ମନେ ପକାଏ , ସେ ମୂକ ପଶୁଟିଏ ହେଲେ ବି କେମିତି ତା କଥା ସବୁ ସହଜରେ ବୁଝି ଯାଉଥିଲା । ଏ ସବୁ ମନେ ପକାଇ କିଛିଦିନ ଖାଇ ପାରେ ନି ସିଏ । ସେମିତି ଘଟଣା ଘଟିଛି ଆଜି ରାମୁକକା ଘରେ । ବୁଝିଲୁ ?"

" ହେଲେ ଜେଜେ , ସମସ୍ତେ ତ ଏମିତି କାନ୍ଦନ୍ତ ନାହିଁ ?"

" ହଁ , ତୁ ଠିକ୍ କହିଲୁ ରାଜୁ । ଆଗ କାଳ ର ସେ ଚିନ୍ତାଧାରା ଆଉ ସଂସ୍କାର ଆଜିକାଲି ଦେଖିବାକୁ ମିଳୁ ନାହିଁ । ଯୁଗ ଯେତେ ଆଗଉଛି ବୋଲି ଆମେ କହୁଚୁ, ମୁଁ ତ ଭାବୁଛି , ମଣିଷ ମନରୁ ସେତେ ପରିମାଣର ମାନବିକତା ହଜି ହଜି ଯାଉଛି । କହିଲା ବେଳକୁ , ଆଖିକୁ ଲୁହ ଆସି ଯାଉଛିରେ ରାଜୁ, ଆଜିକାଲି ତ ଲୋକେ ବୁଢା ବଳଦ ଆଉ ବୁଢୀ ଗାଈକୁ ଜମା ପଚାରୁ ନାହାନ୍ତି । ଓଲଟି ସେମାନଙ୍କୁ କଂସେଇକୁ ବିକି ଦେଉଛନ୍ତି । ସେମାନେ ତ ମୂକ । ପ୍ରତିବାଦ କରିବେ ବା କେମିତି ? ଭାଗ୍ୟକୁ ଆଦରି ହାଣ ଖାଇବାକୁ ସେମାନଙ୍କର ପ୍ରିୟ ଗୁହାଳ ଆଉ ପ୍ରିୟ ମାଲିକକୁ ଛାଡି କଂସେଇ ସାଂଗରେ ଚାଲି ଯାଉଛନ୍ତି । "

" ଜେଜେ, ତୁମ କଥା ଶୁଣି ମୋତେ ବହୁତ ଦୁଃଖ ଲାଗୁଛି । ମଣିଷ ପୁଣି ଏତେ ନିର୍ମମ ହୋଇ ପାରେ ? ସେମାନେ ପଶୁ ହେଲେ ବି କଣ ସେମାନଙ୍କର ବଂଚିବାର ଅଧିକାର ନାହିଁ ? କେତେ ଉପକାର ନ କରିଛନ୍ତି ସେ ମଣିଷ ପାଇଁ , ହେଲେ ଶେଷ ଜୀବନ ତାଙ୍କର ସତରେ କି ଦୁଃଖମୟ ।"

"ତୁ ଜାଣିଚୁ ରାଜୁ, ଆଗକାଳରେ ଗାଈଗୋରୁଙ୍କୁ ପୂଜା କରା ଯାଉଥିଲା । ରାକ୍ଷୀ ବନ୍ଧା ହେଉଥିଲା ତାଙ୍କ ଶିଂଗରେ । ବାଟରେ କେହି ଗାଈକୁ ଦେଖିଲେ ତାକୁ ଛୁଇଁ ଜୁହାର ହେଉଥିଲା । କୃଷ୍ଣ ଭଗବାନ ପରା ବଣରେ ନିଜେ ଗାଈ ଚରାଉଥିଲେ ରେ. । ମଣିଷ ନିଜେ ଏବେ ପଶୁ ପାଲଟି ଗଲାଣି । ଅଥଚ ଦିନେ ସେ ପଶୁପକ୍ଷୀଙ୍କ କଥାକୁ ବୁଝିପାରୁଥିଲା । ସେମାନଙ୍କ ଅସୁବିଧା ଦୂର କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଥିଲା । ହଳ କରିବା ସମୟରେ ହଳଦ ଝାଡା ପରିସ୍ରା ଲାଗିଲେ ହଳ ବନ୍ଦ କରି ପ୍ରଥମେ ସେମାନଙ୍କ କଥା ବୁଝୁଥିଲା ଚାଷୀ । ପତୁଳି ପଡିବା ସମୟରେ ବି ସେମିତି ହେଉଥିଲା । ଗୋଟେ ମଜା କଥା ଶୁଣିବୁ, ଟେଁ ଟେଁୟା ବୋଲି ଏକ ଚଢେଇ ଅଛି । ସେ ବିଲରେ ମାଟି ଖୋଳି ଅଣ୍ଡା ଦେଇଥାଏ । ଚାଷୀ ଯଦି ସେହି ବିଲକୁ ହଳ ନେଇ ଆସେ , ତେବେ ସେ କାନ୍ଦେ , କାଳେ ତା ଅଣ୍ଡା ଲଂଗଳ ମୂନ ବାଜି ନଷ୍ଟ ହୋଇଯିବ । ଚାଷୀ ସେତକ ବୁଝିପାରେ । ସେ ସେହି ବିଲରେ ଆଉ ହଳ କରେନି । ଚଢେଇ ଆଶ୍ୱସ୍ତ ହୁଏ । ସେଦିନ ଆଜି ନାହିଁରେ ରାଜୁ .."

ଏକ ଦୀର୍ଘଶ୍ୱାସ ଛାଡି ରାଜୁ କହିଲା , " ଘର ର ମୂରବୀ କଥାରୁ କେତେ କଥା ମୁଁ ଆଜି ତୁମଠାରୁ ଜାଣିଗଲି ଜେଜେ..।"


+ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୭୯୭୮୮୬୦୩୬୩


କବିତା
ତୁମ ପାଇଁ

## ଥଣ୍ଡା ଆହା ଥଣ୍ଡା


ଦିଲ୍ଲୀପ କୁମାର ସାହୁ


ହାଡଭଙ୍ଗା ଜାଡ ଥରୁଛି ସହର
ଥରେ ଆମ ଗାଁ ଗଣ୍ଡା
ଆଜା ଆଇଙ୍କର ଆଣ୍ଠୁ ଅଣ୍ଟା ଧରେ
ଧରୁଅଛି ପାଦ ପେଣ୍ଡା ।

ଗହୀର ବିଲରେ ସୁନାର ଫସଲ
ଝଲମଲ ଧାନକେଣ୍ଡା
ହାତୀ ମାନେ ଆସି ଧାନ ଖାଉଛନ୍ତି
ପାହାଡ ହେବାରୁ ଲଣ୍ଡା ।

ବାସି ପଖାଳକୁ ସଜ ଶାଗଭଜା
ତାସାଥେ ପିଆଜ ଷଣ୍ଢା
ଚଷା ତରତର ହିଡ ମୁଣ୍ଡେ ବସି
ଗିଳି ପକାଉଛି ଗୁଣ୍ଡା ।

ଧାନ କଟା ପରେ କ୍ଷେତ ବଢ଼ା ପାଇଁ
ବିଲରେ ବସିବ ହଣ୍ଡା
ଗୁଡ ଚାଉଳର ଅଟକାଳି ଖାଇ
ମନ ହୋଇଯିବ ଥଣ୍ଡା ।

ମାଣବସା ଆଉ ପଣ୍ଡୁ ଓଷା ପାଇଁ
ହୁଏ ପିଠାପଣା ମଣ୍ଡା
କାକର ପରଷି ମକର ଆସଇ
ପୂଜା ହେବେ ପାଟ ଖଣ୍ଡା ।

ପଙ୍କୁଆ ବିଲରେ ବସା ଖୋଜୁଥାନ୍ତି
ମାଣ୍ଡିଆ କଙ୍କଡା ଗେଣ୍ଡା
ହଳଦୀ ବସନ୍ତ ବସା ବାନ୍ଧିଲାଣି
ଦେବାପାଇଁ ପରା ଅଣ୍ଡା ।

ଏବରଷ ଥଣ୍ଡା ସବୁଠୁ ନିଆରା
ପାଣି କୁ କରୁଛି ମୁଣ୍ଡା
ବୁଢା ବୁଢ଼ୀ କଥା ପଚାରୁଛି କିଏ
ଥୟ ଧରନ୍ତିନି ଭେଣ୍ଡା
ଥଣ୍ଡା ଆହା ଥଣ୍ଡା ।


+ଶଙ୍କରପୁର, ଚୈଦାର, କଟକ




## ଶୀତ ସକାଳ


ଝରଣା ମଲ୍ଲିକ


ଶୀତ ସକାଳର ଘାସ ଗାଲିଚାରେ
ବୁଣିଛି, ପହିଲି ଖରା
ମାମା ଘୋଡ଼ିଥାଏ ରେଶମ, ପଶମ
ମୁରୁକି, ହସଇ ଧରା ।

କୁହୁଡ଼ି ଟୋପାରେ ପାଦ ଭିଜିଯାଏ
ଚମକି, ଉଠଇ ଦେହ
କାଲୁଆ ଶୀତରେ ହାଲୁକେ ପବନ
ଉଠଇ, ମନର କୋହ ।

ସୁନାର କ୍ଷେତରେ ହଳଦିଆ ରଙ୍ଗେ
ଦୋହଲେ, ମଣି, ମୁକୁତା
ମାର୍ଗଶୀର ମାସେ ଖଟୁଲିରେ ଲକ୍ଷ୍ମୀ
ପକାଇ, ଝୋଟିର ଚିତା ।

ଗେଣ୍ଡୁ, ସେବତୀର ପସରା ମେଲିଛି
ବାସନା, ଚହଟି ଯାଏ
ମନ, ଗହନର ମାଦକତା ଆଣେ
ଖୁସିରେ, ପାଗଳ ହୁଏ ।

ରେଜେଇ, କମ୍ବଳ ଖରା ପୋଇଁଲେଣି
ଦିନଟି ଛୋଟିଆ ହୁଏ
ସଜ ପରିବାରେ ଡାଲା ଭରିଯାଏ
କୋବିକୁ ପଚାରେ କିଏ ।


+ ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର
ମୋ: ୯୨୩୮୫୭୪୫୦୩


## ଟିକି ପିଲାର ପ୍ରାର୍ଥନା


ଶ୍ରୀ ପ୍ରଶାନ୍ତ କୁମାର ରାଉଳ


ଜୟ ଗିରିଜାନନ୍ଦନ ଗଣେଶ
ମୂଷିକ ବାହନ ସୂତ ମହେଶ ।
ଏକଦନ୍ତ ପ୍ରଭୁ ଲମ୍ବ ଉଦର
ରଙ୍ଗାଚରଣ ଦିଶେ କି ସୁନ୍ଦର ।
ବିଦ୍ୟାଭଣ୍ଡାର ଆହେ ଗଜାନନ!
ତୁମ୍ଭ ଆଜ୍ଞାରେ ଚଳଇ ଭୁବନ ।।

କୁସୁମ ହସ୍ତେ ତୁମ୍ଭ ସନ୍ନିଧାନେ
ଆସ ଗଣନାଥ ମନ ପରାଣେ ।
ବିଦ୍ୟା ଦିଅ ବିଦ୍ୟାଦାତା ଠାକୁରେ
ହସି ଉଠୁ ସତକଥା ମୁଖରେ ।
ବିଜେ କରି ମୋର ମନ ରଥରେ
ମୋତେ ନେଇ ଯାଅ ପୁଣ୍ୟ ପଥରେ ।।

ଭଲ ବାଟ ଦିଅ ମୋତେ ଦେଖାଇ
ପ୍ରେମ ଦୟା ଭକ୍ତି ଦିଅ ଶିଖାଇ ।
ପିତାମାତା ଗୁରୁଜନେ ଭକତି
ଦିଅ, ବିପଦେ ସାହସ ଶକତି ।
ପରିବେଶ ଯାଇ ଅଛି ଉଜୁଡ଼ି
ହୃଦେ ଦିଅ ବଳ ଦେବି ସଜାଡ଼ି ।।

ଦୁଃଖିରଙ୍କ ମୁଖେ ଦେଖିବି ହସ
ଆମ କରଣିରେ ହସିବ ବିଶ୍ୱ ।
ଟିକି ହେଲେ ହେଁ ମୋ ମନ ବଡ଼
ତୁମ ଆଶିଷରେ ଜିଣିବି ଗଡ଼ ।
ପ୍ରଭୁ, ପୂର୍ଣ୍ଣକର ମୋର ଭାବନା
ଟିକି ହାତ ଯୋଡି କରେ ପ୍ରାର୍ଥନା ।


+ ଜଳେଶ୍ୱର, ବାଲେଶ୍ୱର-୩୨
ମୋ: ୯୯୩୮୭୧୯୫୬୪

# ଓଡିଶାରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ



ଭୁବନେଶ୍ୱର,୮।୧ (ନି.ପ୍ର): ଓଡିଶାକୁ ମୋଦି ସରକାର ଗରିବ କଲ୍ୟାଣ ଯୋଜନାର ପ୍ରୟୋଗଶାଳା କରିଛନ୍ତି । ରାଜ୍ୟର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ । ମୋଦି ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ବିଜେପି କାର୍ଯ୍ୟକର୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ବୋଲି ଦଳୀୟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଆସି କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ରାଜ୍ୟକାର୍ଯ୍ୟାଳୟରେ ପହଂଚିବା ପରେ ଶ୍ରୀ ଯୋଶୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଶ୍ରୀ ଯୋଶୀ ବିଭିନ୍ନ ପ୍ରସଙ୍ଗରେ କାର୍ଯ୍ୟକର୍ତାମାନଙ୍କ ସହ ଆଲୋଚନା କରିବା ସହ ଅଭିଯୋଗ ଶୁଣିଥିଲେ । ରାଜ୍ୟରେ ଡିଏମଏଫ ଫଣ୍ଡ ଏବଂ ରାଷ୍ଟ୍ରାୟତ ଉଦ୍ୟୋଗ କଂପାନୀମାନଙ୍କର ସିଏସଆର ଫଣ୍ଡର ସଠିକ୍ ବିନିଯୋଗ ନହୋଇପାରିବା ନେଇ କାର୍ଯ୍ୟକର୍ତାମାନେ ଅଭିଯୋଗ କରିଥିଲେ । ଏହା ସହ ରାଜ୍ୟରେ ନିମ୍ନମାନର ଲୁହାପଥର ଗୁଣ୍ଡର ରପ୍ତାନୀକୁ ନିୟନ୍ତ୍ରଣ କରିବାକୁ କାର୍ଯ୍ୟକର୍ତାମାନେ ଦାବି କରିଥିଲେ । ରାଜ୍ୟରେ ଥିବା ଏମସିଏଲ, ନାଲକୋ ଆଦି ରାଷ୍ଟ୍ରାୟତ କଂପାନୀଗୁଡିକ ଖଣିଜ ଅଂଚଳର ରାସ୍ତା ଘାଟ, ପାନୀୟ ଜଳ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ବୋଲି କାର୍ଯ୍ୟକର୍ତାମାନେ ଅଭିଯୋଗ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କ ନେତୃତ୍ୱରେ ୨୦୨୧-୨୧ ଆର୍ଥୀକ ବର୍ଷର ଡିସେମ୍ବର ସୁଦ୍ଧା କୋଲ୍ ଇଣ୍ଡିଆ ଲିମିଟେଡ ପାଂଚଟି ସ୍ୱଚ୍ଛ ଇ-ନିଲାମ ପ୍ରକ୍ରିୟାରେ ରେକର୍ଡ ପରିମାଣରେ ୮୧.୪ ନିୟୁତ ଟନ୍ ର କୋଇଲା ବୁକିଂ ହୋଇଥିବାରୁ କାର୍ଯ୍ୟକର୍ତାମାନେ ଶ୍ରୀ ଯୋଶୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଡିଏମଏଫ, ଓମ୍ୱାଡସି ଓ କାମ୍ପା ପାଣ୍ଠି ପରିଚାଳନାରେ ବ୍ୟାପକ ତୃଟି ଓ ଦୁର୍ନୀତି ସଂପର୍କରେ ତାଙ୍କ ମନ୍ତ୍ରାଣାଳୟ ସଚେତନ ଥିବା ପ୍ରକାଶ କରି ଡିଏମଏଫ ପ୍ରକଳ୍ପ ଗୁଡିକରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ରୀୟ କଲ୍ୟାଣ ଯୋଜନା ଉଲ୍ଲେଖ ରହିବା ଅପରିହାର୍ଯ୍ୟ ବୋଲି ଶ୍ରୀ ଯୋଶୀ କହିଥିଲେ । ଏହି ଅବସରରେ ସାଂସଦ ଅଶ୍ୱିନୀ ବୈଷ୍ଣବ, ବିଧାୟିକା କୁସୁମ ଟେଟେ, ବରିଷ୍ଠ ନେତା ଶାରଦା ଶତପଥୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଟଙ୍କଧର ତ୍ରିପାଠୀ, ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଠାକୁର ରଂଜିତ ଦାସ, ସୋନାଲୀ ସାହୁ, ମହେଶ ମହାନ୍ତି, ଦିଲୀପ ମଲ୍ଲିକ ଏବଂ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲୁ ଷ୍ଟାର ଚମ୍ପିଅନ ଟ୍ରଫି : କୋରାଇ ଇଲେଭେନ ଷ୍ଟାର୍ ଚମ୍ପିଅନ

କୋରେଇ,୮।୧ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ଅନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ବ୍ଲୁ ଷ୍ଟାର ଚମ୍ପିଅନ ଟ୍ରଫି ଉଦଯାପିତ ହୋଇଛି । ଚଳିତ ବର୍ଷର ଚମ୍ପିଅନ ଭାବେ ଇଲେଭେନ ଷ୍ଟାର କୋରାଇ ବିବେଚିତ ହୋଇଛି । ଡିସେମ୍ବର ୨୭ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟରେ ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ୍ ଇଲେଭେନ ଷ୍ଟାର କୋରାଇ ବନାମ ମହାବୀର କ୍ଲବ ସୋତି ମଧ୍ୟରେ ଖେଳା ଯାଇଥିଲା । ଇଲେଭେନ ଷ୍ଟାର୍ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ବିନିମୟରେ ୧୩୪ ରନ୍ କରିଥିଲା । ଜବାବରେ ମହାବୀର କ୍ଲବ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଏହି ମ୍ୟାଚକୁ ବିଶ୍ୱଜିତ ସ୍ୱାଇଁ ଓ ରମେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଅଭିରାମ ମହୀ ଓ ଆନନ୍ଦ ରଣା ଧାରାବିବରଣୀ ପ୍ରଦାନ କରିଥିଲେ । ଶେଷରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ପାଣିକୋଇଲି ସମିତିସଭ୍ୟ ସେକ୍ ଜହର ଅଲ୍ଲୀ ଯୋଗଦେଇ ବିଜୟୀ ଓ ରନରସଅପ ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ୍ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ କୋରାଇର ମୁକ୍ତାର ପୁରସ୍କୃତ ହୋଇଥିଲେ । ଟୁର୍ଣ୍ଣାମେଂଟ ପରିଚାଳନାରେ ଉମେଶ ସ୍ୱାଇଁ, ଅଭିମନ୍ୟୁ ପରିଡା, ଲକ୍ଷ୍ମଣ ମାଝୀ, ଅଜିତ ନାୟକ, ଅର୍ଜ୍ଜୁନ ମାଝୀ, ସୂର୍ଯ୍ୟକାନ୍ତ ଭାରତୀ, ଅବିନାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଲକ୍ଷାଧିକ ଟଙ୍କାର କାଠ ଜବତ ୨ ଗିରଫ

ମାଲକାନଗିରି, ୭. ଜାନୁଆରୀ (ହି. ସ.)-ମାଲକାନଗିରି ବନାଂଚଳ କର୍ମଚାରୀମାନ ଏକ ବଲୋର ପିକଅ ପ୍ ଭ୍ୟାନରୁ ମୂଲ୍ୟବାନ କାଠ ପଟା ଏବଂ ଅର୍ଦ୍ଧ ନିର୍ମିତ ଖଟ ଜବତ. କରିଛନ୍ତି ! ଏମ.ଭି -୨୪ଗ୍ରାମରୁ ମାଲକାନଗିରି ଅଭିମୁଖେ ଆସୁଥିବା ବେଳେ ରାତି ୨ଟା୪୫ ମିନିଟରେ ଏମଭି - ୧୨ଗ୍ରାମ ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ଛକି ରହିଥିବା ବନ କର୍ମଚାରୀମାନେ ଗାଡିକୁ ଅଟକାଇ ଲକ୍ଷାଧିକ କାଠ ଜବତ କରିବା ସହ ୨ ଜଣ ଆସାମୀଙ୍କୁ ଗିରଫ କରି ଆଜି ମାଲକାନଗିରି କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି । ଜବତ ହୋଇଥିବା ପଟ୍ଟା, ସାଇଜ, ଅର୍ଦ୍ଧନିର୍ମିତ ଖଟକୁ ମିଶାଇ ମୋଟ ୪୦ ଖଣ୍ଡ ଏବଂ ସମୁଦାୟ ୦.୪୬୭୨ ସିଏମ କାଠର ପରିମାଣ ହୋଇଥିବା ମାଲକାନଗିରି ରେଞ୍ଜର ବାସୁଦେବ ନାୟକ ପ୍ରକାଶ କରିଛନ୍ତି । ଏହାର ମୂଲ୍ୟ ଲକ୍ଷେ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି । ଏହି କାଠ ଚୋରା ଚାଲାଣରେ ସଂଶ୍ଲିଷ୍ଟ ୨ ଜଣ ଆସାମୀଙ୍କୁ ଗିରଫ କରାଯାଇଛି । ଏହା ସହ କାଠ ବୋଝେଇ ବଲୋର ପିକଅ ପ ଭ୍ୟାନ ଏବଂ ଏକ ହିରୋ ସେପ୍ଲେଣ୍ଡର ମୋଟର ସାଇକେଲ ଜବତ କରାଯାଇଛି । ତେବେ ଗିରଫ ହୋଇଥିବା ଆସାମୀମାନେ ହେଲେ ଏମଭି -୭ ଗ୍ରାମର କ୍ରିଷ୍ଣା ସମଦାର (୩୩) ଏବଂ ଅନ୍ୟ ଜଣେ ଆସାମୀ ହେଲେ ଏମଭି - ୪୧ ଗ୍ରାମର ବିପୁଲ ଚକ୍ରବର୍ତୀ(୩୭) । ଏହି କାଠ ପଟ୍ଟା ବୋଲର ଭ୍ୟାନରେ ଲୋଡ ହୋଇ ଏମଭି- ୨୪ ଗ୍ରାମରୁ ମାଲକାନଗିରି ଅଭିମୁଖେ ଗତ ୬ ତାରିଖ ରାତି ୨ଟା ୪୫ ମିନିଟରେ ଆସୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ଛକି ରହିଥିବା ମାଲକାନଗିରି ବନାଂଚଳ କର୍ମଚାରୀମାନେ ଏମଭି- ୧୨ ଗାଡିକୁ ଜବତ କରିଥିଲେ । ଏହି ଚଢାଉରେ ମାଲକାନଗିରି ବନାଂଚାଳ ଅଧିକାରୀ ବାସୁଦେବ ନାୟକ, ବନପାଳ ରାଜେଶ ସେଠୀ, ମୂରଲୀଧର ଅନଗୁଳିଆ, ମୋହନ ଗୁଡିଆ , ହୃଷିକେଶ ପାଣିଗ୍ରାହୀ, ବନରକ୍ଷୀ ଅର୍ଜୁନ ବଟେ, ଦୀପ୍ତି ରଂଜନ ନାୟକ , ରବି ନାରାୟଣ ଖଣ୍ଟୁଆଳ ପାରାଷ୍ଟାଫ ଏବଂ ଆଇପିସିଇଏ ସ୍ୱର୍ଡ ସାମିଲ ଥିଲେ ।

## ଦାଦନ ଶ୍ରମିକଙ୍କ ପରିବାର ଇଟା ଗଢି ପରିବାର ପ୍ରତିପୋଷଣ

ନୂଆପଡା, ୦୭ ଜାନୁଆରୀ (ହି.ସ)- ନୂଆପଡା ଜିଲ୍ଲା ଏକ ଦାଦନ ପ୍ରବଣ ଜିଲା ଅଟେ । ଏଠାକାର ଶ୍ରମିକ ପ୍ରତିବର୍ଷ କାମ ଅନ୍ୱେଷଣରେ ଦାଦନ ଖଟିବାକୁ ଯାଇଥାନ୍ତି । ବିଶେଷ କରି ଏଠାକାର ଶ୍ରମିକ ସୁଦୂର ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନ, ଗୁଜରାଟ ସହ ଅନ୍ୟାନ୍ୟ ଅ ଳ ମାନଙ୍କୁ ଇଟା ଗଢିବା ସକାଶେ ଦାଦନ ଖଟିବାକୁ ଯାଇଥାନ୍ତି । କିନ୍ତୁ ଗତ ବର୍ଷର ମାର୍ଚ୍ଚ ମାସରୁ କରୋନା ଲକଡାଉନ କାରଣରୁ ସେହି ଶ୍ରମିକ ମାନେ ନିଜ ନିଜ ଗାଁ ହୋଇ ଗାଁ ମାନଙ୍କୁ ଚାଲି ଆସିଥିଲେ । ଲକଡାଉନ ପରେ ପରେ ସେମାନେ ନିଜ ଅଂଚଳ ମାନଙ୍କରେ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଏବେ ଅନେକ ଦାଦନ ମାନେ ଖଡିଆଳ ଅଂଚଳର ଗ୍ରାମାଂଚଳ ମାନଙ୍କରେ ଇଟା ଗଢି ପରିବାର ପ୍ରତିପୋଷଣରେ ଲାଗି ପଡିଛନ୍ତି ।

## ଫୁଲବାଣୀରେ ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ

କନ୍ଧମାଳ,୮।୧ (ନି.ପ୍ର): ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଫୁଲବାଣୀରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜଳ ଶକ୍ତି ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର ଯୋଗ ଦେଇ ଅତିଥି ସ୍ୱାଗତ କରିଥିଲେ । ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଉପଦେଷ୍ଟା ମଣ୍ଡଳି ସଦସ୍ୟ ( ଡି.ଏ.ସି.ୱାଇ.ପି)ର ସଦସ୍ୟ ତଥା ସମାଜସେବୀ ମନୋଜ କୁମାର ପଟ୍ଟନାୟକ,ରବିନ୍ଦ୍ର କୁମାର ସାହୁ,ନେହେରୁ ଯୁବ କେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା ଏବଂ ଅନୁଷ୍ଠାନର ସ୍ୱେଛାସେବୀ ମାନେ ଯୋଗ ଦେଇଥିଲେ । କୋଭିଡ ନିୟମ ଅନୁସାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ଜଳର ସଂରକ୍ଷଣ ତଥା ବିବେକ ପୁର୍ଣ୍ଣ ଭାବରେ ଏହାର ବ୍ୟବହାର କରିବା,ଜଳର ସଂଚୟ କରିବା,ଜଳକୁ ଏକ ଅମୁଲ୍ୟ ସମ୍ପଦ ଭାବରେ ଗ୍ରହଣ କରିବା ସହିତ ବର୍ଷା ଜଳକୁ ସଂରକ୍ଷଣ କରିବା ଭଳି ସଚେତନତା ବାର୍ତାକୁ ନିଜେ ବ୍ୟବହାରରେ ଲଗାଇବା ସହିତ ନିଜର ପରିବାର ଲୋକଙ୍କ ସମେତ ବନ୍ଧୁ ବର୍ଗ ଏବଂ ପଡୋଶୀ ମାନଙ୍କ ମଧ୍ୟରେ ଏହି ସଚେତନତାକୁ ପ୍ରଚାର କରିବାକୁ ଶପଥ ପାଠ କରାଯାଇଥିଲା । ଏହି ବାର୍ତାକୁ ଜିଲ୍ଲାର କୋଣ ଅନୁକୋଣରେ ପୋଷ୍ଟର ଓ ପ୍ରଚାରପତ୍ର ମାଧ୍ୟମରେ ପ୍ରଚାର କରାଯିବ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ । ଆଗାମୀ ଦିନରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କନ୍ଧମାଳ ଜିଲ୍ଲାରେ ଥିବା ଯୁବ ସଂଘ ଗୁଡିକ ଜରିଆରେ ଏହି ସଚେତନତା ବାର୍ତା ଲୋକଙ୍କ ମଧ୍ୟରେ ପ୍ରଚାର କରାଯିବ ବୋଲି ଅନୁଷ୍ଠାନର ଜିଲ୍ଲା ଯୁବ ଅଧିକାରୀ କହଛନ୍ତି । ଶେଷରେ ସହକର୍ମୀ ସତ୍ୟବାନ ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଅଭିମନ୍ୟୁଙ୍କୁ ବିଜେପି ଜିଲ୍ଲା ସାଧାରଣ ସଂପାଦକ ଦାୟିତ୍ୱ

କେନ୍ଦ୍ରାପଡ଼ା,୮।୧ (ନି.ପ୍ର): ପୂର୍ବତନ ସରପଂଚ ଓ ଯୁବନେତା ଅଭିମନ୍ୟୁ ଗୋଛାୟତ ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖା ର ସାଧାରଣ ସଂପାଦକ ଭାବେ ମନୋନିତ୍ୱ ହୋଇଛନ୍ତି । ଜିଲ୍ଲା ସ୍ତରରେ ସାଂଗଠନିକ ପୂନଃବିନ୍ୟାସ ଓ ନୂତନ କର୍ମକର୍ତା ଚୟନ ଅବସର ରେ ଶ୍ରୀ ଗୋଛାୟତଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଜେପିର ଜଣେ ପୁରୁଣା କାର୍ଯ୍ୟକର୍ତା ଓ ସଂଗଠନ ହିସାବରେ ତାଙ୍କର ଏହି ଦାୟିତ୍ୱ ସଂଗଠନକୁ ମଜଭୁଦ ଓ ବ୍ୟାପକ କରିବ ବୋଲି ବହୁ ଶୁଭେସୁ ମତାମତ ଦେବା ସହ ଅଭିନନ୍ଦନ ଜଣାଇଛନ୍ତି ।

## ବିଧାୟକଙ୍କର ୧୧ନଂ ୱାର୍ଡ ପରିଦର୍ଶନ ଓ ଜବରଦଖଲକୁ ନେଇ ସମୀକ୍ଷା

କେନ୍ଦ୍ରାପଡ଼ା,୮।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଗୁରୁତ୍ୱପୂର୍ଣ୍ଣ ୧୧ନଂ ୱାର୍ଡର ସମସ୍ୟା ସଂପର୍କରେ ବିଧାୟକ ଶଶି ଭୂଷଣ ବେହେରା ୱାର୍ଡ ପରିଦର୍ଶନ କରି ଜବର ଦଖଲ ସମସ୍ୟାକୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ଏହି ୱାର୍ଡରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା, ବହୁ ସରକାରୀ ବେସରକାରୀ ଚିକିତ୍ସାଳୟ ରହିଛି । ଏହି ୱାର୍ଡର ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱ ଜବର ଦଖଲ କବଜାରେ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟିହୋଇ ମୁଖ୍ୟ ସଡକରେ ଆମ୍ବୁଲାନ୍ସ, ୧୦୮,୧୦୨, ଦମକଳ ପ୍ରଭୃତି ଯାନ ଗୁଡିକ ରାସ୍ତା ଉପରେ ବହୁ ସମୟ ଧରି ଅଟକି ରହୁଥିବାରୁ ସମସ୍ୟା ଉପୁଜିଛି । ଏହି ୱାର୍ଡରେ ଥିବା ଡ୍ରେନ୍ ଏବଂ ରାସ୍ତା ବହୁ ସ୍ଥାନରେ ଭାଙ୍ଗି ପୋତି ହୋଇ ଯାଇଥିବାରୁ ବର୍ଷାଦିନେ ଜଳ ନିଷ୍କସାନ ସମସ୍ୟା ସୃଷ୍ଟି ହେଉଥିବା ସମୀକ୍ଷା ବୈଠକରେ ପ୍ରକାଶ ପାଇଥିଲା । ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ଏହି ବୈଠକରେ ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ଯଜାତି ମହାନ୍ତି, ମଙ୍ଗଳ ବରଣ ସିଂହ, ଚିତ ରଞ୍ଜ ଭଗତ, ଗୋପାଳ ପ୍ରସାଦ ମହାପାତ୍ର, ଏମ୍ଇ ଦିଲିପ କୁମାର ସେଠୀ, ଜେଇଇ ଅବନୀ ମହାନ୍ତି, ଏଲ ଆଣ୍ଡ କେ ସର୍ଭିସେସ୍ ର ମାଲିକ ସୟଦ ମକସୁଦ ଅଲ୍ଲୀଙ୍କ ସମେତ ବହୁ ଗ୍ରମବାସୀ ଏହି ବୈଠକରେ ଉପସ୍ଥିତ ରହି ସମସ୍ୟା ଉପସ୍ଥାପନ କରିଥିଲେ ।

# ସ୍କୁଲ ଶୌଚାଳୟରୁ ସଦ୍ୟ ଜନ୍ମିତ ଶିଶୁପୁତ୍ର ଉଦ୍ଧାର

ଭୁବନ,୮।୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଓଡିଶ ପଂଚାୟତର ବର୍ଣ୍ଣାଳୀ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ ଶୌଚାଳୟରୁ ସଦ୍ୟ ଜନ୍ମିତ ଶିଶୁପୁତ୍ର ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଓ ଆଲୋଚନାର ବିଷୟ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବର୍ଣ୍ଣାଳୀ ଗ୍ରାମର ଜନୈକା ବାପା, ମା ଛେଉଣ୍ଡ ଅବିବାହିତା ଆଦିବାସୀ ଯୁବତୀ ଗତକାଲି ରାତି ପ୍ରାୟ ୯ ଘଟିକା ସମୟରେ ଗର୍ଭବେଦନାରେ ଛଟପଟ ହୋଇ ଲୋକ ନିନ୍ଦା ଭୟରେ ସ୍କୁଲ ବାରଣ୍ଡାକୁ ଚାଲିଯାଇ ସେଠାରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲା । ପ୍ରସବ ପରେ ଜନ୍ମିତ ଶିଶୁକୁ ସ୍କୁଲ ଶୌଚାଳୟରେ ପକାଇ ଦେଇଥିଲା । ସକାଳେ ଶିଶୁର କାନ୍ଦ ଶୁଣି ଗ୍ରାମବାସୀ ଯୁବ କଳିଙ୍ଗର ସଦସ୍ୟଙ୍କୁ ଖବର ଦେଲେ । ଦେବଦୂତ ଭଳି ପହଁଚି ଶିଶୁକୁ ଉଦ୍ଧାର କରିବାକୁ ଗଲା ବେଳକୁ ପାଇଖାନାର ତାଲା ପଡିଥିବା ଦେଖିବାକୁ ପାଇଥିଲେ । ପ୍ରଧାନ ଶିକ୍ଷକଙ୍କୁ ଖବର ଦିଆଯିବା ପରେ ସେ ଆସି ତାଲା ଖୋଲିଥିଲେ । ଶିଶୁପୁତ୍ର ଉଦ୍ଧାର ପରେ ଲୁଚି ରହିଥିବା ମା କୋଳେଇ ନେଇଥିଲା ତା ଛୁଆକୁ । ଭୋ ଭୋ ହୋଇ କାନ୍ଦି ଉଠିଥିଲା ମା । ଯୁବ କଳିଙ୍ଗ କର୍ମକର୍ତାଙ୍କ ସୂଚନା କ୍ରମେ ସଙ୍ଗେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପହଁଚି ମା ଓ ଶିଶୁକୁ ୧୦୨ ଆମ୍ବୁଲାନ୍ସ ଯୋଗେ ଭୁବନ ଡାକ୍ତରଖାନାରେ ଭର୍ତି କରାଇଥିଲେ । ନବଜାତକ ଶିଶୁର ଅବସ୍ଥା ଗୁରୁତର ଥିବାରୁ ଢେଙ୍କାନାଳକୁ ପଠାଯାଇଛି । ସଂପୃକ୍ତା ଅବିବାହିତା ଯୁବତୀଙ୍କୁ ସେହି ଗ୍ରାମର ଭାସ୍କର ମୁଣ୍ଡାଙ୍କ ପୁଅ ଖଗେଶ୍ୱର ମୁଣ୍ଡା ଦୈହିକ ସଂପର୍କ ରଖି ଗର୍ଭବତି କରାଇ ଗତ ମାସେ ହେଲା କେଉଁଆଡେ ଚାଲିଯାଇଥିବା ସଂପର୍କରେ ଯୁବତୀଙ୍କ ଦାଦା ଭୁବନ ଥାନାରେ ଅଭିଯୋଗ କରିଛନ୍ତି । ଭୁବନ ଥାନାଧିକାରୀ ଡାକ୍ତରଖାନାରେ ପହଁଚି ସ୍ୱର୍ଣ୍ଣକାତର ଘଟଣାକୁ ଅନୁଭବ କରି ଚିକିତ୍ସା ପାଇଁ ୧ ହଜାର ଟଙ୍କା ସାହାଯ୍ୟ କରିଥିଲେ । ଏ ସଂପର୍କରେ ଭୁବନ ଥାନାରେ କେଶ ନଂ - ୧୨ / ୨୦୨୧ ରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ଚାଲୁରହିଛି ।

## ବିଧବା ଭତ୍ତା ଅପେକ୍ଷାରେ ବିଧବା

ନୂଆପଡା,୮।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଂଚାୟତର ମହୁଲପଡା ଗ୍ରାମର କାଣ୍ଡପଡାର ବିଧବା ଏକାନ୍ତି କାଣ୍ଡ(୪୫) ବିଧବା ଭତା ପାଇବାରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି । ଗତ ୧ ବର୍ଷରୁ ଅଧିକ ହେବ ତାଙ୍କ ସ୍ୱାମୀ ଦେବାର୍ଚ୍ଚନ କାଣ୍ଡଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସେ ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି । ଭତା ସକାଶେ ପଂଚାୟତର ସରପଂଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଆସୁଛନ୍ତି, କିନ୍ତୁ କୌଣସି ସୁଫଳ ମିଳିପାରୁନଥିବା ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିଧବା ଏକାନ୍ତି କାଣ୍ଡଙ୍କୁ ବିଧବା ଭତା ଯୋଜନାରେ ସାମିଲ କରି ଭତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ନୂଆପଡା,୮।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଶିକ୍ଷକ-ଅଭିଭାବକ, ଅଭିଭାବିକା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ବିଦ୍ୟାଳୟର ପରିଚାଳନା ଓ ବିକାଶ କମିଟିର ସଦସ୍ୟ ଶିକ୍ଷାବିତ ବଳଭଦ୍ର ମହାଉତୀ ଓ ଖଡିଆଳ ସ୍ୱୟଂଶାସିତ କଲେଜର ପ୍ରଧ୍ୟାପକ ତଥା କମିଟି ସଦସ୍ୟ ଚନ୍ଦ୍ରଶେଖର ଚନ୍ଦ୍ରକାର ମଂଚାସୀନ ଥିଲେ । ବିଦ୍ୟାଳୟ ଖୋଲିବା ନେଇ ରହିଥିବା ସରକାରଙ୍କର କୋଭିଡ ସମ୍ପର୍କୀତ ନିର୍ଦ୍ଦେଶାବଳୀ ଉପରେ ଶିକ୍ଷକ ସୁରବିଜୟକାନ୍ତ ତାଣ୍ଡି, ଗୌରୀଶଙ୍କର ଦୁବେ, ଅଶୋକ କୁମାର ବେହେରା ପ୍ରମୁଖ ଆଲୋଚନା କରିଥିଲେ । ଶେଷରେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ପ୍ରଶାନ୍ତ କୁମାର ପଣ୍ଡା, ନୀଳିମାରାଣୀ ସାଗର, ଶ୍ୟାମ ନାରାୟଣ ମୁଣ୍ଡ, ମହମ୍ମଦ କଲାମଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟି, ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ ।

## ଉନ୍ନୟନ କାମର ସମୀକ୍ଷା କଲେ ନୂଆ ଜିଲ୍ଲାପାଳ

ପୁରୀ,୮।୧ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ପୁରୀରେ ଜାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥାନ ପରିଦର୍ଶନ କରିବା ସହ ଭିତିଭୂମି ଯାଂଚ ଓ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି । ବିଦାୟୀ ଜିଲ୍ଲାପାଳ ଶ୍ରୀ ବଲୱନ୍ତ ସିଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ଅବଗତ କରାଇଛନ୍ତି । ପୁରୀ ସହରରେ ଆବର୍ଜନା ସଂଗ୍ରହ ଓ ପୃଥକୀକରଣ ବ୍ୟବସ୍ଥା ଏବଂ ଅଳିଆରୁ ଅର୍ଥ ସୃଷ୍ଟି ପାଇଁ କାର୍ଯ୍ୟକ୍ଷମ ମ୍ୟାଟେରିଆଲ ରିକଭରି ଫାସିଲିଟି ଓ ମାଇକ୍ରୋ କମ୍ପୋଷ୍ଟିଂ ସେଂଟରକୁ ଉଭୟ ଶ୍ରୀ ସିଂ ଓ ଶ୍ରୀ ବର୍ମା ବୁଲି ଦେଖିବା ସହ ନିର୍ମାଣଧିନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଉଭୟ ପେଣ୍ଟକଟା, ତାଳବଣିଆ, ମଶାଣିଚଣ୍ଡି, ବଳିଆପଣ୍ଡା, ଧୋବାଖାଲ ସ୍ଥିତ ଏମସିସି ଓ ଏମଆରଏଫ୍ ପରିଦର୍ଶନ କରିଛନ୍ତି । ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପୌରସଂସ୍ଥା ଅଧିନରେ ୧୧ଟି ଏମସିସି ମଧ୍ୟରୁ ୬ଟି କାର୍ଯ୍ୟକ୍ଷମ ଥିବାବେଳେ ୪ଟି ଆସନ୍ତା କିଛି ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ ହେବ । ମଶାଣିଚଣ୍ଡି ଏମସିସି ପରିସରରେ କୈବଲ୍ୟ ଗାଡି ଦ୍ୱାରା ସଂଗ୍ରହ କରାଯାଉଥିବା ସାମଗ୍ରୀ ରଖାଯିବା ବ୍ୟବସ୍ଥାର ଜିଲ୍ଲାପାଳ ବୁଲି ଦେଖିଛନ୍ତି । ଏମସିସିରୁ ବାହାରୁଥିବା ଖତକୁ ବର୍ତମାନ ବିଭିନ୍ନ ଚାଷୀ ଓ ବେପାରୀଙ୍କୁ କିଲୋଗ୍ରାମ ପ୍ରତି ୨୦ ଟଙ୍କା ହିସାବରେ ବିକ୍ରୟ କରାଯାଉଛି । ଏମସିସି ଗୁଡିକରୁ ସୃଷ୍ଟି ଖତକୁ ପ୍ୟାକେଜିଂ ଓ ବିକ୍ରୟ କରିବାକୁ ଜିଲ୍ଲାର ପ୍ରଗତିଶୀଳ ଚାଷୀ ଏବଂ କୃଷି ଅଧିକାରୀ ମାନଙ୍କ ସହ ଆଲୋଚନା କରାଯିବ । ଏଥିସହ ୟୁଥ ହଷ୍ଟେଲ, ଅର୍ବାନ ହାଟ, ତାଳବଣିଆ ଠାରେ ନିର୍ମାଣଧିନ ମାଛ ଓ ପରିବା ମାର୍କେଟ, ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ, ବଳିଆପଣ୍ଡାରେ ନିର୍ମାଣଧିନ ପାର୍କ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ ବିଜୟ କୁମାର ଦାଶ, ଫିଡବ୍ୟାକ ଫାଉଣ୍ଡେସନର ଶ୍ରୀ ଜ୍ୟୋତିପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳ ନିଷ୍କାସନ ବାଟ ଅବରୋଧ ଉଚ୍ଛେଦ ଦାବି

କେନ୍ଦ୍ରାପଡ଼ା,୮।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୧,୨,୩ ୱାର୍ଡର ଜଳ ନିଷ୍କାସନ ପାଇଁଥିବା ବାଟକୁ କେତେକ ବ୍ୟକ୍ତ ଅବରୋଧ କରି ଗୃହ ନିର୍ମାଣ କରୁଥିବା ଅଭିଯୋଗ କରାଯାଇଛି । ଶ୍ରୀ ବଳଦେବଜୀୟୁ ମନ୍ଦିର ମୁଖ୍ୟ ରାସ୍ତାର ଆରସିଏମ୍ଏସ୍ ରାସ୍ତାର ବିପରୀତ ଡାହାଣ ପଟ ଏକ ସରକାରୀ ଦଣ୍ଡା ରାସ୍ତା ବିଲ ମଧ୍ୟକୁ ରହିଛି । ଏହି ବାଟରେ ଏହି ୩ଟି ୱାର୍ଡର ଜଳ ନିଷ୍କାସନ ହୋଇଥାଏ । ତେବେ କେତେକ ବ୍ୟକ୍ତି ନିଜକୁ ଭୂମିହୀନ ଦର୍ଶାଇ ଏହି ଜଳ ନିଷ୍କାସନ ବାଟ ଅବରୋଧ କରି ବିନା ଅନୁମତିରେ ଗୃହ ନିର୍ମାଣ କରୁଥିବାରୁ ଗ୍ରାମର ଭିକାରୀ ମହାନ୍ତି, ଡ଼ଃ ବଳରାମ ଲେଙ୍କା, ରବିନ୍ଦ୍ର ଲେଙ୍କା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଜବର ଦଖଲ ହଟାଇବାକୁ ଦାବି କରିଛନ୍ତି ।

# ମଣ୍ଡଳ ପରିଦର୍ଶିକା ଓ ଅଙ୍ଗନୱାଡ଼ି କର୍ମୀଙ୍କର ଭର୍ଚୁଆଲ ପ୍ରଶିକ୍ଷଣ

**ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କର ଏକ ଅନନ୍ୟ ଉଦ୍ୟମ**

ଭୁବନେଶ୍ୱର,୮।୧ (ନି.ପ୍ର): ଅଣ-ତାଲିମପ୍ରାପ୍ତ ମଣ୍ଡଳ ପରିଦର୍ଶିକା ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଆଦ୍ୟ ପ୍ରଶିକ୍ଷଣ(ଓରିଏଂଟେସନ୍) ଓ ବୃତିଭିତିକ ପ୍ରଶିକ୍ଷଣ ଦେବା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । କୋଭିଡ-୧୯ ମହାମାରୀ ଜନିତ କଟକଣା ଯୋଗୁଁ ମାର୍ଚ୍ଚ ମାସ ୨୦୨୦ ଅଧାରୁ ରାଜ୍ୟରେ ସମସ୍ତ ସମନ୍ୱିତ ଶିଶୁ ବିକାଶ ସେବା (ଆଇ.ସି.ଡି.ସି.) ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା, ତେଣୁ ଆଗ ଧାଡ଼ିର କର୍ମକର୍ତାମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆବଶ୍ୟକ ଜ୍ଞାନ ବୃଦ୍ଧି କରିବା ପାଇଁ ତଥା କୋଭିଡ-୧୯ର ନୀତିନିୟମ ବିଷୟରେ ଗୋଷ୍ଠୀ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପରୀକ୍ଷାମୂଳକ ଭାବରେ ଏକ ଚାରି ଦିନିଆ ଆଦ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୃହ ଅର୍ଥନୀତି ତାଲିମ କେନ୍ଦ୍ର (ଏଚ୍.ଇ.ଟି.ସି.), ବରପାଲିର ପ୍ରଶିକ୍ଷିକାମାନଙ୍କ ସହଯୋଗରେ ୧୯ ଅକ୍ଟୋବରରୁ ୨୨ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ବଲାଙ୍ଗୀର ଓ କଳାହାଣ୍ଡି ଜଲ୍ଲିାର ୬୦ ଜଣ ଅଣତାଲିମ୍ ପ୍ରାପ୍ତ ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନଙ୍କ ସହିତ ପରାମର୍ଶ ପୂର୍ବକ ଆଣ୍ଡ୍ରଏଡ୍ ଫୋନ୍ ଓ ଇଂଟରନେଟ୍ ସୁବିଧା ଉପଲବ୍ଧ ଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କର ଚୟନ କରାଯାଇଥିଲା । ଅଂଶଗ୍ରହଣକାରୀଙ୍କର ମତାମତରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଲ୍ଲେଖଜନକ ଭାବେ ଉତ୍ସାହଜନକ ଥିବା ଜଣାପଡ଼ିଥିଲା । ସେମାନେ ଘରେ ରହି ପ୍ରଶିକ୍ଷଣ ପାଇବା ସହିତ ନିଜର ସନ୍ଦେହମୋଚନ ପାଇଁ ନିୟମିତ ଭାବରେ ସମସ୍ତ ଶିକ୍ଷଣୀୟ ସାମଗ୍ରୀର ଓଡ଼ିଆ ମାଧ୍ୟମରେ ପାଇ ପାରୁଥିବାରୁ ଅତ୍ୟନ୍ତ ଆନନ୍ଦିତ ଥିଲେ । ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗକୁ ଅନ୍ୟ ସମସ୍ତ ଜିଲ୍ଲାର ଅଣ-ତାଲିମ୍‌ପ୍ରାପ୍ତ ମଣ୍ଡଳ ପରିଦର୍ଶିକା ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କର ଆଦ୍ୟ ପ୍ରଶିକ୍ଷଣ ଓ ବୃତିଭିତିକ ପ୍ରଶିକ୍ଷଣ କରିବାକୁ ଏହି ସଫଳତା ବାଟ ଦେଖାଇଥିଲା । ତେଣୁ ରାଜ୍ୟର ମଧ୍ୟମ ସ୍ତରୀୟ ତାଲିମ୍ କେନ୍ଦ୍ର(ଏମ୍.ଏଲ୍.ଟି.ସି.) ଏବଂ ଭୁବନେଶ୍ୱର ଓ ବରପାଲିରେ ଥିବା ଗୃହ ଅର୍ଥନୀତି ତାଲିମ୍ କେନ୍ଦ୍ର (ଏଚ୍.ଇ.ଟି.ସି.)ର ସହଯୋଗରେ ଅଣ- ତାଲିମ୍ ପ୍ରାପ୍ତ ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ଆଉ ୮ଟି ବ୍ୟାଚ୍ ଏବଂ ମଣ୍ଡଳ ପରିଦର୍ଶିକାମାନଙ୍କ ପାଇଁ ୨ଟି ବ୍ୟାଚ୍‌ରେ ଭର୍ଚୁଆଲ ପ୍ରଶିକ୍ଷଣର ଯୋଜନା କରାଯାଇଥିଲା । ଏହି ପ୍ରଶିକ୍ଷଣ ପ୍ରତ୍ୟେକ ବ୍ୟାଚ୍ ?ମାନଙ୍କରେ ୯୦ ଜଣ ଲେଖାଏଁ ଅଂଶଗ୍ରହଣକାରୀ ହିସାବରେ ନଭେମ୍ବର ୨୪ରୁ ୨୭ ତାରିଖ ଓ ଡିସେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ କରାଯାଇଥିଲା । ସମସ୍ତ ପ୍ରଶିକ୍ଷଣ ସଫଳତାର ସହ ସଂପୂର୍ଣ୍ଣ ହୋଇଥିଲା ଯାହା ପ୍ରଶିକ୍ଷିକାମାନଙ୍କୁ ଭର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦେବା ପାଇଁ ମନୋବଳ ବଢ଼ାଇବାରେ ସହାୟକ ହୋଇଥିଲା । ତାଲିମ୍ କେନ୍ଦ୍ରମାନଙ୍କର ଦୃଢ଼ ମନୋବଳ ଓ ସନ୍ତୋଷଜନକ ପ୍ରଦର୍ଶନ ଦେଖି ରାଷ୍ଟ୍ରୀୟ ଜନ ସହଯୋଗ ଏବଂ ଶିଶୁ ବିକାଶ ସଂସ୍ଥା(ନିପସିଡ୍ ?)ର ପ୍ରଶିକ୍ଷଣ ମଡ୍ୟୁଲ ଅନୁସାରେ ସମସ୍ତ ବିଷୟବସ୍ତୁ, ଯଥା, ୧) ସମନ୍ୱିତ ଶିଶୁ ବିକାଶ ସେବା (ଯୋଜନା) ସମ୍ବନ୍ଧୀୟ ସୂଚନା, ୨) ଆଦ୍ୟ ଶୈଶବର ଯନି ଓ ଶିକ୍ଷା ୩) ପୁଷ୍ଟି ଓ ସ୍ୱାସ୍ଥ୍ୟ ୪) ଗୋଷ୍ଠୀ ସହଯୋଗ ଆଦି ବିଷୟବସ୍ତୁ ଆଧାରରେ ଡିସେମ୍ବର ୧, ୨୦୨୦ରୁ ଭର୍ଚୁଆଲ ବୃତିଭିତିକ ପ୍ରଶିକ୍ଷଣ କରାଯାଉଅଛି । ଅଂଶଗ୍ରହଣକାରୀମାନଙ୍କର ନିୟମିତ କାର୍ଯ୍ୟରେ ବ୍ୟାଘାତ ନ ହେବା ପାଇଁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ମଧାହ୍ନ ପରେ ୨ ଘଣ୍ଟା ୩୦ ମିନିଟ୍ ପ୍ରଶିକ୍ଷଣ ଦେବା ପାଇଁ ସ୍ଥିର କରାଯାଇଥିଲା । ପ୍ରଶିକ୍ଷଣର ଅବଧି ୨୬ ଦିନ ପରିବର୍ତେ ୪୫ ଦିନ ରଖା ଯାଇ ସମସ୍ତ ପାଠ୍ୟକ୍ରମକୁ ସୁଚାରୁରୂପେ ଯୋଜନା କରାଯାଇଥିଲା । ମାର୍ଚ୍ଚ ୨୦୨୧ ସୁଦ୍ଧା ଭର୍ଚୁଆଲ ପ୍ରଶିକ୍ଷଣ ମାଧ୍ୟମରେ ୭୮୦ ଅଙ୍ଗନୱାଡ଼ି କର୍ମୀ ଓ ୧୮୦ ମଣ୍ଡଳ ପରିଦର୍ଶିକାଙ୍କୁ ଆଦ୍ୟ ପ୍ରଶିକ୍ଷଣ (ଓରିଏଂଟେସନ ) ଏବଂ ୩୬୦ ଅଙ୍ଗ ନ ୱାଡ଼ିକ ର୍ମୀ ଓ ୯୦ ମଣ୍ଡଳ ପରିଦର୍ଶିକାଙ୍କ ବୃତିଭିତିକ ପ୍ରଶିକ୍ଷଣ ଦେବା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଯୋଜନା କରାଯାଇଛି । ବିଭାଗୀୟ ଅଧିକାରୀମାନଙ୍କ ପୂର୍ଣ୍ଣ ସହଯୋଗ ତଥା ଯୁଗ୍ମ ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଏବଂ ଭୁବନେଶ୍ୱର ଓ ବରପାଲିରେ ଥିବା ଗୃହ ଅର୍ଥନୀତି ତାଲିମ୍ କେନ୍ଦ୍ର (ଏଚ୍.ଇ.ଟି.ସି.)ର ମୁଖ୍ୟ ଅନୁଦେଷ୍ଟାଙ୍କ ସମୟୋପଯୋଗୀ ଦିଗ୍‌ଦର୍ଶନ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବାରେ ସାହାଯ୍ୟ କରୁଅଛି ।

## ଜିନପିଙ୍ଗଙ୍କୁ ଅଡୁଆ...

ମୋଦିଙ୍କ ନିଷ୍ପତ୍ତି ଯୋଗୁ ଇଲେକ୍ଟ୍ରିକ୍ ଯାନରେ ବ୍ୟବହୃତ ଲିଥିୟମ ଭଣ୍ଡାରକୁ ଆର୍ଜେଣ୍ଟିନା ଭାରତୀୟ କମ୍ପାନୀକୁ ଦେବା,ଭାରତ-ଜାପାନ ମଧ୍ୟରେ ଷ୍ଟିଲ ଉତ୍ପାଦନ ପାଇଁ ବୁଝାମଣା ହେବା, କୋରୋନା କାଳରେ ଭାରତରୁ ଇଲେକଟ୍ରୋନିକ୍ସ ରପ୍ତାନୀ ୬୦% ବୃଦ୍ଧି ହେବା ପିଏଲ୍ଆଇ ଯୋଗୁ ୧ଲକ୍ଷ କୋଟି ଅଟୋ ଯନ୍ତ୍ରାଂଶ ଆମଦାନୀ ଚୀନରୁ ବନ୍ଦ ହେବା, ଭାରତରେ ଲିଥିୟମ ରିଫାଇନାରୀ ଲାଗିବା, ନୋକିଆକୁ ଉତ୍ପାଦନ ବୃଦ୍ଧି ପାଇଁ ସୁବିଧା ଦେବା, ଭାରତରେ ସାମସଙ୍ଗ କମ୍ପାନୀ ୫୦୦୦ କୋଟି ନିବେଶ କରିବା, ବଙ୍ଗଳାଦେଶ ଭାରତରୁ ଆମଦାନୀ ବୃଦ୍ଧି ପାଇଁ ୩୦ ପ୍ରତିଶତ ଶୁଳ୍କ ହ୍ରାସ କରିବା, ୩୦୦୦ କୋଟିର ଶକ୍ତି କମ୍ପାନୀର ଯନ୍ତ୍ରାଂଶ ଦେଶରେ ଉତ୍ପାଦନ ହେବା, ଫିନ୍ଲାଣ୍ଡର ସାଲକମ୍ କମ୍ପାନୀ ଭାରତରେ ଉତ୍ପାଦନ କରିବା, ତାଇୱାନ ସରକାର ଭାରତରେ ଅଧିକ ଅର୍ଥ ବିନିଯୋଗ କରିବା ଆଦି ମୋଦିଙ୍କ ସଫଳ ନେତୃତ୍ୱର ସଫଳତା । ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ନି-୫ର ମୁତୟନ, ଆକାଶ କ୍ଷେପଣାସ୍ତ୍ର ବିଦେଶୀ ରାଷ୍ଟ୍ରକୁ ବିକ୍ରି ନିଷ୍ପତ୍ତି, ଅଗ୍ନି -୬ର ପରୀକ୍ଷଣ ଅନୁମତି ଦେବା, ମୁମ୍ବାଇ ଷ୍ଟକ ଏକ୍ସଚେଞ୍ଜ ୪୮୦୦୦କୁ ଅତିକ୍ରମ କରିବା ମୋଦିଙ୍କ ସୁଦୃଢ ନେତୃତ୍ୱର ପରାକାଷ୍ଠା । ୨୦୦୮ ପରବର୍ତ୍ତୀ କାଳରେ ସର୍ବାଧିକ ବିଦେଶୀ ମୁଦ୍ରା ଭଣ୍ଡାର ଜାନୁଆରୀ ୨୦୨୧ରେ ସୃଷ୍ଟି ହେବା ବେଶ୍ ଉତ୍ସାହଜନକ । ସେମିତି ଡିସେମ୍ବରରେ ଜିଏସ୍ଟି ସଂଗ୍ରହ ରେକର୍ଡ ସୃଷ୍ଟି କରିଛି । ସବୁ କ୍ଷେତ୍ରରେ ଭାରତକୁ ଶକ୍ତିଶାଳୀ କରିବାକୁ ମୋଦିଙ୍କ ନିଷ୍ପତ୍ତି ଯୋଗୁ ଜିନ୍ପିଙ୍ଗ ଏବେ ଅଡୁଆରେ ପଡିଛନ୍ତି । ସୀମାରେ ଭାରତୀୟ ସେନା ଚୀନର କେତେକ ଅଞ୍ଚଳକୁ ଦଖଲକୁ ନେଇଛନ୍ତି, ସୀମାନ୍ତରେ ବିଆର୍ଓ ସଡକ ନିର୍ମାଣ ଜାରି ରଖିଛି ଏବଂ ବିଶ୍ୱରେ ଭାରତର ସହଯୋଗୀ ରାଷ୍ଟ୍ରଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ବ୍ରାଜିଲ, ପାକିସ୍ଥାନ ଆଦି ଭାରତର ଟୀକାକୁ କିଣିବାକୁ ଆଲୋଚନା ଜାରି ରଖିଛନ୍ତି । ଚୀନର ସାମ୍ରାଜ୍ୟବାଦୀ ନୀତିକୁ ନିୟନ୍ତ୍ରଣ କରିବାକୁ ମୋଦିଙ୍କ ଆତ୍ମନିର୍ଭର ଭାରତ, ମେକ୍ ଇନ୍ ଇଣ୍ଡିଆ ଆହ୍ୱାନ ବିଶ୍ୱରେ ଚୀନ ସାମଗ୍ରୀ ବର୍ଜନକୁ ସାହସ ଯୋଗାଇଛି । ତେଣୁ ଜିନପିଙ୍ଗଙ୍କ ପାଇଁ ମୋଦି ଅଡୁଆ ନିଶ୍ଚୟ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଆସନ୍ତା ୧୦ତାରିଖ କଂଗ୍ରେସର ବଂଧୁମିଳନ ଓ ମହା ମିଶ୍ରଣପର୍ବ

ଜଳେଶ୍ୱର, ୮/୧ (ନିପ୍ର) : ଆସନ୍ତା ରବିବାର ଦିନ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ବଂଧୁମିଳନ ଓ ମହାମିଶ୍ରଣ ଉତ୍ସବ ଅନୁଷ୍ଠିତ ହେବ । ଚମାରଗାଁ ପଂଚାୟତର ଚମାରଗାଁଠାରେ ଏହି ମହାମିଶ୍ରଣ ପର୍ବରେ କଂଗ୍ରେସର ବରିଷ୍ଠ ବିଧାୟକ ଦଳର ନେତା ତାରାପ୍ରସାଦ ବାହିନୀପତି, ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ସଂଜିବ ଗିରି, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବସ୍ତା କଂଗ୍ରେସ ନେତା ବିଜନ ନାୟକ, ବାଲେଶ୍ୱରର ନେତ୍ରୀ ମମତା କୁଣ୍ଡୁ ପ୍ରମୁଖ ଯୋଗଦେବେ ବୋଲି କଂଗ୍ରେସ ରାଜ୍ୟ ପ୍ରବକ୍ତ ସୁଦର୍ଶନ ଦାସ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ଏହି ମିଶ୍ରଣ ପର୍ବରେ ବିଭିନ୍ନ ଦଳରୁ ଆସି କଂଗ୍ରେସ ଦଳରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି । କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା, ନିର୍ବାଚନୀ ମଣ୍ଡଳୀ ସ୍ତରରେ ଲୋକଙ୍କ ହକ୍କୁ ନେଇ ଲଢେଇର ରଣନିତୀ ପ୍ରସ୍ତୁତ କରିବା ଏହାର ଆଭିମୁଖ୍ୟ ବୋଲି ଟାଉନ୍ କଂଗ୍ରେସ ସଭାପତି ରିଆଜ୍ ଖାଁ, ସତ୍ୟସୁନ୍ଦର ଦାସ, ହେମନ୍ତ ଗିରି, ବିରଞ୍ଚି ଭୂୟାଁ, ଚିତ୍ତ ପରିଡା, ପଦ୍ମଲୋଚନ ବେହେରା, ସୁଶାନ୍ତ ସେଠୀ, ସତ୍ୟନାରାୟଣ ଗୁପ୍ତା, ବିଭୁରେନ୍ଦ୍ର ଦେ, ନରୋତ୍ତମ ପ୍ରଧାନ ପ୍ରମୁଖ କହିଛନ୍ତି ।

## ଯୁବକଙ୍କ ଠାରୁ ୯୪ ହଜାର ଟଙ୍କା ନେଇଗଲେ ସାଇବର ଠକ

ଭୁବନେଶ୍ୱର,୦୮।୦୧ (ନି.ପ୍ର): ଯୁବତୀ ଯୋଗାଇ ଦେବାକୁ କହି ଜଣେ ଯୁବକଙ୍କୁ ଗୁଗୁଲ ପେ ଜରିଆରେ ୯୪ ହଜାର ଟଙ୍କା ଠକିନେଲେ ସାଇବର ଫ୍ରଡ୍ । ସାଇବର ଠକେଇର ଶୀକାର ହୋଇଥିବା ଯୁବକ ଜଣକ ଆଜି ଥାନାରେ ଇଣ୍ଡିଆ ଏସ୍କର୍ଟ ସର୍ଭିସ୍ ସଂସ୍ଥା ନାମରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଯୁବକଙ୍କୁ ଇଣ୍ଡିଆ ଏସ୍କର୍ଟ ସର୍ଭିସ୍ ନାମକ ଏକ ସଂସ୍ଥାରୁ ଫୋନ୍ ଆସିଥିଲା । ସିଲିଗୁଡ଼ିରୁ ଆସିଥିବା ଏହି ଫୋନ୍ କଲରେ ହାଇକ୍ଲାସ ଯୁବତୀ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ଲୋଭନୀୟ ଅଫର ଦେଖାଇ ତାଙ୍କ ହ୍ୱାଟସ୍ଆପ୍ ନମ୍ବରକୁ ଆସିଥିଲା କିଛି ସୁନ୍ଦରୀଙ୍କ ଫଟୋ । ତେବେ ସେବା ଯୋଗାଇ ଦେବାକୁ କହି ତାଙ୍କ ଆକାଉଂଟରୁ ୪-୫ଟି ଫେଜ୍ରେ ମୋଟ ୯୪ ହଜାର ଟଙ୍କା କାଟି ନିଆଯାଇଛି । ଡିଲ୍ ଅନୁସାରେ ସର୍ଭିସ ନମିଳିଥିବାରୁ ଯୁବକ ଜଣକ ଆଜି ଏୟାର ଫିଲଡ୍ ଥାନାରେ ମାମଲା କରିଛନ୍ତି ।

## ବିଶିଷ୍ଟ ସମାଜସେବୀ ୰ ହରିଭାଇଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୦୮।୦୧ (ନି.ପ୍ର): ଭଦ୍ରକ ଚରମ୍ପା ବିଶାଣିଖରିଦା ସ୍ଥିତ ବାସନ୍ତୀ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ମଣ୍ଡପ ପ୍ରାଙ୍ଗଣରେ ସ୍ୱର୍ଗତ ସୁଦର୍ଶନ ବିଶ୍ୱାଳ (ହରି ଭାଇ)ଙ୍କ ସ୍ମୃତିଚାରଣ ସଭା ବାସନ୍ତୀ ଦୁର୍ଗାପୂଜା କମିଟିର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ପଣ୍ଡିତ ମାଧବାନନ୍ଦ ମିଶ୍ର ଅମର ଅତ୍ମାର ସଦ୍ଗତି କାମନା କରି ସ୍ତୁତିପାଠ କରିଥିବା ବେଳେ ଅତିଥିମାନେ ସ୍ୱର୍ଗତ ହରିଭାଇଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଦିବଂଗତ ଆତ୍ମାର ସଦ୍ଗତି କାମନା କରିଥିଲେ । ସମସ୍ତ ଉପସ୍ଥିତ ଅତିଥି, କର୍ମକର୍ତ୍ତା, ଜନସାଧାରଣ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ମୁଖ୍ୟ ଅତିଥି ଭାବେ ଭାବେ ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ବରେଣ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସଂଜିବ କୁମାର ମଲ୍ଲିକ ଯୋଗଦାନ କରି ସ୍ୱର୍ଗତ ବିଶ୍ୱାଳ ଏକ ଅନୁଷ୍ଠାନ ଓ ଦରଦୀ ମଣିଷ ବୋଲି କହିଥିଲା ବେଳେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଳୟ ଜେନା, ଇଂ ପ୍ରୟାସକାନ୍ତି ସାମଲ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଚରମ୍ପା ଅଞ୍ଚଳର ବରିଷ୍ଠ ନେତା ପ୍ରଫୁଲ୍ଲ ନାୟକ, ପୂର୍ବତନ ବିଧାୟକ ନରେନ ପଲେଇ, ସମାଜସେବୀ ଡାକ୍ତର ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଡ. ରାମଚନ୍ଦ୍ର ପଣ୍ଡା, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ବିଶିଷ୍ଟ ଅଧିବକ୍ତା ନିରାକାର ଜେନା, ଅଧ୍ୟାପକ ଶିବଚରଣ ଖାମୁରାଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଧଳ, ସମାଜସେବୀ ଅଶୋକ ମହାନ୍ତି, ସୁଧାକର ରାଉତ, ଶାନ୍ତନୁ କୁମାର ରାଉତ, ପୂର୍ବତନ ସରପଞ୍ଚ ରତ୍ନାକର ସାମଲ, ବାବୁଲାଲ ଦାସ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ହରିଭାଇ ସେବା ଓ ପରୋପକାରର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତପ୍ରକାଶ କରିଥିଲେ । ବାସନ୍ତୀ ଦୁର୍ଗାପୂଜା କମିଟିର ସର୍ବ ବରିଷ୍ଠ ସଦସ୍ୟ ଭାଗବତ ପଢିଆରୀ ସଭାରେ ସଂଯୋଜନା କରିଥିବା ବେଳେ ଜୟନ୍ତ ସେନାପତି ଓ ଜୟନ୍ତ ଚାଟାର୍ଜୀ ସହଯୋଗ କରିଥିଲେ ।

## ଅସ୍ଥାୟୀ ଏଏନ୍ଏମ୍ ଓ ସ୍ୱାସ୍ଥ୍ୟକର୍ମୀମାନେ ଧାରଣାରୁ କ୍ଷାନ୍ତ ରୁହନ୍ତୁ : ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୦୮।୦୧ (ନି.ପ୍ର): କୋଭିଡ-୧୯ ର ମୁକାବିଲା ନିମନ୍ତେ ଅସ୍ଥାୟୀ ଭାବେ ନିଯୁକ୍ତି କରାଯାଇଥିବା ଏଏନଏମ୍ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପୁନଃ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୋଜନା ନାହିଁ । ଏଣୁ ଧାରଣାରତ ସମସ୍ତ ଏଏନଏମ୍ ଓ ସ୍ୱାସ୍ଥ୍ୟକର୍ମୀମାନେ ଅର୍ଥ ଆଦାୟ କରୁଥିବା ବ୍ୟକ୍ତିମାନଙ୍କ ଚକ୍ରାନ୍ତର ଶିକାର ନହୋଇ ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ ଏବଂ ଧାରଣରୁ କ୍ଷାନ୍ତ ହୁଅନ୍ତୁ ବୋଲି ଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିବେଦନ କରିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ କୋଭିଡ-୧୯ର ମୁକାବିଲା ନିମନ୍ତେ ଯେଉଁ ଏଏନଏମ୍ ଓ ସ୍ୱାସ୍ଥ୍ୟ କର୍ମୀମାନେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିଲେ ଏବଂ ପୁନଃ ନିଯୁକ୍ତି ଦାବିରେ ଧାରଣା ଦେଇଛନ୍ତି, ସେମାନେ ସମ୍ପୂର୍ଣ୍ଣ ରୂପେ ଅବଗତ ଥିଲେ ଯେ, ଏହି ନିଯୁକ୍ତି କେବଳ କୋଭିଡ-୧୯ ର ମୁକାବିଲା ନିମନ୍ତେ ଦିଆଯାଇଥିଲା ଏବଂ ତାହା ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଥିଲା । ଏହା ଜାଣି ସୁଦ୍ଧା ଅକାରଣରେ ସେମାନେ ବିଗତ କିଛି ଦିନ ଧରି ଧାରଣାରେ ବସିଛନ୍ତି । କିଛି ଅସାଧୁ ବ୍ୟକ୍ତି ବିଶେଷ, ଏହି ଧାରଣାରତ ଅକ୍ତଗ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପୁନଃ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି । ଏହିପରି ଅର୍ଥ ଆଦାୟ କରୁଥିବା ତିନିଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି ।

## ଚାଷୀ ଆନ୍ଦୋଳନ ପାଇଁ କିଷାନ କଂଗ୍ରେସ କରିବ 'ଚାଷୀ ପଞ୍ଚାୟତ'




ଭଦ୍ରକ,୦୮।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ବିରୋଧରେ ଜନ ସମର୍ଥନ ପାଇଁ ଭଦ୍ରକ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ଶିବିର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲ୍ଲା କିଷାନ କଂଗ୍ରେସ ସଭାପତି ନରନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ସହ ରାଜ୍ୟ ସରକାର ବର୍ତ୍ତମାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଅତିରିକ୍ତ ୫ଶହ ଟଙ୍କା ବୋନସ ପ୍ରଦାନ ପାଇଁ ଦାବୀ କରାଯାଇଛି । ଦେଶର ଜିଡିପି ବୃଦ୍ଧିରେ କୃଷକମାନଙ୍କର ମୁଖ୍ୟ ଭୂମିକା ଥିବା ବେଳେ କୃଷକମାନଙ୍କ ପାଇଁ କାହିଁକି ଅବହେଳା ବୋଲି କିଷାନ କଂଗ୍ରେସ ପ୍ରଶ୍ନ କରିଛି । ଚାଷୀମାନଙ୍କୁ ସର୍ବସ୍ୱାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କର ଏହି ହୀନ ପ୍ରୟାସକୁ ପ୍ରତ୍ୟେକ ବ୍ଲକ ସ୍ତରରେ 'ଚାଷୀ ପଞ୍ଚାୟତ' ମାଧ୍ୟମରେ କୃଷକମାନଙ୍କୁ ସଚେତନ କରି କେନ୍ଦ୍ର ସରକାର ବିରୁଦ୍ଧରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତି ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ, ନଳିନୀକାନ୍ତ ମହାନ୍ତି, ଗଣେଶ ଚନ୍ଦ୍ର ଭାରତୀ, ନିରଞ୍ଜନ ନାୟକ, ନଟବର ରାଉଳ, ସୁଧିର ଖଟୁଆ, ଅଭିରାମ ମଲ୍ଲିକ, ବୃନ୍ଦାବନ ଜେନା, ରବୀନ୍ଦ୍ର ରାୟ, ନିରଞ୍ଜନ ମଲ୍ଲିକ, ଅନନ୍ତ ଦାସ, ହରେନ୍ଦ୍ର ମହାନ୍ତି, ଅମୂଲ୍ୟ ବେହେରା, ବୈିଲୋଚନ ପଣ୍ଡା, ଅମିୟ ରାଉତ, ବିଦ୍ୟାଧର ଜେନା, ପ୍ରଶାନ୍ତ ବରାଳ ପ୍ରମୁଖ ଯୋଗ ଦେଇଥିଲେ ।

## ରାସ୍ତା ପାଲଟିଛି ଧାନଖଳା : ଛଣ ଓ କୁଟାରେ ଭର୍ତ୍ତି ଯାତାୟତ ପଥ : ଗମନାଗମନରେ ବାଧା : ବଢୁଛି ଦୁର୍ଘଟଣା

ଧାମନଗର,୦୮।୦୧ (ନି.ପ୍ର): ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ସରକାରୀ ପିଚୁ ଓ କଂକ୍ରିଟ ରାସ୍ତା ପାଲଟିଛି ଧାନଖଳା । ଗ୍ରଷୀଟିଏ ବିନା ପରିଶ୍ରମ ଓ ସ୍ୱଳ୍ପ ଖର୍ଚ୍ଚରେ ତା'ର ଫସଲ ଅମଳ ପାଇଁ ଲକ୍ଷ୍ୟ ରଖୁଛି । ପୂର୍ବରୁ ଧାନପାଚିଲେ ତାକୁ କାଟି ବଳଦ ଅବା ଭାର ସାହାଯ୍ୟରେ ବୋହି ବର୍ଷ ଯାକର ପରିଶ୍ରମର ଫଳ ସ୍ୱରୁପ ଫସଲକୁ ଆମଦାନି କରି ଖଳାକୁ ଆଣୁଥିଲା ଗ୍ରଷୀ । ଏବେ ବହୁ ଜଳଜମି ବା ଗ୍ରଷଜମି ଥିବା ପ୍ରାୟ ଗ୍ରଷୀ ଗ୍ରଷ ନକରି ନିଜ ଜମିକୁ ଭାଗ ବଖରା ଦେଉଛନ୍ତି । ସେମାନଙ୍କ ଜମି ଗ୍ରଷକରି ଗରିବ ଗ୍ରଷୀଟିଏ ଜାଗା ଅଭାବ ହେଉ ଅଥବା ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ପାଇଁ ହେଉ ରାସ୍ତା ଘାଟରେ ସେହି ଅମଳ କଚଡ଼ା ଓ ଧାନମିଶା କୁଟାକୁ ପକାଇ ଫସଲ ଆମଦାନି କରୁଛି ।



ଗମନା ଗମନ କ୍ଷେତ୍ରରେ ସୁବିଧା ପାଇଁ ସରକାର ଗ୍ରାମାଞ୍ଚଳରେ ବିଭିନ୍ନ ରାସ୍ତାକୁ ସମିତି ରାସ୍ତା, ଗ୍ରାମ୍ୟ ଉନ୍ନୟନ ରାସ୍ତା, ପ୍ରଧାନମନ୍ତ୍ରୀ ସଡ଼କ ଓ ପୂର୍ତ୍ତ ରାସ୍ତାର ମାନ୍ୟତା ଦେଇ କଂକ୍ରିଟ ଓ ପିଚୁ ସଡ଼କ ମାନ ନିର୍ମାଣ କରୁଛନ୍ତି । ମାତ୍ର ସେହି ସବୁ ପ୍ରମୁଖ ରାସ୍ତାରେ ଗ୍ରଷୀମାନେ ଛଣ, କୁଟା ଇତ୍ୟାଦି ପକାଇ ଧାନ ଅମଳ କରୁଛନ୍ତି । କେତେକ ସ୍ଥାନରେ ଗ୍ରଷୀ ମାନେ ପ୍ରମୁଖ ଚଳାଚଳ ରାସ୍ତା ଅବରୋଧ କରି ଧାନପିଟା ମେସିନିରେ ଧାନ ପିଟୁଛନ୍ତି । ଫଳରେ ଯାତାୟତରେ ଘୋର ବାଧା ଉପୁଜୁଛି । ରାସ୍ତାରେ ପଡ଼ିଥିବା ଛଣ ଓ ଗଣ୍ଡିକୁଟା ଏତେ ବହୁଳ ପରିମାଣରେ ପଡୁଛିଯେ ବାଇକ୍ ନେଇ ଯାଉଥିବା ଆରୋହିଙ୍କ ଗାଡ଼ିଚକା ସ୍ଲିପ କରିବା ଦ୍ୱାରା ଦୁର୍ଘଟଣା ଘଟୁଛି । ଅବଶ୍ୟ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରାସ୍ତାରେ ଛଣ ଓ କୁଟା ପକାଇ ଧାନ ଅମଳକୁ ବେଆଇନ୍ ଦର୍ଶାଇ ଡ଼ାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି । ତେବେ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟ ବହୁଳ ଭାବରେ ହେଉଥିବାରୁ ଏହା ଆରୋହିଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏବେ ପ୍ରାୟ ଧାନକଟା ମେସିନ ଦ୍ୱାରା ଧାନ ଅମଳ ହେଉଥିଲେ ହେଁ ବହୁ ଗ୍ରଷୀ ଦା'ରେ ଧାନକାଟି ରାସ୍ତାରେ ଖଳାକରି ଧାନ ଅମଳ କରୁଛନ୍ତି । ତେବେ ପୂର୍ବରୁ ଧାନ ପାଚିଲେ ଗ୍ରଷୀଟିଏ ବାଡ଼ି ସଫାକରି ତାକୁ ମାଟି ଗୋବରରେ ଲିପି ଧାନଖଳା କରେ । ସେଠାରେ ଧାନଗଦା ଦିଆଯାଇ ଗଦାକୁ ପୂଜା କରାଯିବାପରେ କଚଡ଼ା ପିଟାଯାଇ ଧାନ ଅମଳ ହୁଏ । ଏବେ ପଶୁ ସମ୍ପଦ ଧିରେ ଧିରେ ଲୁପ୍ତ ହେଉଥିବାବେଳେ ଗୁହାଳେ ଗାଇ ଗୋରୁ ଅଭାବ ହେବାଯୋଗୁ ଗୋବର (ଗୋମୟ) ସାତ ସପନ ହୋଇଛି । ଏଣୁ ଗ୍ରଷୀଟିଏ ସରକାରୀ ନିର୍ମିତ ଗମନା ଗମନ ସଡ଼କକୁ ଧାନଖଳା କରୁଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାସହ ଜନ ସଚେତନତା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜାତୀୟ ଚିଲିକା ପକ୍ଷୀ ....

ଏହି ଜାତୀୟ ଚିଲିକା ପକ୍ଷୀ ଉତ୍ସବକୁ ପକ୍ଷୀପ୍ରେମୀ ପର୍ଯ୍ୟଟକ ମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱାଗତ କରି ଓଡ଼ିଶା ପର୍ଯ୍ୟଟନ ଓ ଇକୋଟୁର ଓଡ଼ିଶାର ଏହି ଅନନ୍ୟ ଉଦ୍ୟମ ଅଭିନନ୍ଦନୀୟ ବୋଲି କହିଥିଲେ । ରାଜ୍ୟର ସାତକୋଶିଆ ଗଣ୍ଡ, ଭିତରକନିକା ଜାତୀୟ ଉଦ୍ୟାନ, ଚନ୍ଦକା ଡମପଡ଼ା ଅଭୟାରଣ୍ୟ ଓ ଅନ୍ୟ ଆକର୍ଷଣୀୟ ସ୍ଥାନ ଗୁଡ଼ିକୁ ପରିଦର୍ଶନ କରି ପର୍ଯ୍ୟଟକମାନେ ଅପାର ଆନନ୍ଦ ପାଆନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଲୋକସେବା ଭବନସ୍ଥିତ କନ୍ଭେନସନ୍ ସେଂଟରରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ ଯେ, ଚିଲିକା ହ୍ରଦ ୧୯୮୧ ମସିହାରେ ଦେଶର ପ୍ରଥମ ରାମ୍ସାରସ୍ଥଳୀ ଭାବେ ସ୍ୱୀକୃତି ପାଇଥିଲା । କେବଳ ଆମ ରାଜ୍ୟ କାହିଁକି, ସାରା ବିଶ୍ୱର ଆଦ୍ରଭୂମି ଗୁଡ଼ିକ ମଧ୍ୟରେ ଚିଲିକାର ସ୍ଥାନ ସ୍ୱତନ୍ତ୍ର । ଚିଲିକା ହ୍ରଦ ଓଡ଼ିଶା ପର୍ଯ୍ୟଟନର ଆତ୍ମା କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଦେଶାଗତ ପକ୍ଷୀଙ୍କ ବୃହତମ ଆଶ୍ରୟସ୍ଥଳ ଭାବେ ଏସିଆ ଉପମହାଦେଶରେ ଚିଲିକା ହ୍ରଦ ସୁଖ୍ୟାତି ବହନ କରିଛି ।

## ପୁଲିସକୁ ବଡ଼ ସଫଳତା...

ଗୋଟିଏ ଦେଶୀ ପିସ୍ତଲ, ଝୋଲାଠାରୁ ଗୋଟିଏ ଖେଳାଣା ବନ୍ଧୁକ ଏବଂ ଦେବୁ ଓ ଚଗୁଲୁଠାରୁ ଲୁହାରଡ଼ ପୁଲିସ ଜବତ କରିଛି । ଗତ ୪ ତାରିଖରେ ହୋଇଥିବା ୧୬ ନଂ ଜାତୀୟ ରାଜପଥର ଖନ୍ତାପଡ଼ାଠାରେ ହୋଇଥିବା ଗୁଳିକାଣ୍ଡରେ ବଳରାମଗଡ଼ିର ଶେଖ୍ ଜାଫର ଓରଫ୍ ଜବର ସହ ଜୟୀ ଥିବା ନେଇ ପଚରାଉଚୁରା ବେଳେ ପୁଲିସ ଆଗରେ ସେମାନେ ମାନିଛନ୍ତି । ୪ ତାରିଖ ସଂଧ୍ୟାରେ ବିପୁଳ ଅର୍ଥ ନେଇ ବାଲେଶ୍ୱରକୁ ଡ୍ୟୁପ୍ଲିକେଟ୍ ସୁନାପୂର୍ତ୍ତି ବିକ୍ରି-କ୍ରୟ ପାଇଁ ବାହାର ଜିଲ୍ଲାରୁ ଆସିଥିବା ଦୁଇଜଣ ବ୍ୟକ୍ତିଙ୍କ ଉପରକୁ ଜୟୀ ଗୁଳି ଚଳାଇଥିବା ପୁଲିସ ଆଗରେ ପ୍ରକାଶ କରିଛି । ଏନେଇ ଖନ୍ତାପଡ଼ା ଥାନାରେ ୪/୪.୧.୨୧ ନଂର ମାମଲା ରୁଜୁ ହୋଇଛି । କୁଖ୍ୟାତ ଡକାୟତ ଜୟୀ ବିରୋଧରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନାରେ ୧୩ ଅପରାଧିକ ମାମଲା ଅଛି । ମୋଷ୍ଟ ୱାଣ୍ଟେଡ୍ ଫେରାର ଅପରାଧୀ ଭାବେ ଜୟୀକୁ ଧରିବା ପାଇଁ ଉଭୟ ଜିଲାର ପୁଲିସ ଦୀର୍ଘଦିନ ଧରି ଉଦ୍ୟମ ଜାରି ରଖିଥିଲା । ତେବେ ସହଦେବଖୁଣ୍ଟା ଥାନା ପକ୍ଷରୁ ୧୪/୨୧ ନଂର ମାମଲା ରୁଜୁ ସହ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେହିଭଳି ଅନ୍ୟଏକ ଛିନ୍ତାଇ ମାମଲାରେ ସହଦେବଖୁଣ୍ଟା ପୁଲିସ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୭ ଲକ୍ଷ ୧୭ ହଜାର ୫୮୨ ଟଙ୍କା ଜବତ କରିଛି । ସେମାନେ ହେଲେ ଜଗଦୀଶ ନାୟକ, ପ୍ରେମ ଓରଫ୍ ସାଗର ରାଉଳ, ବଳିଆ ଓରଫ୍ ରବିନାରାୟଣ ସାହୁ ଓ ରାଜୁ ଓରଫ୍ ଦିଲ୍ଲୀପ ବାରିକ । ରାଇଟର ବିଜିନେସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାର ମାଲିକ ଗନେଶ ଚନ୍ଦ୍ର ହୁଇ ଗତ ୫ ତାରିଖ ଦିନ ଟଙ୍କା ନେଇ ଯାଉଥିବା ବେଳେ ପୁରୁଣା ସୁଜକି ଗଳି ନିକଟରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଭୁଜାଲି ଦେଖାଇ ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼େଇ ଚମ୍ପଟ ମାରିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ନେଇ ପୁଲିସ ସେମାନଙ୍କୁ ଆଜି ଗିରଫ କରିଥିବା ବେଳେ ସେମାନଙ୍କଠାରୁ ଚୋରୀ ହୋଇଥିବା ସମସ୍ତ ଟଙ୍କା ସହ ଦୁଇଗୋଟି ମୋଟରସାଇକେଲ ଓ ୩ ଗୋଟି ମୋବାଇଲ ଫୋନ୍ ଜବତ୍ କରାଯାଇଛି ବୋଲି ଏସପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ମିଶ୍ରଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ଅଷ୍ଟମ ରାଉଣ୍ଡ ବୈଠକରେ....

ଫଳରେ ପ୍ରାୟ ଅଢେଇ ଘଂଟାର ଆଲୋଚନା ବିନା ନିଷ୍କର୍ସରେ ଶେଷ ହୋଇଛି । ଜାନୁଆରୀ ୧୫ରେ ପୁଣି ବସିବ ବୈଠକ । ଚାଷୀ ନେତାଙ୍କ ସହିତ ଆଲୋଚନାରେ ଏବେ ବାହାରି ପାରିନି କିଛି ବାଟ । କେନ୍ଦ୍ର ସରକାର ଜାତୀୟ ସ୍ୱାର୍ଥ ପ୍ରତି ଧ୍ୟାନ ଦେବାକୁ ଚାଷୀ ନେତାଙ୍କୁ କହିଛନ୍ତି । ତେବେ । ବୈଠକରେ ଚାଷୀ ସଂଗଠନ ଦେଖାଇଛନ୍ତି କଠୋର ଆଭିମୁଖ୍ୟ । ଗୋଟିଏ ଦାବି ଆମେ ମରିବୁ, ନହେଲେ ଜିତିବୁ । ଏପରି ଲେଖା ଦେଖାଇବା ପରେ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ସରେ ସରିଛି । ତେବେ କୌଣସି କୋର୍ଟ କଚେରୀ ନୁହଁ , ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଛି ଚାଷୀ ସଂଗଠନ । ସରକାର ସାତ ଶହ ଥର ଆଲୋଚନା ପାଇଁ ଡାକିଲେ ମଧ୍ୟ ଆସିବାକୁ ରାଜିଥିବା ସ୍ୱଷ୍ଟ କରିଛନ୍ତି ଚାଷୀ ନେତା । କିନ୍ତୁ ସେହି ଗୋଟିଏ ଦାବି , ଆଇନ ପ୍ରତ୍ୟାହାର ନହେଲେ ଆଗକୁ ତେଜିବ ଆନ୍ଦୋଳନ । ଦିଲ୍ଲୀରେ ପ୍ରବଳ ଜାଡ ଭିତରେ ଜାରି ରହିଛି ଚାଷୀ ଆନ୍ଦୋଳନ । ଏହାରି ଭିତରେ ଆଗକୁ ୨୬ ଜାନୁଆରୀରେ ଚାଷୀ ଟ୍ରାକ୍ଟର ରାଲି କରିବାର ଧମକ ଦେବା ପରେ କେନ୍ଦ୍ର ସରକାର ଏହା ଆଗରୁ ଆଲୋଚନାରେ ଫଳାଫଳ ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି ।

## ମଣ୍ଡିକୁ ମିଳୁଥିବା କେନ୍ଦ୍ରୀୟ....

କାହିଁକି କିଣୁନାହାନ୍ତି ବୋଲି ଶ୍ରୀ ତୋମର୍ ପ୍ରଶ୍ନ କରିଥିଲେ । କେନ୍ଦ୍ରସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂଆ କୃଷି ଆଇନ ମଧ୍ୟସ୍ଥି ବା ଦଲାଲୀ ବ୍ୟବସ୍ଥାର ପୂର୍ଣ୍ଣଚ୍ଛେଦ ପକାଇବ । ଓଡିଶାରେ ମିଲ୍ ମାଲିକ ଓ ରାଜ୍ୟସରକାରଙ୍କ ମଧୁ ଚନ୍ଦ୍ରିକା ପାଇଁ ମଣ୍ଡିକୁ ମିଳୁଥିବା କେନ୍ଦ୍ରୀୟ ଅର୍ଥର ହରିଲୁଟ୍ ହେଉଛି । ଏମଏସପି କେନ୍ଦ୍ର ସରକାର ଦେଉଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅସହଯୋଗ ଏବଂ ଦଲାଲି ବ୍ୟବସ୍ଥା ଯୋଗୁଁ ଓଡିଶାରେ ଚାଷୀ ତା'ର ସୁଫଳ ପାଇପାରୁନାହିଁ ବୋଲି ଶ୍ରୀ ତୋମର କହିଛନ୍ତି । ଏହି ଅଭିଯାନରେ ପୂର୍ବତନ ମନ୍ତ୍ରୀ କେ.ଭି. ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ମହେଶ୍ୱର ସାହୁ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ୍ ଦାସ ପ୍ରମୁଖ ସାମିଲ ହୋଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ରନାଥ ନାୟକଙ୍କ ସଂଯୋଜନାରେ ଆୟୋଜିତ କୃଷକ ପଂଚାୟତରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଜେନା, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଓ ଦିଲ୍ଲିପ ସ୍ୱାଇଁ, ସଂପାଦକ ଅଶୋକ ମହାନ୍ତି ଓ ଲିଙ୍ଗରାଜ ବାରିକ, ସଂଯୋଜକ ସରୋଜ ସାହୁ, ବିକ୍ରମ ରାଉତରାୟ, ବିଶ୍ୱଜିତ୍ ସ୍ୱାଇଁ ଓ ଲକ୍ଷ୍ମୀକାନ୍ତ ମିଶ୍ର, ବସନ୍ତ ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ସ୍ଥାନୀୟ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଲିସକୁ ବଡ଼ ସଫଳତା....

ସ୍କୁଲ ଖୋଲିବା ପରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଶୁକ୍ରବାର ଦିନ ରାଜଧାନୀରେ ଥିବା କିଛି ସ୍କୁଲ ପରିଦର୍ଶନ କରିଥିଲେ । ଏହି ଅବସରରେମନ୍ତ୍ରୀ କହିଛନ୍ତି ଯେ ପିଲାମାନେ ଆଗ୍ରହର ସହ ସ୍କୁଲ ଖୋଲିବାକୁ ଅପେକ୍ଷା କରିଥିଲେ । କାହାକୁ ସ୍କୁଲ ବା କଲେଜକୁ ଆସିବା ପାଇଁ ବାଧ କରିନାହୁଁ । ଯେଉଁମାନେ ସ୍କୁଲ ଆସିବେ, ସେମାନଙ୍କୁ ଅଭିଭାବକଙ୍କ ସହମତି ଆଣିବାକୁ କୁହାଯାଇଥିଲା । ଆଜି ମଧ୍ୟ ଯେଉଁ ପିଲାମାନେ ସ୍କୁଲ ଆସିଛନ୍ତି, ସେମାନେ ସାମାଜିକ ଦୂରତା ଅବଲମ୍ବନ କରି ଧାଡ଼ିରେ ଛିଡ଼ା ହୋଇ କାଉଂଟରରେ ଅବିଭାବକଙ୍କ ସହମତି ଦେଇଛନ୍ତି । ଆସନ୍ତାକାଲିଠାରୁ ଶ୍ରେଣୀଗୃହ ଆରମ୍ଭ ହେବ । ମନ୍ତ୍ରୀ ଆହୁରି କହିଛନ୍ତି, ଅନଲାଇନରେ ଯେଉଁ ପାଠପଢ଼ା ହୋଇଥିଲା, ସେହି କୋର୍ସକୁ ପୁଣିଥରେ ଅଫଲାଇନରେ ଆରମ୍ଭ କରାଯିବ । ସମସ୍ତ କୋର୍ସକୁ ଆମେ ୧୦୦ ଦିନ ଭିତରେ ସାରିବାକୁ ଲକ୍ଷ୍ୟ ରଖିଛୁ । ଏହାଛଡ଼ା ଏଣିକି ପ୍ରତି ରବିବାର ମଧ୍ୟ କ୍ଲାସ୍ ହେବ । ଆଜି ଆମର ସବୁ ଜିଲ୍ଲାକୁ ନୋଡାଲ୍ ଅଫିସର୍ ଯାଇଛନ୍ତି । ଯେହେତୁ ଆଜି ସ୍କୁଲ୍ ଖୋଲୁଛି, ତେଣୁ ଆଜି ମଧ୍ୟ ସବୁ ସ୍କୁଲ ଓ କଲେଜକୁ ଅଫିସରମାନେ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଛନ୍ତି । ସ୍କୁଲ ଓ କଲେଜରେ କ'ଣ ସବୁ ଅଭାବ ରହିଛି, ସେସବୁର ତଦାରଖ କରିବେ । ରାଜ୍ୟ ସରକାରଙ୍କର ମୂଳ ନିର୍ଦ୍ଦେଶ ଥିଲା ଯେ ପିଲାମାନଙ୍କର ସ୍ୱାସ୍ଥ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ତେଣୁ ସେସବୁ ଏସଓପିକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିଥିବା କହିଛନ୍ତି ମନ୍ତ୍ରୀ ସମୀର ଦାଶ ।

## ଶେଷରେ ପରାଜୟ ସ୍ୱୀକାର....

ଭିଡିଓ ଜରିଆରେ ଟ୍ରମ୍ପ କହିଛନ୍ତି ଏବେ ଆମେରିକା ପାଇଁ କ୍ଷତ ଭରଣାର ସମୟ । ୨୦୨୦ରେ ଆମେରିକା ଯେଉଁ କଷ୍ଟକର ସମୟ ଦେଇ ଗତି କରିଛି, ୨୦୨୧ରେ ଏହାକୁ ଭରଣା କରିବାକୁ ହେବ । ଆମେରିକାରେ ଖୁବଶୀଘ୍ର ନୂଆ ପ୍ରଶାସନ ଦାୟିତ୍ୱ ଗ୍ରହଣ କରିବ । ଶାନ୍ତି ଶୃଙ୍ଖଳାର ସହ କ୍ଷମତା ହସ୍ତାନ୍ତର କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପଙ୍କ ଏହି ଭିଡିଓ ବାର୍ତ୍ତା ଗୋଟିଏ କଥା ସ୍ୱଷ୍ଟ କରୁଛି, କ୍ଷମତା ଅକ୍ତିଆର ପାଇଁ ଅନ୍ଧ ହୋଇଥିବା ଟ୍ରମ୍ପ ବୋଧହୁଏ, ହିଂସାକାଣ୍ଡ ପାଇଁ ପଶ୍ଚାତାପ କରୁଛନ୍ତି । ଯଦି ସମୟ ଆଗରୁ ଟ୍ରମ୍ପଙ୍କୁ ଗାଦି ଚ୍ୟୁତ କରାନଯାଏ , ଜାନୁଆରି ୨୦ ତାରିଖରେ ଆମେରିକାର ୪୬ ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ଜୋ-ବାଇଡେନ ।

## ମାହାଙ୍ଗା ଡବଲ ମର୍ଡର....

ଏହି ଦୁର୍ନୀତିଖୋରଙ୍କ ପଛରେ ଶାସକ ଦଳର ମନ୍ତ୍ରୀ ଛିଡ଼ା ହୋଇଛନ୍ତି । ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରି ପରୋକ୍ଷ ଭାବେ ହତ୍ୟାକାରୀଙ୍କୁ ସମର୍ଥନ କରୁଛନ୍ତି ମନ୍ତ୍ରୀ । ଏହାର ପ୍ରମାଣ ଥିବା ସତ୍ତ୍ୱେ ପୁଲିସ କେବଳ ୭ ଜଣଙ୍କୁ ଗିରଫ କରିଛି । ହେଲେ ଏଫ୍ ?ଆଇଆ ?ରେ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ପଚରାଉଚରା କରୁନି କି ଗିରଫ କରୁନାହିଁ । ଏଥିରୁ ସ୍ୱଷ୍ଟ ଭାବେ ଜଣାପଡୁଛି, ଏହି କ୍ଷେତ୍ରରେ ପୁଲିସ ସମ୍ପୂର୍ଣ୍ଣ ଅସହାୟ ।" ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି-"ମାହାଙ୍ଗା ବିଜେପି ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହଙ୍କ ହତ୍ୟାରେ ମାମଲାରେ ଯେଉଁ ୧୩ ଜଣଙ୍କ ନାଁରେ ଏଫ୍ଆଇଆର ରୁଜୁ ହୋଇଛି, ସେମାନଙ୍କୁ ପଚରାଉଚରା କରାଯାଉ । ହେଲେ ଏକ୍ଷେତ୍ରରେ ପୁଲିସ ଅସହାୟତା ପ୍ରକାଶ କରୁଛି । ଏ ସମ୍ପର୍କରେ ବହୁ ଆଲୋଚନା ପରେ ୧୦ ଦିନ ଭିତରେ ତଦନ୍ତ ସାରିବାକୁ ଡିଜିପି ଅଭୟ ପ୍ରତିଶ୍ରୁତି ଦେଇଛନ୍ତି ।"

## ଆଜିଠୁ ଖୋଲିଲା ବାବା....

ମଙ୍ଗଳ ଆଳତୀ ପରେ ଦର୍ଶନ ନିମନ୍ତେ ସୁଯୋଗ ଦିଆଯାଇଛି । ଆଜି ମନ୍ଦିର ପୂଜକଙ୍କ ପରିବାର ଲୋକେ ଦର୍ଶନ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଶନିବାର ଓ ରବିବାର ଦିନ ମଶ୍ୱେର ପଂଚାୟତ ଏବଂ ୧୧ ତାରିଖରୁ ସର୍ବସାଧାରଣ ଦର୍ଶନ ସୁଯୋଗ ମିଳିବ ବୋଲି ସୂଚନା ଦିଆ ଯାଇଛି । ସେହିପରି ଏଠାରେ ଗୋଟିଏ ଥରରେ ୫୦ ଜଣ ଭକ୍ତ ଦର୍ଶନ କରିପାରିବା ସହ ୬ ଫୁଟ୍ ଦୂରତା ରଖି ଭକ୍ତ ମାନେ ମନ୍ଦିର ପରିସରରେ ମହାଦେବଙ୍କୁ ଦର୍ଶନ କରିବାର ବ୍ୟବସ୍ଥା କରା ଯାଇଛି । ଅନୁରୂପ ଭାବେ ଦୀର୍ଘ ୯ ମାସ ପରେ କୋଭିଡ କଟକଣା ଭିତରେ ଆଜିଠୁ ସାଧାରଣ ଭକ୍ତଙ୍କ ପାଇଁ କଟକ ଚଣ୍ଡୀ ମନ୍ଦିର ମଧ୍ୟ ଖୋଲିଛି ।

## ୧୨ରୁ ଭୁବନେଶ୍ୱର....

ପ୍ରତିଦିନ ଭୋର ୪.୨୦ମିରେ ଛାଡ଼ି ଭୁବନେଶ୍ୱରରେ ପୂର୍ବାହ୍ନ ୧୦ ଘଟିକାରେ ପହଂଚିବ । ଏହି ଟ୍ରେନ୍ ଉଭୟ ଦିଗରୁ ଭୁବନେଶ୍ୱର ଏବଂ ବାଙ୍ଗିରିପୋସି ମଧ୍ୟରେ କଟକ, ଯାଜପୁର କେନ୍ଦୁଝର ରୋଡ଼, ଭଦ୍ରକ, ମାର୍କୋଣା, ସୋରୋ, ବାଲେଶ୍ୱର, ରୂପସା, ଠାକୁରତୋଟା, ଜଗପୁରା, ଜୋଗଲ୍, ବେତନଟୀ, କୃଷ୍ଣଚନ୍ଦ୍ରପୁର ଏବଂ ବାରିପଦା ଷ୍ଟେସନ ମାନଙ୍କରେ ରହଣି କରିବ ।

## ଶ୍ରମିକ-କର୍ମଚାରୀ ମିଳିତ ମଞ୍ଚର ଗଣଧାରଣା

ବାଲେଶ୍ୱର,୦୮।୦୧ (ନି.ପ୍ର): ବାଲେଶ୍ୱର ଜିଲାର ଅନ୍ୟତମ ବୃହତ ଓ ପୁରାତନ ଶିଳ୍ପାନୁଷ୍ଠାନ 'ବାଲେଶ୍ୱର ଆଲୋଏଜ'ର ଅଚଳାବସ୍ଥାକୁ ନେଇ 'ବାଲେଶ୍ୱର ଆଲୋଏଜ କଣ୍ଟ୍ରାକ୍ଟର-ଶ୍ରମିକ ଓ ଷ୍ଟାଫ୍ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦାବିନେଇ ୫ ଗୋଟି ଶ୍ରମିକ ସଂଗଠନକୁ ନେଇ ଗଠିତ ଏହି ମିଳିତ ମଞ୍ଚ ଓ ସେମାନଙ୍କ ପରିବାର ଲୋକେ ଏହି ଧାରଣାରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ସ୍ଥାନୀୟ ଟେକ୍ନିକାଲ ପର୍ଡ଼ିଆରୁ ଏକ ଶୋଭାଯାତ୍ରାରେ ଆସି ସେମାନେ ଜିଲ୍ଲାପାଳଙ୍କ ମୁଖ୍ୟଫାଟକ ଆଗରେ ବସି ରହିଥିଲେ। ଦୀର୍ଘଦିନ ଧରି କାରଖାନାକୁ ବିଦ୍ୟୁତ୍ ସଂଯୋଗ କାଟ କରାଯାଇଥିବା ବେଳେ ଉତ୍ପାଦନ ମଧ୍ୟ ବନ୍ଦ ରହିଛି। ତେବେ ବକେୟା ଦରମା ପ୍ରଦାନ ସହ କାରଖାନା କାର୍ଯ୍ୟକ୍ଷମ କରିବା ପାଇଁ ମଞ୍ଚ ପକ୍ଷରୁ ବାରମ୍ବାର ଦାବି କରାଯିବା ସହ ଗତ ଅକ୍ଟୋବର ୨୮ ତାରିଖରେ ଜାତୀୟ ରାଜପଥ ମଧ୍ୟ ଅବରୋଧ କରାଯାଇଥିଲା। ସେତେବେଳେ ପ୍ରଶାସନ ଓ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଶ୍ରମିକ ସଂଗଠନ ସହ ଆଲୋଚନା କରି କାରଖାନା କାର୍ଯ୍ୟକ୍ଷମ ଓ ବକେୟା ଦରମା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ପ୍ରତିଶ୍ରୁତି ପାଳନରେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା ଧାରଣାରତ ଶ୍ରମିକନେତାମାନେ ସୂଚନା ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଶ୍ରମିକମାନେ ଦୀର୍ଘ ସମୟ ଧାରଣାରେ ବସିବା ପରେ ଆମନ୍ତ୍ରଣ ପାଇ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏନେଇ ଖୁବଶୀଘ୍ର ଉଚିତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରୁ ପାଇବା ପରେ ମିଳିତ ମଞ୍ଚ ଧାରଣାରୁ ନିବୃତ ହୋଇଥିଲା।

## ଉଠାଜଳସେଚନ କର୍ମଚାରୀଙ୍କ ପକ୍ଷରୁ ଭବିଷ୍ୟନିଧି ଭବନ ସମ୍ମୁଖରେ ଗଣଧାରଣା ନିଷ୍ପତ୍ତି




ଜଳେଶ୍ୱର, ୮/୧ (ନିପ୍ର) : ଓଡିଶା ଉଠା ଜଳସେଚନ ନିଗମରେ ଦୀର୍ଘବର୍ଷଧରି କାର୍ଯ୍ୟକରି ଅବସର ନେଇଥିବା ବହୁ କର୍ମଚାରୀ ଇପିଏଫ ସଂସ୍ଥାରୁ ପେନ୍‌ସନ୍ ପାଉନଥିବା ଓ ପେନ୍‌ସନ୍ ପାଇଥିବା କର୍ମଚାରୀଙ୍କୁ ବଳକା ଅର୍ଥରାଶୀ ଫେରସ୍ତ ଦିଆଯାଉନଥିବାରୁ ଆସନ୍ତା ଜାନୁଆରୀ ୨୧ ତାରିଖରେ ନଗମ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି ଭବନସମ୍ମୁଖରେ ଗଣଧାରଣାରେ ବସିବାପାଇଁ ଆଜି ଶୁକ୍ରବାର ବାଲେଶ୍ୱର ଜିଲା ରାଇବଣିଆ କମ୍ୟୁନିଟି ସେଣ୍ଟର ସଭାଗୃହରେ ଏକ ଡିଭିଜନ୍ ସ୍ତରୀୟ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଶ୍ୟାମସୁନ୍ଦର ଦାସମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ କର୍ମଚାରୀ ଫେଡେରେସନ୍‌ର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ଏହାର ଆଇନ୍‌ଗତ ବିଭିନ୍ନ ଦିଗ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସର୍ବନିମ୍ନ ମାସିକ ପେନ୍‌ସନ୍ ୯ହଜାର ସହ ମହଙ୍ଗାଭତ୍ତା, ବେତନ ଅନୁପାତରେ ମାସିକ ପେନ୍‌ସନ ଓ ସରକାରୀ ଚିକିତ୍ସା ବୀମା ପାଇଁ ଏହି ସଭାରେ ଦାବି କରାଯାଇଥିଲା । ଏହି ସଭାରେ ଶ୍ୟାମସୁନ୍ଦର ଜେନା, ରତ୍ନାକର ପଣ୍ଡା, ମଧୁସୂଦନ ଜେନା, କମଳ ଲୋଚନା ଜେନା, ବିଷ୍ଣୁପଦ ଆଚାର୍ଯ୍ୟ, ସଦାନନ୍ଦ ଘୋଷ, ନବକୁମାର ଘୋଷ ପ୍ରମୁଖ ଉଦ୍‌ବୋଧନ ଦେଇ ଉପସ୍ଥିତ ସମସ୍ତ କର୍ମଚାରୀମାନଙ୍କୁ ଅଧିକ ସଂଗଠିତ ହେବାକୁ ପରାମର୍ଶ ଦେଇଥିଲେ । ଅନୁରୂପଭାବେ ଜଳେଶ୍ୱର ନୂଆବଜାର ଠାରେ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

## ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ: ବିଭାଗୀୟ କାର୍ଯ୍ୟକ୍ରମ ଅନୁଧ୍ୟାନ ସହ ଆଲୋଚନା

ବାରିପଦା,୦୮।୦୧ (ନି.ପ୍ର): ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ ମୟୂରଭଞ୍ଜ ଜିଲ୍ଲଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସରକାରଙ୍କ ଦ୍ୱାରା ଜିଲ୍ଲାରେ ବୈଷୟିକ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ପରିଚାଳିତ ଆଇଟିଆଇ, ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ / ପ୍ରତିଷ୍ଠାନ ପରିଦର୍ଶନ କରିବା ସହ ବୈଷୟିକ ତାଲିକ ଶିକ୍ଷା ତଥା ଭିତ୍ତିଭୂମି ବିକାଶ ଆଦି କାର୍ଯ୍ୟକ୍ରମ ଅନୁଧାନ କରିଥିଲେ । ଜିଲ୍ଲାଗସ୍ତ ଅବସରରେ ତା.୦୭.୦୧.୨୦୨୧ ରିଖରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ନାୟକ ପ୍ରଥମେ ବାରିପଦାସ୍ଥିତ ତକତପୁର ଆଇଟିଆଇ, ପ୍ରତିଷ୍ଠାନ ପରିଦର୍ଶନ କରି ସେଠାରେ ଶିକ୍ଷାର୍ଥୀମାନଙ୍କୁ ନେଇ ଆୟୋଜିତ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ଶିଳ୍ପ ଭିତିକ ଓ ବୈଷୟିକ ଶିକ୍ଷାର ବିକାଶ ପାଇଁ ସରାକରଙ୍କପକ୍ଷରୁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପରିଚାଳିତ ଶିକ୍ଷା ପ୍ରତିଷ୍ଠାନମାନଙ୍କରେ ଉତମ ଶିକ୍ଷା ପ୍ରଦାନ ଦିଗରେ ବିଶେଷ ଧ୍ୟାନ ଦେଇ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ଉଲ୍ଲେଖ କରିବା ସହିତ ଏ ଦିଗରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି / ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ବୋଲି ପ୍ରକାଶ କରିଥିଲେ । ଏ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଉତ୍ତମ ବୈଷୟିକ ଶିକ୍ଷା ଅର୍ଜନ କରି ନିଜର ଜ୍ଞାନ ଦକ୍ଷତା ଓ ଉତ୍କର୍ଷତା ପ୍ରତିପାଦନ କରି ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ଅଧକ୍ଷ ସୁରେଶ ଚନ୍ଦ୍ର ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଆଇ ପକ୍ଷରୁ ବୈଷୟିକ ଶିକ୍ଷା ସଂପର୍କୀତ ଶ୍ରୀଜନ ସୂଚନା ପୁସ୍ତିକା ଉନ୍ମୋଚନ କରିଥିଲେ। ତତ୍‌ପରେ ମନ୍ତ୍ରୀ ବାରିପଦା ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ପ୍ରତିଷ୍ଠାନ ପରଦର୍ଶନରେ ଯାଇ ତାଲିମ ବ୍ୟବସ୍ଥା ଅନୁଧାନ କରି ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନାରେ ବୈଷୟିକ ତାଲିମ ଶିକ୍ଷା ସଂପର୍କରେ ପଚାରି ବୁଝିଥିଲେ। ସେହିପରି ବାରିପଦା ଟିକରପଡା ସରକାରୀ ପଲିଟେକ୍‌ନିକ ବୈଷୟିକ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଉକ୍ତ ଅନୁଷ୍ଠାନର ଭିତ୍ତିଭୂମି ବିକାଶ



କାର୍ଯ୍ୟକ୍ରମ ଅନୁଧାନ କରିବା ସହିତ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ନିୟୋଜନ ଅଧିକାରୀ ଡିଓନିଶ୍ ଜର୍ଜ ଲାକ୍ରା, ତକତପୁର ବୈଷୟିକ ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧକ୍ଷ ସୁରେଶ ଚନ୍ଦ୍ର ପାଢୀ, ପୂର୍ଣ୍ଣଚନ୍ଦ୍ର ଶିଳ୍ପତାଲିମ ପ୍ରତିଷ୍ଠାନ ଅଧକ୍ଷ କାନ୍ଦନ ମାଝୀ, ସରକାରୀ ପଲିଟେକ୍‌ନିକ୍ ଟିକରପଡା ବାରିପଦା, ଅଧକ୍ଷ ଚିନ୍ମୟ ମହାପାତ୍ର ପ୍ରମୁଖ ସମେତ ସଂପୃକ୍ତ ଅଧାପକ / ଅଧାପିକା ଉପସ୍ଥିତ ରହି ବିଭାଗ କାର୍ଯ୍ୟଧାରା ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଅପରାହ୍ନରେ ମନ୍ତ୍ରୀ ଶିମିଳିପାଳ ବନାଂଚଳ(ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ)ଗସ୍ତ କରିଥିଲେ।

## ଉଠା ଦେକାନୀଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୦୮।୦୧ (ନି.ପ୍ର): ଦିବଂଗତ ଉଠାଦେକାନୀ କମଳ ଲୋଚନ ବେହେରାଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ପଥ ବିକ୍ରେତା ସଂଘ ପକ୍ଷରୁ ସିନେମାଛକଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର କର୍ମକର୍ତ୍ତା ମହିନୀ ମୋହନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଦାସ, ମନୋରଂଜନ ଦାସ, ଗଜେନ୍ଦ୍ର ଦାସ, ଅନନ୍ତ ରଂଜନ ସିଂ, ଅଶୋକ କୁମାର ଅଗ୍ରୱାଲ, ରାକେଶ ଦ୍ୱିବେଦୀ, କୈଳାସ ଚନ୍ଦ୍ର ମହାନ୍ତ, ବଳରାମ ପୃଷ୍ଟି, ସନାତନ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଦିବଂଗତ ଦୋକାନୀ ସ୍ୱର୍ଗତ ବେହେରାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଉଠାଦୋକାନୀଙ୍କ ସ୍ୱାର୍ଥରକ୍ଷା ଦିଗରେ ସେ ସର୍ବଦା ଚେଷ୍ଟା କରୁଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ତାଙ୍କର ଅବର୍ତ୍ତମାନ ଉଠା ଦୋକାନୀ ସଂଘର ସାଂଗଠନିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସଂଘ ପକ୍ଷରୁ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ହୃଦଘାତରେ ଆକ୍ରାନ୍ତ ହୋଇ ଗତ ୬ ତାରିଖ ଦିନ ଭୁବନେଶ୍ୱରରେ ତାଙ୍କର ଦେହାନ୍ତ ହୋଇଥିଲା।

## ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮।୦୧ (ନି.ପ୍ର): ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି ସହ ଶାସ୍ତ୍ରୀୟ ନୃତ୍ୟର ପ୍ରସାର କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ସର୍ବଦା ପ୍ରେରଣାର ଉତ୍ସ।

## ନିର୍ଭୟା ଯୋଜନାରେ ସବୁ ଥାନାକୁ ମିଳିଲା ହୀରୋ ସ୍କୁଟି

ବାଲେଶ୍ୱର,୦୮।୦୧ (ନି.ପ୍ର): ସମ୍ପ୍ରତି ବଢି ଚାଲିଥିବା ନାରୀ ନିର୍ଯାତନା ରୋକିବାକୁ କେନ୍ଦ୍ର ସରକାରଙ୍କ ନିର୍ଭୟା ଯୋଜନାରେ ପୁଲିସ ପେଟ୍ରୋଲିଂ ପାଇଁ ଦେଶର ସମସ୍ତ ଥାନାକୁ ସ୍କୁଟି ଗାଡ଼ି ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ମଧକ୍ ୨୦ ଥାନାକୁ ୨୦ଟି ହିରୋ ପ୍ଲେଜର ଗାଡି ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକୀୟ ୫୦୦ଟି ପ୍ଲେଜର ପ୍ଲସ ବିଏସ ୬ ଗାଡି ପାଇଁ ହିରୋ ମୋଟୋକର୍ପକୁ ଯୋଗାଣ ଆଦେଶ ଦିଆଯାଇଥିଲା । ହିରୋ ମୋଟୋକର୍ପ କମ୍ପାନିର ବାଲେଶ୍ୱର ଅଧିକୃତ ବିକ୍ରେତା ନୀଲମ ହିରୋ ପକ୍ଷରୁ ଏହି ୨୦ଟି ପ୍ଲେଜର ପ୍ଲସ ଗାଡି ଜିଲ୍ଲା ପୁଲିସକୁ ହସ୍ତାନ୍ତର କରାଯାଇଛି । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ସର୍ଜେଂଟ ପ୍ରବୀର କୁମାର କଁଅର ଉପସ୍ଥିତ ରହି ନୀଲମ ହିରୋ କର୍ତ୍ତୃପକ୍ଷଙ୍କ ଠାରୁ ଗାଡିଗୁଡିକୁ ଗ୍ରହଣ କରିଥିଲେ । ଆବଶ୍ୟକୀୟ ସ୍ଥାନରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏହା ବେଶ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ । ନୀଲମ ହିରୋର ପରିଚାଳନା ନିର୍ଦ୍ଦେଶକ-ନନ୍ଦକିଶୋର ସରାଓ୍ୱଗୀ, ନିର୍ଦ୍ଦେଶକ ମନୀଷ ସରାଓ୍ୱଗୀ ଓ ସେଲ୍‌ସ ହେଡ ଦେବକାନ୍ତ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ହିରୋ ପ୍ଲେଜର ବିଏସ ୬ ଗାଡିର ବୈଶିଷ୍ଟ ସମ୍ପର୍କରେ ସୂଚନା ଦେଇଥିଲେ ।

## ୯ ମାସ ପରେ ଜିଲ୍ଲାରେ ଖୋଲିଲା ୫୧୨ ହାଇସ୍କୁଲର ଦଶମ ଶ୍ରେଣୀ

### କରୋନା ପ୍ରତିହତ ପାଇଁ ବିଦ୍ୟାଳୟ ପକ୍ଷରୁ ସତର୍କତା ଗ୍ରହଣ



ବାଲେଶ୍ୱର,୦୮।୦୧ (ନି.ପ୍ର): କରୋନା ପ୍ରକୋପ ଯୋଗୁଁ ଦୀର୍ଘ ୯ମାସର ବନ୍ଦ ରହିଥିବା ସ୍କୁଲ ଆଜି ଖୋଲିଛି। ସମଗ୍ର ଓଡ଼ିଶାର ଦଶମରୁ ଚତୁର୍ଦ୍ଦ ଶ୍ରେଣୀର ଛାତ୍ରଛାତ୍ରୀମାନେ ସ୍କୁଲ କଲେଜକୁ ଆସିଛନ୍ତି। ଏହି କ୍ରମରେ ସରକାରଙ୍କ କୋଭିଡ୍ କଟକଣା ମାନି ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ହାଇସ୍କୁଲକୁ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଆସିଥିବା ଲକ୍ଷ୍ୟ କରାଯାଇଛି । ବିଦ୍ୟାଳୟମାନଙ୍କରେ ସାମାଜିକ ଦୂରତା ରକ୍ଷା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ସାନିଟାଜର ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ତେବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟାଳୟକୁ ଆସିବାର ଉତ୍ସାହ ଓ ଉଦ୍ଦୀପନା ବେଶ୍ ବାରି ହୋଇପଡ଼ିଛି। ଦୀର୍ଘ ୯ମାସ କାଳ ବିଦ୍ୟାଳୟ ବନ୍ଦ ରହିଥିଲେ ବି ସେମାନେ ଅନ୍‌ଲାଇନରେ ପାଠ ପଢୁଥିଲେ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ତେବେ ପାଠପଢ଼ା ବନ୍ଦ ହୋଇନଥିଲେ ବି ବିଦ୍ୟାଳୟକୁ ଆସିବା ପାଇଁ ସେମାନଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଥିଲା। ସରକାରଙ୍କ ନିର୍ଦ୍ଦେଶାନୁସାରେ ଅଭିଭାବକଙ୍କଠାରୁ ଅନୁମତିପତ୍ର ସହ ସେମାନେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟକୁ ଛାଡ଼ିବାକୁ ଆସିଥିବା ଅଭିଭାବକଙ୍କଠାରେ ମଧ୍ୟ ଅନୁରୂପ ଉତ୍ସାହ ଦେଖିବାକୁ ମିଳିଥିଲା। କୋଭିଡ୍ ନିୟମ ପାଳନ ପୂର୍ବକ ବିଦ୍ୟାଳୟ ଖୋଲିଥିବା ବେଳେ ମନକୁ କୌଣସି ଆଶଙ୍କା ନ ଆଣି ସେମାନେ ନିଜର ପିଲାଙ୍କୁ ବିଦ୍ୟାଳୟରେ ଛାଡ଼ିବାକୁ ଆଣିଥିବା କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂଠାରୁ ଆରମ୍ଭ କରି ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ଶ୍ରେଣୀଗୃହରେ ଅତିବେଶୀରେ ୨୫ ଜଣ ପିଲା ବସୁଥିବା ବେଳେ ସାମାଜିକ ଦୂରତା ରକ୍ଷା ପାଇଁ ଛାତ୍ରଛାତ୍ରୀ ଜଣେ ଅନ୍ୟଜଣଙ୍କଠାରୁ ଦେଢ଼ମିଟର ଦୂରରେ ବସୁଛି ବୋଲି ଶିକ୍ଷକ କହିଛନ୍ତି। କେବଳ ପର୍ବପର୍ବାଣୀ ବ୍ୟତୀତ ଅନ୍ୟ ସମସ୍ତ ଛୁଟିଦିନରେ ବିଦ୍ୟାଳୟରେ ପାଠପଢ଼ା ଯିବ। ୧୦ ଦିନର ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କୁ ମେଟ୍ରିକ ପରରୀକ୍ଷା ପାଇଁ ପ୍ରସ୍ତୁତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ତେବେ ବିଦ୍ୟାଳୟ ଖୋଲିବାର ପ୍ରଥମ ଦିନ ହୋଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ବିଭିନ୍ନ ସ୍କୁଲକୁ ଯାଇ କୋଭିଡ୍ ନିୟମ ପାଳନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶାନୁସାରେ ବାଲେଶ୍ୱରରେ ସବୁକିଛି ଠିକ୍‌ଠାକ ଚାଲିଥିବା ଶିକ୍ଷାଧିକାରୀ ଶ୍ରୀ ଗିରି ପ୍ରକାଶ କରିଛନ୍ତି।

## ଅଖିଳେଶ୍ୱର କ୍ଲବ ପକ୍ଷରୁ ୨୦୦ ଗରିବଙ୍କୁ କମ୍ବଳ ବଣ୍ଟନ



ଜଳେଶ୍ୱର, ୮/୧ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ କଟି ସାହି ପଂଚାୟତର ଗୋବର୍ଦ୍ଧନପୁର ଗ୍ରାମର ଅଖିଳେଶ୍ୱର କ୍ଲବ ଅନୁକୂଲ୍ୟରେ ୨୦୦ରୁ ଉର୍ଦ୍ଧ୍ୱ ଗରିବ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ପଂଚାୟତର କଟିସାହି, ବଂଗା, ପାଟଣା ସାହି, ଗୋବର୍ଦ୍ଧନପୁର ଗ୍ରାମର ଅନେକ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଜଳେଶ୍ୱର ଥାନା ଅଧିକାରୀ ମାନସ କୁମାର ଦେଓ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କ୍ଲବର ସଭାପତି ହେମନ୍ତ ଜେନା, ଅନୀଲ ନାଥ, ଅମିତ ନାଥ, ଆଶିଷ ଜେନା, ଗୌରାଙ୍ଗ ଜେନା, ସଂଜୟ ନାଥ, ପ୍ରଭାକର ନାଥ, ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏପରି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

## ମହୁରତ କରି ଆରମ୍ଭ ହେଲା ମେଲୋଡି କାର୍ଯ୍ୟକ୍ରମ




ଭଦ୍ରକ,୦୮।୦୧ (ନି.ପ୍ର): ଦୀର୍ଘ ୯/୧୦ ମାସ ଧରି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇ ଯାଇଥିବା କାରଣରୁ ମେଲୋଡି ପାର୍ଟି ମଧ ବନ୍ଦ ରହିଥିଲା। ତେବେ ସରକାର କୋଭିଡ଼ କଟକଣାକୁ କୋହଳ କଲା ପରେ ଅପେରା, ଥିଏଟର ଆଦି ଖୋଲାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହେବାରୁ ମେଲୋଡି କଳାକାରମାନଙ୍କ ମନରେ ଆନନ୍ଦ ଦେଖା ଦେଇଛି। ଦୀର୍ଘ ଦିନର ନିରବତା ପରେ ଭଦ୍ରକ କଳାକାର ସଂଘର ପ୍ରଚେଷ୍ଟା ଯୋଗୁ ମେଲୋଡି କଳାକାର ପୁଣି ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ମଞ୍ଚକୁ ଫେରିବାକୁ ପାଦ ବଢାଇଛନ୍ତି। ଭଦ୍ରକ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ମେଲୋଡି ଗୀତ ସମ୍ରାଟ୍ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ସମାଜସେବୀ, ବିଶିଷ୍ଟ ବ୍ୟବସାୟୀ ଉତ୍କଳ କେଶରୀ ମହାନ୍ତି ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଭାବେ ବରିଷ୍ଠ ଆଇନଜୀବୀ ଦିବ୍ୟସିଂ ନାୟକ, ଯାତ୍ରାଭିନେତା ସୁବାସ ବେହେରା, ହାସ୍ୟାଭିନେତା ନିମାଇଁ ଚରଣ ସାହୁ, ଉତ୍ସର୍ଗ ସେବା ସଂଗଠନର ପ୍ରତିଷ୍ଠାତା ଅପୂର୍ବ ରଂଜନ ବେହେରା, ଚଳଚ୍ଚିତ୍ର ସଂଗୀତ ନିର୍ଦ୍ଦେଶକ ସୁବାସ ରାମ, ଗୀତ୍ ସମ୍ରାଟର ପ୍ରତିଷ୍ଠାତା କୁମାର ଗୌତମ ଯୋଗ ଦେଇ କୋଭିଡ଼ କଳାକାରମାନଙ୍କ ଜୀବନ ଜୀବିକାକୁ କିପରି ଛଡାଇ ନେଇଛି ତାହା ବର୍ଣ୍ଣନା କରିଥିଲେ। ଏବେ ପୁଣି ସେହି ସୁଦିନ ଫେରି ଆସିବ ବୋଲି କଳାକାରମାନେ ଆଶାବ୍ୟକ୍ତ କରିଥିଲେ। ମଞ୍ଚ ହିଁ କଳାକାରଙ୍କ ଜୀବନ, ମଞ୍ଚ ଫେରିଥିବାରୁ କଳାକାରମାନେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ବୋଲି ଅତିଥିମାନେ କହିଥିଲେ।

## ଚଳିତ ଜାନୁଆରୀ ୧୭ରେ ଜନ୍ମରୁ ୫ବର୍ଷ ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ



ବାରିପଦା,୦୮।୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଜାନୁୟାରୀ ମାସ ୧୭ ତାରିଖ ଦିନ ଜନ୍ମରୁ ୫ବର୍ଷ ବୟସ ସମସ୍ତ ଶିଶୁପିଲାଙ୍କୁ ସମନ୍ୱିତ ପଲସ୍ ପୋଲିଓ ବୁନ୍ଦା ନିକଟସ୍ତ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟରେ ନିର୍ଦ୍ଧାରିତ ଥିବା ପୋଲିଓ ବୁଥ୍‌ରେ ସକାଳ୮ଘଟିକାରୁ ୪ଘଟିକା ମଧ୍ୟରେ ପ୍ରଦାନ କରାଯିବ ଏବଂ ୧୮ ଓ ୧୯ ତାରିଖ ଘରକୁ ଘର ଯାଇ ରହିଯାଇଥିବା ଶିଶୁଙ୍କୁ ପୋଲିଓ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମର ସୁପରିଚାଳନା ତଥା ସନ୍ତଳ ରୂପାୟନ ସକାଶେ ତା.୦୭.୦୧.୨୦୨୧ ରିଖ ପୂର୍ବାହ୍ନରେ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀବିନୀତ ଭରଦ୍ୱାଜ ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ୱାସ୍ଥ୍ୟ ସମିତିରେ ଟାକ୍ସ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷ୍ୟକ ମୟୂରଭଞ୍ଜ ପି.ସ୍ମିତ ପରମାର ଭାପ୍ରସେ, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ଡା. ଶାନ୍ତନୁ କୁମାର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚାରୁବାଳା ରଥ, ଡା. ଜ୍ଞାନରଞ୍ଜନ ମହାନ୍ତି, ପ୍ରମୁଖ ସମେତ ସଂପୃକ୍ତ ସ୍ୱାସ୍ଥ୍ୟଧିକାରୀ, ଡିଏସ୍ ଡିବ୍ଲୁ, ସିଏସ୍‌ଓ, ସଂପୃକ୍ତ ଲାଇନ ବିଭାଗ ପଦାଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ଜିଲ୍ଲା ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ପରିଚାଳିତ ପଲସ୍ ପୋଲିଓ ଟୀକା ପ୍ରଦାନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରସ୍ତୁତି କାର୍ଯ୍ୟ ଖସଡା ସଂପର୍କରେ ସବିଶେଷ ଆଲୋଚନା କରାଯିବା ସହ କାର୍ଯ୍ୟକ୍ରମର ଶତପ୍ରତିଶତ ସନ୍ତଳରୂପାୟନ ଦିଗରେ କାର୍ଯ୍ୟ ସଂପାଦନ କରିବାକୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ଜିଲ୍ଲାରେ ୨ଲକ୍ଷ ୩୨ ହଜାର ୫୧୪ ଜଣ ଶିଶୁପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏଥି ପାଇଁ ଜିଲ୍ଲାରେ ୧୧୭୦ ଟି ପୋଲିଓ ବୁଥ୍ କେନ୍ଦ୍ର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର / ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଖୋଲାଯିବା ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରତି ବୁଥ୍‌ରେ ୨ଜଣ କରି ମୋଟ ୪,୬୮୦ ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ / ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ୨୩୦ ସଂପୃକ୍ତ ବିଭାଗୀୟ ପଦାଧିକାରୀଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯିବାକୁ ନିଷ୍ପତି ନିଆ ଯାଇଅଛି । ଜିଲ୍ଲାରେ ଥିବା ସମସ୍ତ ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁପିଲାଙ୍କୁ ଚଳିତ ଜାନୁୟାରୀ ୭ତାରିଖ ଦିନ ନିକଟସ୍ତ ପୋଲିଓ କେନ୍ଦ୍ରକୁ ନେଇ ପୋଲିଓ ବୁନ୍ଦା ଖୁଆଇ ଶିଶୁଙ୍କୁ ପୋଲିଓ ରୋଗମୁକ୍ତ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗପକ୍ଷରୁ ପରାମର୍ଶ ଦିଆଯାଇଅଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo